RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 • ISSUE-155 • MONDAY • 1 DECEMBER 2025 • PAGE-20 • ₹ 6.00 | BHUBANESWAR | • ବର୍ଷ-୪୩ • ସଂଖ୍ୟା-୧୫୫ • ସୋମବାର • ୧ ଡିସେମ୍ବର ୨୦୨୫ • ପୃଷ୍ଠା-୨୦ • ଟ.୬.୦୦






UP TO ₹600 OFF* per gram on gold jewellery | UP TO 20% OFF* On diamond value | FLAT 0% DEDUCTION* ON EXCHANGE of old gold of any karat from any jeweller

To locate your nearest store and know more on 8147349242. Buy online at tanishq.co.in or Download our App *Conditions apply.

Chandrasekharpur, Bhubaneswar, Mob-7205050700 | Master Canteen Square, Bhubaneswar, Mob-9238307043

Cantonment Road, Cuttack, Mob-9238307044 | Amalapada, Lane-2, Angul, Mob-9090066000, 8147485152

## ରାଜ୍ ଭବନ ଏବେ ହେବ ଲୋକ ଭବନ

**ନୂଆଦିଲ୍ଲୀ, ୩୦।୧୧ (ଏଜେନ୍ସି):** ଉପନିବେଶ କାଳର ସଙ୍କେତକୁ ହଟାଇବା ପାଇଁ କେନ୍ଦ୍ର ସରକାର ଆଉ ଏକ ବଡ଼ ପଦକ୍ଷେପ ନେଇଛନ୍ତି। ରାଜ୍ ଭବନ ଗୁଡ଼ିକର ନାମ ବଦଳାଇ ଏବେ ଲୋକ ଭବନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏ ନେଇ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରାଳୟ ପକ୍ଷରୁ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ସରକାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟପାଳଙ୍କ ଭବନକୁ 'ଲୋକ ଭବନ' ଏବଂ ଉପ-ରାଜ୍ୟପାଳଙ୍କ ବାସଭବନକୁ 'ଲୋକ ନିବାସ' କରିବାକୁ କୁହାଯାଇଛି। ଗତ ବର୍ଷ ଅଗଷ୍ଟ ୨ରେ ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ରାଜ୍ୟପାଳମାନଙ୍କ ସମ୍ମିଳନୀରେ ଏହି ନାମ ବଦଳାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।ତାମିଲନାଡୁ ରାଜ୍ୟପାଳ ଆରଏନ ରବିଙ୍କ ନେତୃତ୍ୱରେ ଏହି ପ୍ରସ୍ତାବର ସମୀକ୍ଷା କରି ଚୂଡ଼ାନ୍ତ କରାଯାଇଥିଲା। ସେ ହିଁ ଉପନିବେଶ କାଳର ନାମକୁ ହଟାଇବାକୁ ପ୍ରସ୍ତାବ ଦେଇଥିଲେ।

## ଭାରୋତ୍ତୋଳକଙ୍କୁ ହତ୍ୟା

**ରୋହତକ, ୩୦।୧୧ (ଏଜେନ୍ସି):** ହରିୟାଣା ରୋହତକର ଜାତୀୟସ୍ତରର ଜଣେ ପାରା ଆଥଲେଟଙ୍କୁ ପିଟି ପିଟି ହତ୍ୟା କରାଯାଇଛି। ମୃତକଙ୍କ ନାମ ରୋହିତ ଧନକର (୨୮)। ଦୁଇ ଦିନ ତଳେ ସେ ବନ୍ଧୁ ଜତିନଙ୍କ ସହ ସମ୍ପର୍କୀୟଙ୍କ ବିବାହରେ ଯୋଗ ଦେବା ପାଇଁ ରେୱାରି-ଖେରା ଯାଇଥିଲେ। ଏଠାରେ ସେ ବର ପକ୍ଷର କିଛି ଲୋକଙ୍କ ଖରାପ ବ୍ୟବହାରକୁ ବିରୋଧ କରିଥିଲେ। ଏହାକୁ ନେଇ ତାଙ୍କ ସହ ଧନକରଙ୍କ କଥା କଟାକଟି ହୋଇଥିଲା। ବିବାହରେ ସାମିଲ ହୋଇ ରୋହତକ ଫେରୁଥିବାବେଳେ ୧୫ରୁ ୨୦ ଜଣ ବ୍ୟକ୍ତି ପିଛା କରି ପଛ ପଟୁ ତାଙ୍କ କାର୍‌କୁ ଧକ୍କା ଦେଇଥିଲେ। ଏହା ପରେ ଲୁହାଛଡ଼ ଏବଂ ହକି ଷ୍ଟିକ୍‌ରେ ମାଡ଼ ମାରି ଚାଲି ଯାଇଥିଲେ। ଗୁରୁତର ଅବସ୍ଥାରେ ଧନକରଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାତ୍ର ଦୁଇ ଦିନ ପରେ ତାଙ୍କର ମୃତ୍ୟୁ ହୋଇଥିଲା। ପୁଲିସ ଏହି ମାମଲାରେ ୬ ଜଣଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛି।

## ଜନ୍ମଦିନରେ ଗୁଳିକାଣ୍ଡ, ୪ ମୃତ

**ୱାସିଂଟନ,୩୦।୧୧(ଏଜେନ୍ସି):** ଆମେରିକାର କାଲିଫର୍ଣ୍ଣିଆ ରାଜ୍ୟର ଷ୍ଟକଟନର ଲୁସିଲ ଆଭେନ୍ୟୁର ବ୍ୟାନକ୍ୱେଟ ହଲ୍‌ରେ ଏକ ଶିଶୁ ଜନ୍ମଦିନ ପାର୍ଟିରେ ଗୁଳିକାଣ୍ଡ ଘଟିଛି। ଏଥିରେ ୪ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୧୦ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ମୋଟ ଉପରେ ୧୪ ଜଣଙ୍କୁ ଗୁଳି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୪ ଜଣ ପ୍ରାଣ ହରାଇଛନ୍ତି। ଆହତଙ୍କୁ ତରୁନ୍ତ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପ୍ରଥମେ ବାଣ ଫୁଟାଯାଉ ଥିବା ଭାବିଥିଲୁ ବୋଲି ଘଟଣାସ୍ଥଳରେ ଉପସ୍ଥିତ ଥିବା ବ୍ୟକ୍ତିମାନେ କହିଛନ୍ତି। କିନ୍ତୁ ପରେ ଏହା ଗୁଳିକାଣ୍ଡ ଥିଲା ବୋଲି ଜଣାପଡିଥିଲା। ସାନ ଫ୍ରାନସିସ୍କୋ ପୂର୍ବକୁ ୫୦ ମାଇଲ ଦୂରରେ ଏହି କାଣ୍ଡ ଘଟିଛି। ଆକ୍ରମଣକାରୀ ମାନେ ହଲ୍ ଭିତରକୁ ପସି ଗୁଳ ଚଳାଇଥିଲେ।

# ସପ୍ତାହେ ବଢ଼ିଲା ଏସ୍‌ଆଇଆର୍ ଅବଧି

**ନୂଆଦିଲ୍ଲୀ,୩୦ ।୧୧(ଏଜେନ୍ସି):**

ନିର୍ବାଚନ କମିଶନ ଦେଶର ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶରେ ଚାଲିଥିବା ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ (ଏସ୍‌ଆଇଆର୍)ର ସମୟ ସୀମାକୁ ଆଉ ଗୋଟିଏ ସପ୍ତାହ ବୃଦ୍ଧି କରିଛନ୍ତି। ଅନ୍ତିମ ଭୋଟର ତାଲିକା ୨୦୨୬ ଫେବୃଆରୀ ୧୪ ଜାରି କରାଯିବ ବୋଲି କମିଶନ କହିଛନ୍ତି। ଏବେ ଭୋଟର ସଂଶୋଧନ ଡିସେମ୍ବର ୧୧ ପର୍ଯ୍ୟନ୍ତ ଚାଲିବ। ପୂର୍ବରୁ ଏହା ଡିସେମ୍ବର ୪ ପର୍ଯ୍ୟନ୍ତ ଚାଲିବାର ଥିଲା। ପ୍ରଥମେ ଡ୍ରାଫ୍ଟ ତାଲିକା ଡିସେମ୍ବର ୯ରେ ଜାରି ହେବାର କାର୍ଯ୍ୟକ୍ରମ ଥିଲା। ଏବେ ଏହା ଡିସେମ୍ବର ୧୬ରେ ଜାରି ହେବ ବୋଲି କୁହାଯାଇଛି। ବିହାର ପରେ ଦେଶର ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶରେ ଏସ୍‌ଆଇଆର ଅକ୍ଟୋବର ୨୮ରେ ଆରମ୍ଭ ହୋଇଥିଲା। ଏହି ପ୍ରକ୍ରିୟାରେ ଭୋଟର ତାଲିକାର ସଂଶୋଧନ ହେବାର କାର୍ଯ୍ୟକ୍ରମ ଥିଲା। ଏଥିରେ ନୂଆ ଭୋଟରଙ୍କ ନାମ ସାମିଲ କରାଯିବା ସହ ତାଲିକାରେ ଥିବା ତ୍ରୁଟି ସୁଧାର କରାଯିବ। ଆସନ୍ତାବର୍ଷ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। ତେଣୁ ଏହି ରାଜ୍ୟରେ ଚାଲିଥିବା ଏସ୍‌ଆଇଆର୍ ପ୍ରକ୍ରିୟା ନେଇ ଚର୍ଚ୍ଚା ଚାଲିଛି। ତେବେ ଆସାମରେ ଏସ୍‌ଆଇଆର୍ ଆରମ୍ଭ କରାଯାଇ ନାହିଁ। ଆସାମରେ ନାଗରିକତା ନେଇ ନିୟମ ଭିନ୍ନ। ତେଣୁ ଏହି ରାଜ୍ୟରେ ଏସ୍‌ଆଇଆର୍‌ର ପ୍ରକ୍ରିୟା ମଧ୍ୟ ଭିନ୍ନ ହେବ ଓ ପରେ ହେବ ବୋଲି ନିର୍ବାଚନ କମିଶନ କହିଛନ୍ତି।

> **ଡିସେମ୍ବର ୧୧ ପର୍ଯ୍ୟନ୍ତ ଚାଲିବ ୧୨ ରାଜ୍ୟରେ ଭୋଟର ସଂଶୋଧନ**
>
> **ଫେବୃଆରୀ ୧୪ରେ ଜାରି ହେବ ଅନ୍ତିମ ତାଲିକା**
>
> **ଦୁଇଗୁଣା ହେବ ବିଏଲ୍‌ଓଙ୍କ ଦରମା**

ନିର୍ବାଚନ କମିସନ ବୁଥ ଲେଭୁଲ ଅଫିସର (ବିଏଲ୍‌ଓ)ଙ୍କ ଦରମା ଦୁଇଗୁଣା ବୃଦ୍ଧି କରିବାକୁ ଘୋଷଣା କରିଛନ୍ତି। ଫଳରେ ବିଏଲ୍‌ଓଙ୍କ ଦରମା ୬,୦୦୦ରୁ ବୃଦ୍ଧି ପାଇଁ ୧୨,୦୦୦ ହେବ ବୋଲି କୁହାଯାଇଛି। ଏହାକୁ ବାଦ ଦେଲେ ରୋଲ ପ୍ରସ୍ତୁତ କରୁଥିବା ଓ ଏଥିରେ ପରିବର୍ତ୍ତନ କରୁଥିବା ବିଏଲ୍‌ଓ ସୁପର ଭାଇଜରଙ୍କ ଦରମା ୧୨ ହଜାରରୁ ୧୮ ହଜାରକୁ ବୃଦ୍ଧି କରାଯାଇଛି। ଯେଉଁ ସରକାରୀ କର୍ମଚାରୀଙ୍କୁ ବିଏଲ୍‌ଓର ଦାୟିତ୍ୱ ଦିଆଯାଇଛି ସେମାନଙ୍କୁ ଦରମା ବ୍ୟତୀତ ଏହି ପାଉଣା ଅଲଗା ଦିଆଯିବ ବୋଲି କୁହାଯାଇଛି। ଶନିବାର ନିର୍ବାଚନ କମିଶନ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରି ୨୦୧୫ରେ ଏଭଳି ପରିବର୍ତ୍ତନ କରାଯାଇଥିଲା ବୋଲି ଉଲ୍ଲେଖ କରିଛନ୍ତି। ପ୍ରଥମଥର ପାଇଁ ଇଲେକ୍ଟୋରାଲ ଅଫିସର୍ସ (ଇଆରଓଏସ୍) ଓ ଆସିଷ୍ଟାଣ୍ଟ ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସର୍ସ (ଏଇଆରଓଏସ୍)ଙ୍କୁ ମଧ୍ୟ ପାରିଶ୍ରମିକ ତଥା ବେତନ ଦିଆଯିବାକୁ ଘୋଷଣା କରାଯାଇଛି। ଦେଶର ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶରେ ଚାଲୁଥିବା ଏସ୍‌ଆଇଆର୍ ପ୍ରକ୍ରିୟାରେ ମୋଟ୍ ୫.୩୨ ଲକ୍ଷ ବିଏଲ୍‌ଓ କାର୍ଯ୍ୟ କରୁଛନ୍ତି। ପ୍ରତ୍ୟେକ ବିଏଲ୍‌ଓଙ୍କୁ ପାଖାପାଖି ୯୫୬ ଭୋଟରଙ୍କ ତାଲିକାର ରିଭିଜନ କରିବା ନେଇ ଦାୟିତ୍ୱ ଦିଆଯାଇଛି।

## ପ୍ରେମିକର ହତ୍ୟା ପରେ ମୃତଦେହକୁ ବାହାହେଲେ ପ୍ରେମିକା

**ନୂଆଦିଲ୍ଲୀ,୩୦ ।୧୧(ଏଜେନ୍ସି):** ମହାରାଷ୍ଟ୍ରର ନାନ୍ଦେଡରେ ଏକ ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଛି। ଜଣେ ଯୁବତୀ ନିଜ ପ୍ରେମିକଙ୍କ ଶବ ସହ ବିବାହ କରିଛନ୍ତି। ପ୍ରେମିକ ଅନ୍ୟ ଜାତିର ହୋଇଥିବାରୁ ପ୍ରେମିକାର ପରିବାର ଲୋକେ ତାଙ୍କୁ ହତ୍ୟା କରିଥିଲେ। ଏ ନେଇ ଯୁବତୀ ଥାନାରେ ଅଭିଯୋଗ କରିଥିଲେ ଓ ପ୍ରେମିକଙ୍କ ମୃତଦେହ ସହ ବିବାହ କରିବାକୁ ଇଚ୍ଛା ଜାହିର କରିଥିଲେ। ପରିବାର ବିରୋଧ ସତ୍ତ୍ୱେ ଯୁବତୀ ଜଣକ ମୃତଦେହ ସହ ବିବାହ କରିଥିଲେ ଓ ନ୍ୟାୟ ପାଇଁ ଲଢ଼େଇ ଜାରି ରଖିବେ ବୋଲି ସଂକଳ୍ପ ନେଇଥିଲେ। ଏହି ଘଟଣା ଆମ ଦେଶରେ ଥିବା କ୍ରୁର ଜାତିଗତ ଭେଦଭାବର ବାସ୍ତବିକତାକୁ ଦର୍ଶାଉଛି। ଏହି ଘଟଣା ନେଇ ପୂରା ମହାରାଷ୍ଟ୍ରରେ ଚର୍ଚ୍ଚା ଚାଲିଛି।

> **ପ୍ରେମ ଆଗରେ ହାର ମାନିଲା ଜାତିପ୍ରଥା**

ଅନ୍ୟ ଜାତିର ଝିଅକୁ ପ୍ରେମ କରିବା କାରଣରୁ ଜଣେ ୨୦ ବର୍ଷର ଯୁବକ ସକ୍ଷମ ଟେଟେଙ୍କୁ ମହଙ୍ଗା ପଡିଛି ଓ ଶେଷରେ ତାଙ୍କୁ ଜୀବନ ଦେବାକୁ ହୋଇଛି। ପ୍ରେମିକା ଆଞ୍ଚଲଙ୍କ ବାପା ଓ ଭାଇମାନେ ଯୁବକଙ୍କୁ ବାଡେଇବା ପରେ ଗୁଳି ମାରିଥିଲେ। ପରେ ତାଙ୍କ ମୁଣ୍ଡକୁ ପଥରରେ ଛେଚିଥିଲେ। ମୃତ୍ୟୁପରେ ଯୁବକଙ୍କ ଅନ୍ତିମ ସଂସ୍କାରରେ ଆଞ୍ଚଲ ନିଜ ମଥାରେ ସିନ୍ଦୂର ଲଗାଇଥିଲେ ଓ ତାଙ୍କ ଘରେ ବୋହୂ ହୋଇ ରହିବେ ବୋଲି ପ୍ରତିଜ୍ଞା କରିଥିଲେ। ୩ ବର୍ଷ ତଳେ ନିଜ ଭାଇଙ୍କ ଜରିଆରେ ସକ୍ଷମଙ୍କୁ ଭେଟିଥିଲେ ଆଞ୍ଚଲ। ତାଙ୍କ ଘରକୁ ବରାବର ଯିବା ଫଳରେ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। କିନ୍ତୁ ଦୁହିଁଙ୍କ ଜାତି ଅଲଗା ହୋଇଥିବାରୁ ଏହି ସମ୍ପର୍କକୁ ଆଞ୍ଚଲଙ୍କ ପରିବାର ବିରୋଧ କରିଥିଲେ। ବାରମ୍ବାର ଧମକ ସତ୍ତ୍ୱେ ଆଞ୍ଚଲ ନିଜର ପ୍ରେମ ସମ୍ପର୍କ ଜାରି ରଖିଥିଲେ। ଯେତେବେଳେ ଆଞ୍ଚଲ ବିବାହ କରିବାକୁ ଯାଉଥିବା କଥା ଜାଣିଲେ, ସେତେବେଳେ ତାଙ୍କ ପରିବାର ଲୋକ ସକ୍ଷମଙ୍କୁ ହତ୍ୟା କରିଥିଲେ। ସକ୍ଷମଙ୍କ ଅନ୍ତିମ ସଂସ୍କାର ବେଳେ ଆଞ୍ଚଲ ତାଙ୍କ ଘରକୁ ଯାଇ ନିଜ ଶରୀରରେ ହଳଦୀ ଲଗାଇବା ସହ ମଥାରେ ସିନ୍ଦୂର ପିନ୍ଧିଥିଲେ ଓ ତାଙ୍କ ମର ଶରୀରକୁ ବିବାହ କରିଥିଲେ। ବାକି ଜୀବନ ସକ୍ଷମଙ୍କ ଘରେ ବିତାଇବାକୁ ସେ କହିଥିଲେ। ଆମ ପ୍ରେମର ବିଜୟ ହେଲା ଓ ମୋ ବାପା ଓ ଭାଇମାନେ ହାରିଯାଇଛନ୍ତି ବୋଲି ଆଞ୍ଚଲ କହିଛନ୍ତି। ପୁଲିସ ଏହି ଘଟଣାରେ ମାମଲା ରୁଜୁ କରିବା ସହ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି।




## ନ୍ୟାସନାଲ ହେରାଲ୍ଡ ମାମଲା: ସୋନିଆ, ରାହୁଲଙ୍କ ବିରୋଧରେ ଏତଲା

**ନୂଆଦିଲ୍ଲୀ, ୩୦।୧୧ (ଏଜେନ୍ସି):** ନ୍ୟାସନାଲ ହେରାଲ୍ଡ ମାମଲାରେ କଂଗ୍ରେସ ସାଂସଦ ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କ ବିରୋଧରେ ନୂଆ ଏତଲା ରୁଜୁ କରାଯାଇଛି। ଏହି ଏତଲାରେ ସାମ ପିତ୍ରୋଦା, ସୁମନ ଦୁବେ, ସୁନୀଲ ଭଣ୍ଡାରୀ ଏବଂ ଜଣେ ଅଜ୍ଞାତ ବ୍ୟକ୍ତିଙ୍କ ସହିତ ତିନି କମ୍ପାନୀ ଆସୋସିଏଟେଡ ଜର୍ଣ୍ଣାଲ୍ସ ଲିମିଟେଡ (ଏଜିଏଲ), ଡୋଟେକ୍ସ ମର୍ଚେଣ୍ଡାଇଜ ପ୍ରାଇଭେଟ ଲିମିଟେଡ ଏବଂ ୟଙ୍ଗ ଇଣ୍ଡିଆନର ନାମ ରହିଛି। ଏମାନେ ସମସ୍ତେ ମିଶି ଜାଲିଆତି କରି ଏଜିଏଲ ହାସଲ କରିଥିବା ପୁଲିସ ଏହାର ଏତଲାରେ ଅଭିଯୋଗ କରିଛି। ଅଭିଯୋଗ ଅନୁଯାୟୀ, ୨୦୧୦ରେ ଏଜିଏଲ ପାଖରେ ପ୍ରାୟ ୨ ହଜାର କୋଟି ଟଙ୍କାର ସମ୍ପତ୍ତି ଥିଲା। ଏହି ସମୟରେ ୟଙ୍ଗ ଇଣ୍ଡିଆନକୁ କୋଲାକାତାର ଡୋଟେକ୍ସ ମର୍ଚେଣ୍ଡାଇଜ କୋଟିଏ ଟଙ୍କା ଦେଇଥିଲା। ପରେ କଂଗ୍ରେସକୁ ୫୦ ଲକ୍ଷ ଟଙ୍କା ପରିଶୋଧ କରି ୟଙ୍ଗ ଇଣ୍ଡିଆନ କମ୍ପାନୀ ଏଜିଏଲକୁ ନିଜ ନିୟନ୍ତ୍ରଣକୁ ନେଇ ଯାଇଥିଲା। ୟଙ୍ଗ ଇଣ୍ଡିଆନ କମ୍ପାନୀରେ ରାହୁଲ ଏବଂ ସୋନିଆଙ୍କ ୭୬ ପ୍ରତିଶତ ଅଂଶଧନ ଥିଲା। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ହେଡକ୍ୱାର୍ଟର୍ସ ଇନଭେଷ୍ଟିଗେସନ ୟୁନିଟ (ଏଚଆଇୟୁ)ର ଅଭିଯୋଗ କ୍ରମେ ଅକ୍ଟୋବର ୩ ତାରିଖରେ ଏହି ମାମଲାରେ ଏତଲା ରୁଜୁ କରାଯାଇଥିଲା। ଅନ୍ୟପକ୍ଷରେ କଂଗ୍ରେସ ଏହି ଅଭିଯୋଗକୁ ରାଜନୈତିକ ପ୍ରତିଶୋଧର କାର୍ଯ୍ୟାନୁଷ୍ଠାନ କହିଛି। ବିରୋଧୀଙ୍କୁ ଦବାଇବା ପାଇଁ ଏପରି କରାଯାଉଛି। ଏତଲା ବିଷୟରେ କୌଣସି ସୂଚନା ନ ଥିବା କୁହାଯାଇଛି। କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି ଯେ ମୋଦୀ-ଶାହା ଯୋଡ଼ି କଂଗ୍ରେସର ପ୍ରମୁଖ ନେତୃତ୍ୱଙ୍କ ବିରୋଧରେ ଉତ୍ପୀଡ଼ନ, ଧମକ ଏବଂ ପ୍ରତିଶୋଧ ପରାୟଣର ରାଜନୀତି କରୁଛନ୍ତି।

> **ପ୍ରତିଶୋଧର କାର୍ଯ୍ୟାନୁଷ୍ଠାନ: କଂଗ୍ରେସ**





‘ବିରାଟ’ ଶତକ
▶କ୍ରୀଡ଼ା ପୃଷ୍ଠାରେ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-155 ◆MONDAY ◆1 DECEMBER 2025 ◆PAGE-20 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୧୫୫ ◆ସୋମବାର ◆୧ ଡିସେମ୍ବର ୨୦୨୫ ◆ପୃଷ୍ଠା-୨୦ ◆ଟ.୬.୦୦


## ସ୍ୱନକ୍ଷତ୍ରର ସଂକଳ୍ପ

॥ ମାନସ ମଙ୍ଗରାଜ ॥

କୋଭିଡ୍ ମହାମାରୀର ଭୟଙ୍କର ସମୟ। ଯେଉଁ ସମୟରେ ପାଠକମାନଙ୍କ ପାଇଁ ଏକପ୍ରକାର ଅଛୁଆଁ ହୋଇଯାଇଥିଲା ସମ୍ବାଦପତ୍ର। ସେହି କଷ୍ଟକର ସମୟରେ ଆତ୍ମପ୍ରକାଶ କରିଥିଲା ‘ସକାଳ’। ଭବିଷ୍ୟତରେ ଓଡ଼ିଆ ସମ୍ବାଦପତ୍ରର ଇତିହାସ ଲେଖାଯିବା ବେଳେ ଅତ୍ୟନ୍ତ ପ୍ରତିକୂଳ ସମୟରେ ‘ସକାଳ’ର ଆତ୍ମପ୍ରକାଶ ହୁଏତ ଅବିଶ୍ୱାସ୍ୟ ମନେ ହୋଇପାରେ; ମାତ୍ର ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶନ୍ଧି ଶେଷ ଭାଗରେ ‘ସକାଳ’ର ଆବିର୍ଭାବ ରକ୍ତିମ ରେଖାଙ୍କିତ ହୋଇ ରହିବ ନିଶ୍ଚୟ।

କେହି ସ୍ୱୀକାର କରୁ ବା ନ କରୁ ପକ୍ଷପାତ ଏକ ଚରମ ବାସ୍ତବତା। ବର୍ତ୍ତମାନ ସମୟରେ ଏହି ପକ୍ଷପାତ ମୁଖ୍ୟଧାର ଗଣମାଧ୍ୟମ ପ୍ରତି ପାଠକଙ୍କର ବିଶ୍ୱସନୀୟତା ହ୍ରାସ କରିଛି। ଅନୁରୂପ ଭାବରେ ସାମାଜିକ ଗଣମାଧ୍ୟମର ପ୍ରଭାବ ମୁଦ୍ରିତ ଗଣମାଧ୍ୟମ ପ୍ରତି ସୃଷ୍ଟି କରିଛି ସଙ୍କଟ। ପକ୍ଷପାତ ଓ ନିରପେକ୍ଷତା ମଧ୍ୟରେ ସୂକ୍ଷ୍ମ ବିଭାଜନ ରେଖା ସାଧାରଣ ପାଠକଙ୍କୁ ମୁଦ୍ରିତ ଗଣମାଧ୍ୟମଠାରୁ ଦୂରେଇ ନେଉଛି। ଖବର ପ୍ରସାରର ଦ୍ରୁତ ମାଧ୍ୟମ ଏବେ ମୁଦ୍ରିତ ସମ୍ବାଦପତ୍ରଗୁଡ଼ିକରେ ପ୍ରକାଶିତ ଖବରକୁ ଆଉ ତଟକା ରଖିପାରୁନି। ଏପରି ସମୟରେ ସମ୍ବାଦପତ୍ରଗୁଡ଼ିକୁ ନିଜର ସ୍ଥିତି ପାଇଁ ସଂଗ୍ରାମ କରିବାକୁ ପଡୁଛି। ନ୍ୟୁଜ ପ୍ରିଣ୍ଟ, ମୁଦ୍ରଣରେ ବ୍ୟବହୃତ ସାମଗ୍ରୀର ଆକାଶଛୁଆଁ ମୂଲ୍ୟବୃଦ୍ଧି ସବୁ ଖବରକାଗଜକୁ ସଂଘର୍ଷ କରିବାକୁ ବାଧ କରିଛି। ‘ସକାଳ’ ବି ଏଥିରୁ ବାଦ ପଡ଼ିନାହିଁ।

ଏହି ସମୟରେ ସମ୍ବାଦପତ୍ରଗୁଡ଼ିକ ପାଇଁ ସରକାରୀ ପୃଷ୍ଠପୋଷକତା ଏକ ଅନିବାର୍ଯ୍ୟ ଆବଶ୍ୟକତା। ମାତ୍ର ବିଡ଼ମ୍ବନା; ‘ସକାଳ’ ଏଥିରୁ ଏକପ୍ରକାର ବଞ୍ଚିତ। ‘ସକାଳ’ କାହିଁକି ଏହି ପୃଷ୍ଠପୋଷକତାରୁ ବଞ୍ଚିତ, ତାହାର ଉତ୍ତର ଆମ ପାଖରେ ନାହିଁ ଓ ଆମକୁ ଏହାର ଉତ୍ତର ଦେବାକୁ କେହି ଉଚିତ ମଣୁନାହାନ୍ତି । ଏହାସତ୍ତ୍ୱେ ଆମେ ଆମର ଧର୍ମରୁ ବିଚ୍ୟୁତ ହୋଇନାହୁଁ, ପାଠକଙ୍କ ସ୍ୱାର୍ଥରେ ସାଲିସ କରିନାହୁଁ, ଖବରକୁ ମୋଡ଼ି ମକଚି କାହାକୁ ନିଶାଣ କରିନାହୁଁ। ଭଲକୁ ଭଲ, ଖରାପକୁ ଖରାପ କହିବାର ସାମର୍ଥ୍ୟ ରଖିଛୁ। ତଥ୍ୟ ଓ ପ୍ରସଙ୍ଗକୁ ଯଥାସମ୍ଭବ ବସ୍ତୁନିଷ୍ଠ ଓ ନିରପେକ୍ଷ ଭାବରେ ପ୍ରକାଶ କରିବାକୁ ଉଦ୍ୟମ କରି ଆସିଛୁ ଓ ଏହି ନୀତିରେ ଅଟଳ ରହିବାକୁ ସଂକଳ୍ପ ମଧ୍ୟ ନେଇଛୁ। ସ୍ୱୀକାର କରିବାରେ ଦ୍ୱିଧା ନାହିଁ ଯେ ପାଠକମାନଙ୍କର ଆଦର, ଶ୍ରଦ୍ଧା, ଉତ୍ସାହ ଓ ସହଯୋଗ ଆମକୁ ଆମର ମୂଲ୍ୟାୟନ କରିବାକୁ ସୁଯୋଗ ଦେଇଛି। ଆମ ଭିତରେ ଆତ୍ମପ୍ରତ୍ୟୟ ସୃଷ୍ଟି କରିଛି।

ଆଦ୍ୟ ଶୈଶବ ଅତିକ୍ରମ କରି ମଧ୍ୟ ଶୈଶବରେ ପ୍ରବେଶ କରିଛି ‘ସକାଳ’। ପାଞ୍ଚ ପୂରି ଛଅ ବର୍ଷରେ ପାଦ ଦେଇଛି। ଆପଣାଛାଏଁ ଚାଲିବା ଆରମ୍ଭ କରିଛି। ସତକୁ ଅବିକଳ ସତ ଓ ମିଛକୁ ଅବିକଳ ମିଛ ଭାବରେ ପ୍ରକାଶ କରିବୁ ବୋଲି ପ୍ରଥମ ପ୍ରକାଶ ଦିନଠାରୁ ‘ସକାଳ’ ନେଇଥିବା ସଂକଳ୍ପରେ ଅଟଳ ରହିଛି। ପଞ୍ଚମ ସ୍ୱନକ୍ଷତ୍ରରେ ଅନୁଚିନ୍ତା ନୁହେଁ, ଆମେ ଆମର ସଂକଳ୍ପକୁ ଦୋହରାଉଛୁ। ଏହି ସମୟ ମଧ୍ୟରେ ‘ସକାଳ’କୁ କୋଳେଇ କାଖେଇ ଚାଲିବା ଶିଖାଇଥିବା ଆମର ସହୃଦୟ ପାଠକ, ପୃଷ୍ଠପୋଷକ, ବିଜ୍ଞାପନଦାତାଙ୍କୁ ହୃଦୟରୁ କୃତଜ୍ଞତା ଜ୍ଞାପନ କରୁଛୁ। ସବୁ ବାଧାବିଘ୍ନ ଓ ଘାତ ପ୍ରତିଘାତ ଭିତରେ ଯେଉଁ ବିତରକ ଭାଇମାନେ ‘ସକାଳ’କୁ ପ୍ରତି ଘରେ ପହଞ୍ଚାଇ ଆମକୁ ପରିଚୟ ଦେଇଛନ୍ତି, ସେମାନଙ୍କ ନିକଟରେ ଆମେ ନତମସ୍ତକ। ଆପଣମାନେ ଗତ ୫ ବର୍ଷ ହେଲା ଆମକୁ ଦେଇଥିବା ଅଶେଷ ସ୍ନେହ, ଅସୁମାରୀ ଶ୍ରଦ୍ଧାକୁ ଆମେ ପାଶୋରି ନାହୁଁ କି ପାଶୋରି ପାରିବୁ ନାହିଁ। କୃତଜ୍ଞତା ସର୍ବଦା ଶବ୍ଦହୀନ, କୃତଜ୍ଞତା ଜ୍ଞାପନ ସର୍ବଦା ଭାଷାରୁ ଊର୍ଦ୍ଧ୍ୱରେ। ତଥାପି ଆମେ ଅନ୍ତରରୁ ଆପଣମାନଙ୍କୁ ବିନମ୍ର କୃତଜ୍ଞତା ଜ୍ଞାପନ କରୁଛୁ। ବିଗତ ବର୍ଷମାନଙ୍କ ପରି ଆଗାମୀ ବର୍ଷଗୁଡ଼ିକରେ ବି ଆପଣମାନଙ୍କ ଶ୍ରଦ୍ଧା ଓ ସହଯୋଗ ଆମ ପ୍ରତି ଅତୁଟ ରହୁ ବୋଲି କାମନା କରୁଛୁ।●

ସାଂସଦ, ରାଜ୍ୟସଭା

### ଆଜିଠାରୁ ସଂସଦର ଶୀତକାଳୀନ ଅଧିବେଶନ


## ବିରୋଧୀଙ୍କ ହାତରେ ‘ଏସ୍ଆଇଆର୍’ ଅସ୍ତ୍ର

■ ନୂଆଦିଲ୍ଲୀ, ୩୦।୧୧ (ଏଜେନ୍ସି): ଆସନ୍ତାକାଲି ଠାରୁ ଆରମ୍ଭ ହେବାକୁ ଯାଉଛି ସଂସଦର ଶୀତକାଳୀନ ଅଧିବେଶନ। ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସ୍ଆଇଆର୍ କୁ ନେଇ ସଂସଦରେ ପୁଣି ଅଚଳାବସ୍ଥା ସୃଷ୍ଟି ହୋଇପାରେ। ଆଜି ଅନୁଷ୍ଠିତ ସର୍ବଦଳୀୟ ବୈଠକରୁ ଏଭଳି ସୂଚନା ମିଳିଛି। ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଚାଲିଥିବା ଏସ୍ଆଇଆର୍ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଛି। ପ୍ରବଳ କାମ ଚାପ ଯୋଗୁଁ ବୁଥ ସ୍ତରୀୟ ଅଧିକାରୀଙ୍କ ମୃତ୍ୟୁ ଓ ଆତ୍ମହତ୍ୟା

ସର୍ବଦଳୀୟ ବୈଠକରେ ବିରୋଧୀଙ୍କ ଦାବି

ଏସ୍ଆଇଆର ଉପରେ ଆଲୋଚନା ହେଉ

ପ୍ରତିଶ୍ରୁତି ଦେବାକୁ ମନାକଲେ ସରକାର



ଘଟଣାକୁ ନେଇ ବିରୋଧୀ ଦଳମାନେ ଉଦବେଗ ପ୍ରକାଶ କରିଛନ୍ତି। ନିର୍ବାଚନ କମିସନ କାହିଁକି ତରବରିଆ ଭାବେ ଏସ୍ଆଇଆର୍ ପ୍ରକ୍ରିୟା ଆଗେଇ ନେବାକୁ ଉଦ୍ୟମ କରୁଛନ୍ତି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ତେଣୁ ଏହା ଉପରେ ବିସ୍ତୃତ ଆଲୋଚନା କରିବାକୁ ବିରୋଧୀ ଦଳ ଦାବି କରିଛନ୍ତି। କିନ୍ତୁ ସରକାର ଏହା ଉପରେ କୌଣସି ପ୍ରତିଶ୍ରୁତି ଦେବାକୁ ମନା କରିଦେଇଛନ୍ତି। ▶ପୃଷ୍ଠା-୧୧

## ସ୍ୱର ଶାଣିତ କରିବ ବିଜେଡି

■ ଭୁବନେଶ୍ୱର, ୩୦।୧୧ (ସମିସ): ଆସନ୍ତାକାଲି ଠାରୁ ଆରମ୍ଭ ହେଉଥିବା ସଂସଦର ଶୀତକାଳୀନ ଅଧିବେଶନରେ ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ଏକାଧିକ ପ୍ରସଙ୍ଗକୁ ଦୃଢ଼ ସ୍ୱରରେ ଉପସ୍ଥାପନ କରିବ ବିଜେଡି। ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ସ୍ଥିତି, ବୃଦ୍ଧି ପାଉଥବା ମହିଳା ଓ ଶିଶୁ ବିରୋଧୀ ହିଂସା, ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି, କୋଇଲା ରାଜଭାଗରେ ସଂଶୋଧନ ପରି ପ୍ରସଙ୍ଗକୁ ବିଜେଡି ଦୃଢ଼ତାର ସହ ଉତ୍ଥାପନ କରିବ। ଅଧିବେଶନରେ ନୂଆପଡ଼ା ଉପନିର୍ବାଚନରେ କିପରି ପ୍ରବଳ ଜାଲିଆତି ହୋଇଛି, ସେନେଇ ମଧ୍ୟ ବିଜେଡି ଗୃହରେ ▶ପୃଷ୍ଠା-୧୧

## ଆଡ଼ବାୟା ପ୍ରଶାସନ

### ଭଡ଼ା ଘରେ ଅଙ୍ଗନବାଡ଼ି, ନିର୍ମାଣ ହେବ ପାଚେରୀ !

■ ଭୁବନେଶ୍ୱର, ୨୯।୧୧ (ସମିସ): ଅଙ୍ଗନବାଡ଼ି ଶିଶୁଙ୍କୁ ବୁଲା କୁକୁର ଓ ଗାଇ ଗୋରୁ ଆକ୍ରମଣ ଭୟ ରହୁଛି। ଏହିକ୍ରମରେ ଆସନ୍ତା ଡିସେମ୍ବର ୩୧ ସୁଦ୍ଧା ସବୁ ଅଙ୍ଗନବାଡି କେନ୍ଦ୍ରରେ ପାଚେରୀ ଓ ଫାଟକ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ସବୁ ଜିଲ୍ଲାପାଳଙ୍କୁ ସରକାର ନିର୍ଦ୍ଦେଶ ଦେଇଛନ୍ତି।

୨୦୧୫୦ ଅଙ୍ଗନବାଡି କେନ୍ଦ୍ରର ନାହିଁ ନିଜସ୍ୱ ଘର

ମାସକରେ କେମିତି କାର୍ଯ୍ୟକାରୀ ହେବ ନିର୍ଦ୍ଦେଶ

ଏ ନେଇ ମହିଳା ଓ ଶିଶୁ ବିକାଶ ବିଭାଗ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖିଛି। ମାତ୍ର ବିଡ଼ମ୍ବନା ହେଉଛି ରାଜ୍ୟରେ ୨୦୧୫୦ ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଘର ନାହିଁ; ଏପରିକି ଘର ପାଇଁ ଜମି ଆବଣ୍ଟନ ହୋଇନାହିଁ। ଅଧିକାଂଶ ସ୍ଥାନରେ ନିଜସ୍ୱ ଘର ଅଭାବରୁ ଭଡ଼ାଘର, ନିକଟସ୍ଥ ସ୍କୁଲ ବା ସାଧାରଣ ଲୋକଙ୍କ ଦୟାରେ ଅଙ୍ଗନବାଡ଼ି କେନ୍ଦ୍ର ଚାଲୁଛି। ଏଠାରେ କିପରି ପାଚେରୀ ନିର୍ମାଣ କରାଯାଇ ଫାଟକ ଲଗାଯିବ ତାହାକୁ ନେଇ ପ୍ରଶ୍ନ ଉଠିଛି। କିଛିଦିନ ତଳେ ବୁଲା ଗାଇଗୋରୁ ଓ ▶ପୃଷ୍ଠା-୧୧

## ଆଜି ଦୌଡ଼ିବ ଓଡ଼ିଶା



‘ସକାଳ’ର ୫ମ ସ୍ୱନକ୍ଷତ୍ର ଅବସରରେ ୫ ସ୍ଥାନରେ ମିନି ମାରାଥନ୍

ରାଜ୍ୟସ୍ତରୀୟ ବିତର୍କରେ ଭାଗନେବେ ୩୦ ଜିଲ୍ଲାର ଶ୍ରେଷ୍ଠ ପ୍ରତିଯୋଗୀ

■ ଭୁବନେଶ୍ୱର, ୩୦।୧୧ (ସମିସ): ଦୈନିକ ଓଡ଼ିଆ ସମ୍ବାଦପତ୍ର ‘ସକାଳ’ର ପଞ୍ଚମ ସ୍ୱନକ୍ଷତ୍ର ଦିବସ ଅବସରରେ ‘ସକାଳ’ ଓ ‘ନନ୍ଦିଘୋଷ ଟିଭି’ ପକ୍ଷରୁ ସୋମବାର ରାଜ୍ୟର ୫ଟି ସହରରେ ଅନୁଷ୍ଠିତ ହେବ ‘ମିନି ମାରାଥନ’। ଭୁବନେଶ୍ୱର, ବାଲେଶ୍ୱର, ସମ୍ବଲପୁର, ଜୟପୁର ଏବଂ ରାଉରକେଲାରେ ମାରାଥନ ନିମନ୍ତେ ସକାଳ ୫ଟାରୁ ପଞ୍ଜୀକରଣ ହେବ ଓ ସକାଳ ୬ଟାରେ ମିନି ମାରାଥନକୁ ବିଶିଷ୍ଟ ଅତିଥିମାନେ ପତାକା ହଲାଇ ଉଦ୍‌ଘାଟନ କରିବେ। ଉଦ୍‌ଯାପନ ଉତ୍ସବରେ କୃତୀ ▶ପୃଷ୍ଠା-୧୧





INDIA'S FIRST 5 YEAR WARRANTY* *Conditions apply

TOLL FREE 1800 266 0018

Additional Offers on Flipkart amazon.in

Hero MotoCorp Ltd, Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - IL. New Delhi - 110070, India. | CIN: L35911DL1984PLC0173541. For further information, contact your nearest Hero MotoCorp authorised outlet or CALL TOLL-FREE 1800 266 0018 or visit us on www.heromotocorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. As per cumulative dispatch numbers till August 2025. ^Finance offers are at the sole discretion of the financier, subject to its respective T&Cs. Hero MotoCorp reserves the rights to modify or withdraw any or all the offers without prior notice. *Ex-showroom prices are applicable in Odisha.

LOW ROI 4.99%^ | PER DAY EMI ₹69^

Authorized Dealers: Bhubaneswar: Rohan Hero - 9289922474, Bharat Hero - 9289922180, Arundhati Hero - 9289923183, DD Hero - 9439650824, Jatni: Vishal Hero - 9289922984, Nayagarh: Bhagabati Hero - 9289922687, Puri: Sanjib Hero - 9289923107, Authorized HeroSure Dealers: Bhubaneshwar: Arundhati Motobikes - 7682841658, Associate Dealers: Nimapara: Basudev Automobiles - 9861020724, Pipili: Shri Ram Motors - 9437110789, Balugaon: Mahamayee Motors - 9437004624, Khurdha: Dinesh Trading Co. - 9778097876, Sakhigopal: Sai Motors - 9439765820, Begunia: Rashmi Automobiles - 9178316145, Balipatna: Jagannath Motors - 7064309702, Chandpur: Apsara - 9861418161, Banamalipur: Duladei Motors - 7735425890, Sunderpada: Basudev Motors - 6371525029, Nakhra: S.G. Automobiles - 9778779778.

RS/Hero/11/25

୫ମ ସ୍ୱନକ୍ଷତ୍ର
ସକାଳ THE SAKALA
www.sakalaepaper.com
ଅନୁଗୋଳ

# ମନ୍ଦରଗିରି ନେଚର୍ ୱାକ୍ କାର୍ଯ୍ୟକ୍ରମ



**ଅନୁଗୋଳ, ୩୦ ।୧୧(ସମିସ)**

ସାମ୍ପ୍ରତିକ ସମୟର ସର୍ବବୃହତ ଆହ୍ୱାନକାରୀ ବିଶ୍ୱସ୍ତରୀୟ ସମସ୍ୟା ମଧ୍ୟରେ ପରିବେଶ ସଂକଟ ସବୁଠାରୁ ଆଗରେ। ଏ କଥାକୁ ସମସ୍ତ ଯୁବପିଢ଼ି ହୃଦବୋଧ କରିବା ଆବଶ୍ୟକ। ଯୁବପିଢ଼ି ପରିବେଶ ସଂକଟ ପ୍ରସଙ୍ଗ ସମ୍ବନ୍ଧରେ ଗମ୍ଭୀର ହେଲେ ସେମାନେ ପରିବେଶଧର୍ମୀ ହେବେ ଏବଂ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରିବେ। ଏହି ଉଦ୍ଦେଶ୍ୟ ନେଇ ଅନୁଗୋଳର ସାମାଜିକ ଅନୁଷ୍ଠାନ 'ସାଥୀ ପରିବାର' ପକ୍ଷରୁ 'ମନ୍ଦରଗିରି ନେଚର ୱାକ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସଭାପତି ସିଦ୍ଧାର୍ଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ପରାମର୍ଶଦାତା ସୁଶାନ୍ତ ତ୍ରିପାଠୀ, ଆର୍ଯ୍ୟଭଟ୍ଟ ଶିକ୍ଷାନୁଷ୍ଠାନର ଅଧ୍ୟାପିକା ସ୍ୱପ୍ନା ମଞ୍ଜରୀ, ପ୍ରକୃତିପ୍ରେମୀ ବିଷ୍ଣୁପ୍ରିୟା ଦାସ, ଭାରତୀୟ ସେନାରେ କାର୍ଯ୍ୟରତ ହାସ୍ୟଜିତ୍ ସାହୁ, ଚନ୍ଦ୍ରବାହାଳ ଗ୍ରାମର ଜଙ୍ଗଲପ୍ରେମୀ ପ୍ରସନ୍ନ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଆର୍ଯ୍ୟଭଟ୍ଟ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ବନ୍ତଲା ସେକେଣ୍ଡ ଯୁଥ ଆସୋସିଏସନର କର୍ମକର୍ତ୍ତାଙ୍କ ସମେତ ଅନୁଗୋଳ ସହର ଓ ଆଖପାଖ ଅଞ୍ଚଳର ଯୁବ ପ୍ରକୃତିପ୍ରେମୀମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣକାରୀମାନେ ମନ୍ଦରଗିରି ପର୍ବତ ଚଢ଼ି ମନ୍ଦରଗିରିର ଐତିହ୍ୟ, ଔଷଧୀୟ ଉଦ୍ଭିଦ, ବିଭିନ୍ନ ବନ୍ୟପ୍ରାଣୀ, ପକ୍ଷୀବଂଶ ଏବଂ ମନ୍ଦରଗିରିର ଜୈବବିବିଧତା ସଂସ୍ପର୍ଶରେ ଆସିଥିଲେ। ଭବିଷ୍ୟତରେ ପ୍ରକୃତି ଓ ପରିବେଶ ସୁରକ୍ଷା ପାଇଁ ନିଜ ଦୈନନ୍ଦିନ ଜୀବନରେ ପରିବେଶ ଅନୁକୂଳ ଅଭ୍ୟାସକୁ ଆପଣେଇବାକୁ ଆଗ୍ରହ ପ୍ରକାଶ କରିଥିଲେ। ମନ୍ଦରଗିରି ପରିଭ୍ରମଣ କରି ପରାମର୍ଶଦାତା ସୁଶାନ୍ତ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସମସ୍ତ ଛାତ୍ରଛାତ୍ରୀ ଏବଂ ଅତିଥି ନିଜ ପ୍ରକୃତି ସମ୍ବନ୍ଧୀୟ ଅଭିଜ୍ଞତା ବାଣ୍ଟିଥିଲେ। ଅନୁଗୋଳର ବିଭିନ୍ନ ପରିବେଶ ସମସ୍ୟା ସମ୍ବନ୍ଧରେ ଖୋଲା ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ପ୍ରକୃତି କବି ସୁବର୍ଣ୍ଣ ଦେହୁରୀ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ନିଜର ପ୍ରକୃତି ସଙ୍ଗୀତ ପରିବେଷଣ କରିଥିଲେ। ଅନୁଷ୍ଠାନର ଦେବାଶିଷ ସାହୁ, ଗୁରୁଦେବ ସାହୁ, ପପୁନ ସାହୁ ଏବଂ ସୁବ୍ରତ କୁମାର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅଜଣା ଗାଡ଼ି ଧକ୍କାରେ ବାଇକ ଆରୋହୀ ମୃତ

**ପାଲଲହଡ଼ା, ୩୦ ।୧୧(ସମିସ):** ରବିବାର ସନ୍ଧ୍ୟାରେ ୪୯ ନଂ ଜାତୀୟ ରାଜପଥର କାଇଁଶିରିପାଲି ଛକ ନିକଟରେ ଅଜଣା ଟ୍ରକ ଧକ୍କାରେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସ୍ଥାନୀୟ ସାମନ୍ତସାହିର ରଞ୍ଜନ କୁମାର ବେହେରା ଓରଫ କାଳିଆ। ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ଦୀର୍ଘ ସମୟ ରାସ୍ତା ଅବରୋଧ କରିଥିଲେ। ପୁଲିସ ଓ ପ୍ରଶାସନିକ ଅଧିକାରୀ ପହଞ୍ଚି ବୁଝାସୁଝା କରିବା ପରେ ରାସ୍ତାରୋକ ହଟିଥିଲା। ପୁଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଜାରି ରଖିଛି।

## ଆଜି କିଶୋରନଗରରେ ଜନଶୁଣାଣି

କିଶୋରନଗର, ୩୦ ।୧୧(ସମିସ): କିଶୋରନଗର ବ୍ଲକ କାର୍ଯ୍ୟାଳୟରେ ସୋମବାର ପୂର୍ବାହ୍ନ ୧୦ଟାରେ ଅନୁଗୋଳ ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହେବ। ଏ ନେଇ ବିଡିଓ ସୁବ୍ରତ ବେହେରା ସୂଚନା ଦେଇଛନ୍ତି। ଶିବିରରେ ଜନସାଧାରଣଙ୍କ ସମସ୍ତ ଅଭିଯୋଗର ଶୁଣାଣି କରି ତାହାର ସମାଧାନ କରାଯିବ। ଶିବିରରେ ଜିଲ୍ଲା ଓ ଉପଖଣ୍ଡସ୍ତରୀୟ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଶିକ୍ଷା, ସ୍ୱାସ୍ଥ୍ୟ, ସମାଜ ମଙ୍ଗଳ, ସାମାଜିକ ସୁରକ୍ଷା, ମହିଳା ଓ ଶିଶୁ ବିକାଶ, ଜଙ୍ଗଲ, ମତ୍ସ୍ୟ ଓ ପ୍ରାଣୀସମ୍ପଦ, କୃଷି, ଉଦ୍ୟାନ କୃଷି, ଆଦି ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ନିଜ ବିଭାଗ ଉପରେ ହେବାକୁ ଥିବା ଜନଶୁଣାଣିରେ ଅଂଶଗ୍ରହଣ କରିବେ।




### ତାଳଚେର ଜେସିଆଇର ସପ୍ତମ ସ୍ଥାପନା ଦିବସ

## ଅରୁଣ ମୋଦି ହେଲେ ନୂତନ ସଭାପତି



**ଅନୁଗୋଳ, ୩୦ ।୧୧(ସମିସ):** ଜୁନିଅର ଚାମ୍ବର ଇଣ୍ଟରନ୍ୟାସନାଲ ଜେସିଆଇ ତାଳଚେର ଶାଖାର ସପ୍ତମ ସ୍ଥାପନା ଦିବସ ପାଳିତ ହୋଇଛି। ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଉତ୍ସବରେ ନୂତନ ସଭାପତି ଅରୁଣ ମୋଦି ଶପଥ ଗ୍ରହଣ କରିଥିଲେ। ବିଦାୟୀ ସଭାପତି ମହେଶ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଜେସିଆଇ ଜୋନ ସଭାପତି ପ୍ରଣବ ଲାଠ, ଉପସଭାପତି ରୂପମ ଦାସ, ଉପଦେଷ୍ଟା ଡ. ରଶ୍ମିରଞ୍ଜନ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମାଜସେବା ଦିଗରେ ଜେସିଆଇ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ପ୍ରକାଶ କରିଥିଲେ।

ଆଗାମୀ ଦିନରେ ସମାଜର ଅବହେଳିତ, ଗରିବ ଓ ଅସହାୟ ବ୍ୟକ୍ତିଙ୍କ ପ୍ରତି ସହଯୋଗ ବଜାୟ ରଖିବାକୁ ଅତିଥି ପରାମର୍ଶ ଦେଇଥିଲେ। ବିଦାୟୀ ସଭାପତି ମହେଶ ଅଗ୍ରୱାଲ ବିବରଣୀ ପାଠ କରିବା ସହ ବିଗତ ବର୍ଷରେ ଜେସିଆଇର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଜୋନ ଉପସଭାପତି ରୂପମ୍ ଦାସ ନୂତନ କର୍ମକର୍ତ୍ତାଙ୍କୁ ଶପଥପାଠ କରାଇବା ସହିତ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ତାଳଚେର ଶାଖାର ପ୍ରତିଷ୍ଠାତା ଆଶିଷ ଅଗ୍ରୱାଲ କର୍ମକର୍ତ୍ତାଙ୍କୁ ସଂଗଠିତ ହୋଇ ସମାଜ କଲ୍ୟାଣ ଦିଗରେ କାର୍ଯ୍ୟ କରିବା ପାଇଁ ଆଗେଇ ଆସିବାକୁ ମାର୍ଗଦର୍ଶନ କରିଥିଲେ। ଚଳିତ ବର୍ଷ ଜେସିଆଇ ପକ୍ଷରୁ ଚାରାରୋପଣ, ପାନୀୟ ଜଳ ପ୍ରକଳ୍ପ, ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଟ୍ରେନିଂ, ସ୍ୱାସ୍ଥ୍ୟସେବା ଭଳି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ନୂତନ ସଭାପତି ଅରୁଣ ମୋଦି ସୂଚନା ଦେଇଥିଲେ। ଜେସିଆଇର ପ୍ରକଳ୍ପ ନିର୍ଦ୍ଦେଶକ ଆକାଶ ମୋଦିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ସମାରୋହରେ ତାଳଚେର ଶାଖାର ପୂର୍ବତନ ସଭାପତି ରାକେଶ ଗୁପ୍ତା, ବାସୁଦେବ ସାହୁ, ଦୀପ୍ତିରଞ୍ଜନ ବିଶ୍ୱାଳ, ମନିଷ ଅଗ୍ରୱାଲ, କୁଶଳ ଅଗ୍ରୱାଲ, କୋଷାଧ୍ୟକ୍ଷ ଜିତେନ୍ଦ୍ର ଅଗ୍ରୱାଲ, ସୁଶୀଲ ସାହୁ, ଶୁଭ ଆଚାର୍ଯ୍ୟ, ହିତେଶ ଅଗ୍ରୱାଲ, ସୋବେନ ମିଶ୍ର, ଲିପିକା ମିଶ୍ର, ପଲ୍ଲବୀ ଅଗ୍ରୱାଲ, ତୃପ୍ତିମୟୀ ସାହୁ, ରୋଟାରୀ କ୍ଲବ ସମ୍ପାଦକ ଆଇନଜୀବୀ ହରେକୃଷ୍ଣ ପାତ୍ର, ସମାଜସେବୀ ବଜରଙ୍ଗ ଅଗ୍ରୱାଲ, ବରିଷ୍ଠ ଆଇନଜୀବୀ ଯଦୁମଣି ସାହୁଙ୍କ ସମେତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି, ମାରୱାଡ଼ି ମହିଳା ସମିତି କର୍ମକର୍ତ୍ତା ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ଏକଲ ଅଭିଯାନ ଓଡ଼ିଶାର ସାମ୍ବାଦିକ ସମ୍ମିଳନୀ



**ଅନୁଗୋଳ, ୩୦ ।୧୧(ସମିସ):** ଏକଲ ଅଭିଯାନ ଓଡ଼ିଶା ଆନୁକୂଲ୍ୟରେ ଆଗାମୀ ଡିସେମ୍ବର ୪ ତାରିଖ ଗୁରୁବାର ଏକଲ ସୁରତାଲ ଟିମର କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏ ନେଇ ଏକ ସାମ୍ବାଦିକ ସମ୍ମିଳନୀରେ ସଂସ୍କାର ଶିକ୍ଷା ସଭାପତି ବିଜୟ କୁମାର ମୋଦୀ, ପୂର୍ବ ପ୍ରଭାଗ ଶିକ୍ଷା ପ୍ରଭାରୀ ସିଦ୍ଧାନାଥ ସାହୁ, ସମ୍ପାଦକ ଭୋଗଦେବ ପ୍ରଧାନ, ଗଣମାଧ୍ୟମ ସଂଯୋଜକ ଚନ୍ଦ୍ରକାନ୍ତ ଧଳ ସୂଚନା ଦେଇଛନ୍ତି। ଭୋଗଦେବ ପ୍ରଧାନ ଏକଲ ଅଭିଯାନ ସଂଗଠନର ସ୍ୱରୂପ ବର୍ଣ୍ଣନା କରିଥିଲେ। ସିଦ୍ଧନାଥ ସାହୁ ଏକଲ ଅଭିଯାନର ଲକ୍ଷ୍ୟ-ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ବିଜୟ କୁମାର ମୋଦୀ ଏକଲ ସୁରତାଲ କାର୍ଯ୍ୟକ୍ରମ ଅନୁଗୋଳ ଜିଲ୍ଲାର ସଭାଘରେ କିଭଳି ସୁଚାରୁରୂପେ ହୋଇପାରିବ ସେ ନେଇ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମ ପାଇଁ ଭାରତର କୋଣ ଅନୁକୋଣରୁ କାର୍ଯ୍ୟକର୍ତ୍ତା ସୁରତାଲ ଟିମ୍ ଦ୍ୱାରା ଭାରତୀୟ ସଂସ୍କୃତି ଓ ଦେଶଭକ୍ତି ଉପରେ ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିବା 'ଭାରତ କେ ରଙ୍ଗ ଏକଲ କେ ସଙ୍ଗ' କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଅନୁଗୋଳ ନଗରର ସମସ୍ତ ଲୋକ ଉପସ୍ଥିତ ରହି ଦେଖିବାକୁ ଆଗ୍ରହ ପ୍ରକାଶ କରାଯାଇଛି। ଶେଷରେ ଯୁବା ପ୍ରଭାରୀ ବିପିନ ବିହାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅଭିଯାନର ଖଗେଶ୍ୱର ଭୂତିଆ, ଲଡୁକେଶ୍ୱର ଅଗ୍ରୱାଲ, ସୁରେଶ ସାହା, ସୁକେଶ କୁମାର ବେହେରା ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## କ୍ରିଷ୍ଣା ବିକାଶ ଟେକ୍ନୋ ସ୍କୁଲରେ ବିଜ୍ଞାନ ପ୍ରଦର୍ଶନୀ

**ଅନୁଗୋଳ, ୩୦ ।୧୧(ସମିସ):** ସ୍ଥାନୀୟ କ୍ରିଷ୍ଣା ବିକାଶ ଟେକ୍ନୋ ସ୍କୁଲ ପରିସରରେ ବିଜ୍ଞାନ ପ୍ରଦର୍ଶନୀ ଓ ଟେଷ୍ଟ ଏକ୍ସପୋ-୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ସାନୁଜ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅନୁଗୋଳ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଦେବାଶିଷ ମିଶ୍ର ଓ ସମ୍ମାନିତ ଅତିଥି ଭାବେ ଅନୁଗୋଳ ସହାୟକ ଅଗ୍ନିଶମ ଅଧିକାରୀ ରମେଶ ଚନ୍ଦ୍ର ମହାନ୍ତି ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ଚେତନା, ନବଚିନ୍ତନ ଓ ଆବିଷ୍କାର ଚେତନା ବୃଦ୍ଧି କରିବା



ସହିତ ସହ ପାକକଳା ଓ ସ୍ୱାସ୍ଥ୍ୟକର ଖାଦ୍ୟ ଧାରଣାକୁ ପ୍ରୋତ୍ସାହନ ଯୋଗାଇଥିଲା। ପ୍ରଦର୍ଶନୀରେ ପରିବେଶ ସୁରକ୍ଷା, ରୋବୋଟିକ, ଜଳ ସଞ୍ଚୟ, ନବୀକରଣ ଶକ୍ତି, ଅଗ୍ନିଶମ ସୁରକ୍ଷା ଇତ୍ୟାଦି ବିଷୟ ଉପରେ ଛାତ୍ରଛାତ୍ରୀଙ୍କ ପ୍ରକଳ୍ପ, ପ୍ରୟୋଗ ଓ ନବ ଧାରଣା ସ୍ଥାପିତ ଥିଲା। ପରେ ଫୁଡ୍ ଫେଷ୍ଟରେ ଓଡ଼ିଆ ପରମ୍ପରାଗତ ଖାଦ୍ୟରୁ ଆରମ୍ଭ କରି ବିଭିନ୍ନ ଆଧୁନିକ ପଦାର୍ଥ ପର୍ଯ୍ୟନ୍ତ ଆକର୍ଷଣୀୟ ଷ୍ଟଲ୍ ଥିଲା। ଛାତ୍ରଛାତ୍ରୀଙ୍କ ପ୍ରତିଭା, ଶିକ୍ଷକମାନଙ୍କ ପରିଶ୍ରମ ଓ ଅଭିଭାବକଙ୍କ ସହଯୋଗରେ ଏଭଳି କର୍ଯ୍ୟକ୍ରମ ସମ୍ଭବ ହୋଇପାରିଛି ଏବଂ ଆଗାମୀ ଦିନରେ ଏ ପ୍ରକାର ଆୟୋଜନକୁ ବିସ୍ତୃତ ଭାବେ କରାଯିବ ବୋଲି ପ୍ରଧାନଶିକ୍ଷକ ଶତପଥୀ ପ୍ରକାଶ କରିଥିଲେ।

## ଆର୍‌ଟିଓ ପକ୍ଷରୁ ଶୂନ୍ୟ ମୃତାହତ ପକ୍ଷ ପାଳନ

**ତାଳଚେର, ୩୦ ।୧୧(ସମିସ):** ତାଳଚେର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆରଟିଓ) ପକ୍ଷରୁ ଶୂନ୍ୟ ମୃତାହତ ପକ୍ଷ ପାଳିତ ହେବା ସହ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ତାଳଚେର ପରିବହନ ଅଧିକାରୀ ନିଖିଲ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ପ୍ରତ୍ୟେକ ଜୀବନ ମୂଲ୍ୟବାନ, ଏହାର ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ ସ୍ଲୋଗାନ ଦେଇ ତାଳଚେର ଜଗନ୍ନାଥ ମନ୍ଦିରଠାରୁ ବୋଲଣ୍ଡ ପର୍ଯ୍ୟନ୍ତ ଏକ ସଚେତନତା ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଆଞ୍ଚଳିକ ପରିବହନ ଅଧିକାରୀ, ତାଳଚେର ସଡିପିଓ ଶୋଭାଯାତ୍ରାକୁ ଉଦଘାଟନ କରିଥିଲେ। ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ କର୍ମଚାରୀମାନେ ସହଯୋଗ କରିଥିଲେ।





# ପ୍ରଦୂଷଣ ଓ ରାସ୍ତାଘାଟ ସମସ୍ୟାରେ ଲୋକେ ଜର୍ଜରିତ

**ତାଳଚେର, ୩୦ ।୧୧(ସମିସ)**



ତାଳଚେରରେ ବର୍ଷବର୍ଷ ଧରି ପ୍ରଦୂଷଣ ଓ ରାସ୍ତାଘାଟ ସମସ୍ୟା ରହିଥିଲେ ସୁଦ୍ଧା ତାହାର ନିରାକରଣ ଅଦ୍ୟାବଧି ହୋଇ ନ ପାରିବା ଉଦବେଗର ବିଷୟ ପାଲଟିଛି। ତାଳଚେର ବ୍ଲକ ତାଳବେଡ଼ାଠାରୁ ଚାଇଁପାଳ ଦେଇ ବଅଁରପାଳ ଯାଇଥିବା ଜାତୀୟ ରାଜପଥ ମରଣଯନ୍ତା ପାଲଟିଛି। ରାସ୍ତା ପାର୍ଶ୍ୱରେ ଥିବା ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଲୋକେ ଦୀର୍ଘବର୍ଷ ହେବ ରାସ୍ତାରୁ ଉଡ଼ୁଥିବା ପ୍ରଚୁର କୋଇଲା ଗୁଣ୍ଡ ମିଶ୍ରିତ ଧୂଳିଧୂଆଁରେ ଅଣନିଃଶ୍ୱାସୀ ହେବା ସହ ଦୈନନ୍ଦିନ ଦୁର୍ଘଟଣାର ଶିକାର ହେବା ଘଟଣା ଅଞ୍ଚଳବାସୀଙ୍କୁ ବ୍ୟଥିତ କରୁଛି। ଏଠାରେ ପୂର୍ବରୁ ଅନୁଗୋଳ ଜିଲ୍ଲାପାଳ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଧୂଳିଧୂଆଁ ଟ୍ରାଫିକ ବ୍ୟବସ୍ଥା ନେଇ ନୋ ଏଣ୍ଟ୍ରି ଓ ଭାରୀଯାନଗୁଡ଼ିକ ୨୦ କିମି ବେଗରେ ଯିବାରୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଲୋକଙ୍କୁ ସେହି ନୋ ଏଣ୍ଟ୍ରି ସମୟରେ ଯାତାୟାତ କରିବା ସୁବିଧା ହେଉଥିଲା। ମାତ୍ର ବର୍ତ୍ତମାନ ଏହାକୁ ହେୟଜ୍ଞାନ କରି ଟ୍ରକଗୁଡ଼ିକ ଦ୍ରୁତଗତିରେ ଜାତୀୟ ରାଜପଥରେ ଚଳପ୍ରଚଳ କରୁଥିବା ଦେଖିବାକୁ ମିଳିଛି। ତେଲ ପକାଇବା ତଥା ମରାମତି କରିବା ନାଁରେ ରାଜପଥ ପାର୍ଶ୍ୱରେ ମନଇଚ୍ଛା ପାର୍କିଂ କରିବା ଯୋଗୁଁ ରାସ୍ତା ସଙ୍କୁଚିତ ହୋଇ ଦୁର୍ଘଟଣା ବୃଦ୍ଧି ପାଉଛି। ଦୈନିକ ଶହ ଶହ ଟ୍ରକ ଯାତାୟାତ କରୁଥିବାରୁ ତାଳଚେର ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବା ସାଙ୍ଗକୁ ୧୩ କିମି ରାସ୍ତା ଅତିକ୍ରମ କରିବାକୁ ୪ରୁ ୫ ଘଣ୍ଟା ଲାଗିଯାଉଛି। ବେଳେ ବେଳେ ଜରୁରୀ ସେବା ଯୋଗାଣକାରୀ ଗାଡ଼ି ଯଥା ଆମ୍ବୁଲାନ୍ସ, ଜନନୀ ଏକ୍ସପ୍ରେସ୍, ଦମକଳ ମଧ୍ୟ ରାସ୍ତାରେ ଯାଇ ନ ପାରି ଦୀର୍ଘ ସମୟ ଫସି ରହୁଥିବା ଲକ୍ଷ୍ୟ କରାଯାଉଛି।

ତାଳଚେର ଉପଖଣ୍ଡରେ ବିଭିନ୍ନ କୋଇଲାଖଣି, ଏନଟିପିସି, ଡେରେଙ୍ଗ ଜିନ୍ଦଲ ଆଦି ଶିଳ୍ପାନୁଷ୍ଠାନ ରହିଛି। ଏହି କୋଇଲା ଖଣି, ଏନଟିପିସି, ଜିନ୍ଦଲରୁ ହଜାର ହଜାର ସଂଖ୍ୟକ କୋଇଲା ଓ ପାଉଁଶ ବୋଝେଇ ଟ୍ରକ ଜାତୀୟ ରାଜପଥରେ ଚଳପ୍ରଚଳ କରିଥାନ୍ତି। ଫଳରେ ଟ୍ରକଗୁଡ଼ିକରେ ଆସୁଥିବା କୋଇଲା ଗୁଣ୍ଡ, ଧୂଳିଧୂଳିଆଁରେ ରାଜପଥ ସମ୍ପୂର୍ଣ୍ଣ ପ୍ରଦୂଷିତ ହେବା ସହ ଲୋକେ ଆକ୍ତମାକ୍ତା ହୋଇପଡୁଛନ୍ତି। ସାଇକଲ ଓ ବାଇକ ଆରୋହୀ ଧୂଳିରେ ଅଣନିଃଶ୍ୱାସୀ ହେବା ସହ ଦୁର୍ଘଟଣାର ଶିକାର ହେଉଛନ୍ତି। ଏପରିକି ରାସ୍ତା ପାର୍ଶ୍ୱରେ ତାଳବେଡ଼ା ଗ୍ରାମଠାରୁ ଆରମ୍ଭକରି ଚାଳକିଆକୁଟା, ତାଳଚେର କଲେଜ, ବାଇପାସ୍ ଛକ, ବହ୍ଲର, ଥର୍ମାଲ, ଆନନ୍ଦବଜାର, ଚାଇଁପାଳ ପର୍ଯ୍ୟନ୍ତ ଉଡୁଥିବା କୋଇଲା ଗୁଣ୍ଡ ଓ ଧୂଳି ଭାତହାଣ୍ଡିରେ ପଡୁଥିବା ଅଭିଯୋଗ ହୋଇଆସୁଛି। ଏହାର ପ୍ରତିକାର ନିମନ୍ତେ ଅଞ୍ଚଳବାସୀ ଜିଲ୍ଲାପାଳ, ଉପଜିଲ୍ଲାପାଳଙ୍କୁ ଗୁହାରି କଲେ ମଧ୍ୟ କିଛି ସୁଫଳ ମିଳୁ ନ ଥିବା ଅଭିଯୋଗ ହେଉଛି। ତାଳଚେର ଅଞ୍ଚଳରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିପୁଳ ରାଜସ୍ୱ ନେଉଥିଲେ ମଧ୍ୟ ବର୍ଷବର୍ଷ ଧରି ପ୍ରମୁଖ ସମସ୍ୟାଗୁଡ଼ିକ ଲାଗି ରହିଛି। ଜିଲ୍ଲା ଖଣିଜ ପାଣ୍ଠିରେ କୋଟିକୋଟି ଟଙ୍କା ପଡ଼ି ରହିଥିଲେ ମଧ୍ୟ ତାହାକୁ କାହିଁକି ସମସ୍ୟା ସମାଧାନ ଦିଗରେ ବିନିଯୋଗ କରାଯାଉନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।



# କୋଇଲା ବୋଝେଇ ଜାହାଜରେ ନିଆଁ



ପାରାଦୀପ,୩୦।୧୧(ସମିସ): ଗତକାଲି ବିଳମ୍ବିତ ରାତିରେ ପାରାଦୀପ ବନ୍ଦରର ବର୍ଥରେ ଏକ ଜାହାଜ କୋଇଲା ବୋଝେଇ କରୁଥିବା ସମୟରେ କୋଇଲାରେ ନିଆଁ ଲାଗି ଯାଇଥିଲା । ଇକୋ କୋଲୋନେଲ ମନୋରଭିଆ ନାମକ ଜାହାଜଟି ଆଇରନ ଓର୍ ବର୍ଥରେ ଥର୍ମାଲ କୋଇଲା ବୋଝେଇ କରୁଥିବା ବେଳେ ଏଭଳି ଅଘଟଣ ଘଟିଥିଲା । ତେବେ କନଭେୟର ବେଲ୍ଟ ମାଧ୍ୟମରେ ଜାହାଜରେ ଏହି କୋଇଲା ବୋଝେଇ ଚାଲିଥିଲା । ପାଖାପାଖି ୬ ହଜାର ଟନ୍ କୋଇଲା ଜାହାଜରେ ବୋଝେଇ ହୋଇ ସାରିଥିବା ବେଳେ ହଠାତ୍ ଜାହାଜରୁ ଧୂଆଁ ବାହାରୁ ଥିବା ଦେଖି ଭେସେଲ ମାଷ୍ଟର କୋଇଲା ଲୋଡ୍ ବନ୍ଦ ପାଇଁ ସିଗ୍ନାଲ ଦେଇଥିଲେ । ଜାହାଜରେ ତୁରନ୍ତ କୋଇଲା ବୋଝେଇ ବନ୍ଦ କରି ଦିଆଯାଇଥିଲା । ପରେ ତୁରନ୍ତ ଜାହାଜକୁ ସେଠାରୁ ଅନ୍ୟ ଏକ ବର୍ଥ ସିକ୍ୟୁ-୨କୁ ସ୍ଥାନାନ୍ତରିତ କରାଯାଇଥିଲା । ଜାହାଜରୁ କୋଇଲା ଖଲାସ କରାଯାଇ ପାଣି ମରାଯାଇ ନିଆଁକୁ ଆୟତ୍ତ କରାଯାଇଥିଲା । ଥର୍ମାଲ କୋଇଲା ସବୁବେଳେ ଉତ୍ତପ୍ତ ରହିଥାଏ । ଏଥିରୁ ନିଆଁ ଲାଗିବାର ସମ୍ଭାବନା ବହୁ ସମୟରରେ ରହିଥାଏ । ଏଣୁ କୋଇଲା ବୋଝେଇ ଓ ଖଲାସ ସମୟରେ ପାଣି ସିଞ୍ଚନ କରାଯିବା ଜରୁରୀଥାଏ । ତେବେ ଗତକାଲି ଏହି କୋଇଲା ଲୋଡିଂ ବେଳେ ପାଣି ସିଞ୍ଚନ କରାଯାଇଥିଲେ ମଧ୍ୟ କ'ଣ ପାଇଁ ସେହି କୋଇଲାରେ ନିଆଁ ଲାଗିଯାଇଥିଲା ତାକୁ ନେଇ ତଦନ୍ତ ଆରମ୍ଭ କରାଯାଇଛି । ତେବେ ଜାହାଜରେ ଥର୍ମାଲ କୋଇଲା ବେଲ୍ଟ ମାଧ୍ୟମରେ ପରିବହନ କରାଯାଇ ଜାହାଜରେ ବୋଝେଇ ହେଉଥିବା ସମୟରେ ପାଣି ସିଞ୍ଚନ ହୁଏତ କମ୍ ହୋଇଥିବା ଯୋଗୁଁ ନିଆଁ ଲାଗିଥାଇ ପାରେ ବୋଲି ଅନୁମାନ କରାଯାଉଛି । ସବୁଠାରୁ ବଡ଼ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଜାହାଜରେ ଏକ ବଡଧରଣର ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା କୁହାଯାଉଛି ।

**ଖଲାସ୍ ହେଲା ୬ ହଜାର ଟନ୍ ଲୋଡିଂ କୋଇଲା**

# ମା' ଜାଗ୍ରତ ଗୌରୀ ପୀଠରେ ବିଶ୍ୱଶାନ୍ତି ଗୀତା ମହାଯଜ୍ଞ

ବାଲିକୁଦା,୩୦।୧୧(ସମିସ): ବାଲିକୁଦା ବ୍ଲକ ଅଳାଭର ପଞ୍ଚାୟତ ରଣପୁର ସ୍ଥିତ ମା' ଜାଗ୍ରତ ଗୌରୀଙ୍କ ପୀଠରେ ଆଞ୍ଚଳିକ ଜାଗ୍ରତ ଗୌରୀ ଗୀତା ପ୍ରଚାର ସମିତି ଆନୁକୂଲ୍ୟରେ ଦ୍ୱାତ୍ରିଂଶତମ ବିଶ୍ୱଶାନ୍ତି ଗୀତା ମହାଯଜ୍ଞ ଉଦ୍‌ଘାଟିତ ହୋଇଯାଇଛି । ପ୍ରାତଃରୁ ଅଙ୍କୁରାରୋପଣ, ଅଧିବାସ କାର୍ଯ୍ୟକ୍ରମ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ।ସନ୍ଧ୍ୟାରେବରେଣ୍ୟଅତିଥି ରୂପେ ମା' ସିଦ୍ଧିଦାତ୍ରୀ ଦିବ୍ୟଜୀବନ ସେବାଶ୍ରମର ସ୍ୱାମୀ ଗୋକୁଳାନନ୍ଦ ସରସ୍ୱତୀ ମହାରାଜ, ବେଦାନ୍ତାଚାର୍ଯ୍ୟ ପଣ୍ଡିତ ଅମରେନ୍ଦ୍ର ପ୍ରସାଦ ନନ୍ଦ, ଡାକ୍ତର ସରୋଜ କୁମାର ପରିଡା ଯୋଗଦେଇଥିଲେ । ଗୀତା ପ୍ରଚାର ସମିତିର ସଭାପତି ପ୍ରଦୀପ୍ତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା । ଗୀତା ପ୍ରଚାର ସମିତିର ସମ୍ପାଦକ ଚନ୍ଦ୍ରଶେଖର ଶତପଥି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଉତ୍ସବରେ ଗୀତାଜ୍ଞାନ ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଦୀର୍ଘ ୫ ଦିନ ବ୍ୟାପୀ ଏହି ବିଶ୍ୱଶାନ୍ତି ଗୀତା ମହାଯଜ୍ଞ କାର୍ଯ୍ୟକ୍ରମରେ ୧ ତାରିଖ ସୋମବାର ଜଳଯାତ୍ରା, ଗୋ-ପୂଜନ ଉତ୍ସବ, ସୂର୍ଯ୍ୟପୂଜା ଓ ଅଗ୍ନି ସ୍ଥାପନ, ସନ୍ଧ୍ୟା ୭ ଘଟିକାରେ ବେଦାନ୍ତାଚାର୍ଯ୍ୟ ପଣ୍ଡିତ ଅମରେନ୍ଦ୍ର ପ୍ରସାଦ ନନ୍ଦଙ୍କ ଦ୍ୱାରା ପ୍ରବଚନ ଦିଆଯିବ । ୨ ତାରିଖ ମଙ୍ଗଳବାର ସୂର୍ଯ୍ୟପୂଜା, ଘୃତଯାଗ, ୩ ତାରିଖ ବୁଧବାର ଦିନ ରୁଦ୍ରାଭିଷେକ ଓ ସପ୍ତଶତୀ ଚଣ୍ଡୀପାଠ, ୪ ତାରିଖ ଗୁରୁବାର ସୂର୍ଯ୍ୟପୂଜା, ଗୀତାଯାଗ ଓ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ । ପ୍ରତ୍ୟହ ପ୍ରାତଃ କାଳରେ ପ୍ରାତଃ ବନ୍ଦନା, ସାମୂହିକ ଗୀତା ପାରାୟଣ ଓ ଯୋଗ ପ୍ରାଣାୟମ ଶିକ୍ଷା ଅନୁଷ୍ଠିତ ହେବ । ଶେଷରେ ଉପଦେଷ୍ଟା ପଣ୍ଡିତ ହୃଷୀକେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ କର୍ତ୍ତା ଭାବେ ଦୁର୍ଗାପ୍ରସାଦ ଷଡ଼ଙ୍ଗୀ ଓ କର୍ତ୍ତ୍ରୀ ରୂପେ ଝାନ୍ସୀରାଣୀ ଷଡ଼ଙ୍ଗୀ କାର୍ଯ୍ୟନିର୍ବାହ କରୁଥିବା ବେଳେ, ପଣ୍ଡିତ ପ୍ରଫୁଲ୍ଲ ମିଶ୍ର, ହୃଦାନନ୍ଦ ମିଶ୍ର, ହୃଦାନନ୍ଦ ପଣ୍ଡା ଯଜ୍ଞ କାର୍ଯ୍ୟ ସମ୍ପାଦନ କରୁଛନ୍ତି । ଏହି କାର୍ଯ୍ୟକ୍ରମରେ ଶରତ ଚନ୍ଦ୍ର ବାରିକ, ରାମଚନ୍ଦ୍ର ଗାୟା, ପ୍ରଶାନ୍ତ କୁମାର ସ୍ୱାଇଁ, ଶିଶିର କୁମାର ଶତପଥୀ, ନରୋତ୍ତମ ଶତପଥି, କୁଳମଣି ରଥ, ବଟକୃଷ୍ଣ ମିଶ୍ର, ଗଗନ ବିହାରୀ ଶତପଥି, ବିଷ୍ଣୁ ପ୍ରସାଦ ଦାସ, କୀର୍ତ୍ତି ରଞ୍ଜନ ଶତପଥି, ଆର୍ତ୍ତବନ୍ଧୁ ସ୍ୱାଇଁ, ଦୁର୍ଗାଚରଣ ଷଡ଼ଙ୍ଗୀ, ସଚ୍ଚିକାନ୍ତ ଶତପଥି ପ୍ରମୁଖ ଉପସ୍ଥିତ ରହି ସକ୍ରିୟ ଭାବରେ ପରିଚାଳନା କରିଥିଲେ ।

## ଜଙ୍ଗଲ ଜମିରେ ବିଦ୍ୟୁତ୍ ତାର ବାଡ଼

# ବିଦ୍ୟୁତ୍ ଆଘାତରେ ମରୁଛନ୍ତି ବାର୍‌ହା, ଷଣ୍ଢ

ପାରାଦୀପ,୩୦।୧୧(ସମିସ)



ଭୂୟାଁପାଳ ଅଞ୍ଚଳରେ ବସବାସ କରୁଥିବା କେତେକ ସ୍ଥାନୀୟ ମୁଷ୍ଟିମେୟ ଲୋକ ଜଙ୍ଗଲ ଜମିରେ ତାର ବାଡ଼ ବୁଲାଇ ଜଙ୍ଗଲୀ ଜୀବଜନ୍ତୁଙ୍କ ଶିକାର ପାଇଁ ଇଲେକ୍ଟ୍ରି ତାର ସଂଯୋଗ କରିବାରୁ ଦୁର୍ଘଟଣା ଘଟୁଛି । ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ବାର୍‌ହା ଓ ଷଣ୍ଢଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ତେବେ ଗତକାଲି ଭୂୟାଁପାଳ ଗ୍ରାମର ସନ୍ଧ୍ୟାରାଣୀ ସାହୁଙ୍କର ଏକ ଗାଈ ଓ ବାଛୁରି ରାସ୍ତା ଉପରେ ବନ୍ଧା ହୋଇଥିବା ବେଳେ ବିଦ୍ୟୁତ୍ ଆଘାତରେ ସମ୍ମୁଖୀନ ହୋଇ ଗାଈର ମୃତ୍ୟୁ ଘଟିଛି । ବାଛୁରିଟି ଗୁରୁତର ହୋଇଥିବା ଅଭୟଚାନ୍ଦପୁର ଥାନାରେ ଅଭିଯୋଗ କରିଛନ୍ତି ସନ୍ଧ୍ୟାରାଣୀ ସାହୁ । ତେବେ ବାର୍‌ହା ଓ ହରିଣ ଶିକାର ପାଇଁ କେତେକ ଲୋକ ବିଦ୍ୟୁତ୍ ତାର ବିଛାଉଛନ୍ତି । ଫଳରେ ଘାସ ଚରିବାକୁ ଯାଇ ଏକ ଗାଈ ସେଥିରେ ପଡ଼ିଯିବାରୁ ତାର ମୃତ୍ୟୁ ଘଟିଛି । ଏଭଳି ଏକ ଘଟଣା ଘଟିଛି ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ଗଡ଼କୁଜଙ୍ଗ ପଞ୍ଚାୟତ ର ଭୂୟାଁପାଳ ଗାଁରେ । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ ଜଟାଧାରୀ ମୁହାଣ ନିକଟ ଜଙ୍ଗଲରେ ହଜାର ହଜାର ସଂଖ୍ୟାରେ ହରିଣ ଓ ବାର୍‌ହା ରହୁଛନ୍ତି । ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ପାଇଁ ସେଠାରେ ଗଛ କଟାଯାଇ ପାଚେରି ନିର୍ମାଣ ହେଉଥିବାରୁ ଜଙ୍ଗଲୀ ଜନ୍ତୁ ସବୁ ଏବେ ନୋଳିଆସାହି, ନୂଆଗାଁ ଓ ଗଡ଼କୁଜଙ୍ଗ ଅଞ୍ଚଳରେ ବିଚରଣ କରୁଛନ୍ତି । ଶହ ଶହ ସଂଖ୍ୟାରେ ଦଳ ଦଳ ହୋଇ ବୁଲୁଥିବା ଏହି ବିରଳ ଜଙ୍ଗଲୀ ଜୀବଙ୍କୁ ସ୍ଥାନୀୟ କିଛି ମୁଷ୍ଟିମେୟ ଲୋକ ଅନବରତ ଶିକାର କରୁଛନ୍ତି । ଏହାକୁ ଗ୍ରାମବାସୀ ବିରୋଧ କରିଥିଲେ ମଧ୍ୟ ସ୍ଥାନୀୟ ପୁଲିସ କିମ୍ବା ବନବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି । ଫଳରେ ସେମାନେ ଗ୍ରାମବାସୀଙ୍କୁ ଧମକାଇବା ସହିତ ଜବରଦସ୍ତ ବିଦ୍ୟୁତ୍ ତାର ବିଛାଇ ଶିକାର କରୁଛନ୍ତି । ସେପଟେ ବିଲ କାମରେ ଯାଉଥିବା ଲୋକେ ଓ ଗୃହପାଳିତ ପଶୁ ମଧ୍ୟ ଏହି ତାର ସଂସ୍ପର୍ଶରେ ଆସି ଆହାତ ହେଉଥିବା ବେଳେ ଗୋଟିଏ ଗାଈର ମୃତ୍ୟୁ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଅଭୟଚାନ୍ଦପୁର ଥାନାରେ ମୃତ ଗାଈ ର ମାଲିକ ଅଭିଯୋଗ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନଥିବା ସୂଚନା ମିଳିଛି ।

## ● ଆଇନସେବା ପ୍ରାଧିକରଣର ହସ୍ତକ୍ଷେପ

# ଯୋଡ଼ିହେଲା ଭାଙ୍ଗି ଯାଇଥିବା ପରିବାର



ଜଗତସିଂହପୁର,୩୦।୧୧(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ କନ୍ତାର ଗ୍ରାମର ରାକେଶ ସାମନ୍ତରାୟ ଢେଙ୍କାନାଳ ଜିଲ୍ଲା ପର୍ଜଙ୍ଗା ବ୍ଲକ ଅନ୍ତର୍ଗତ ତୁଳସିପଶି ଗ୍ରାମର ଦେବଯାନୀ ସାମନ୍ତରାୟଙ୍କୁ ପ୍ରେମ ବିବାହ କରିଥିଲେ । ଉଭୟଙ୍କର ୧୧ ବର୍ଷର ଏକ ପୁତ୍ର ଓ ୧୦ ବର୍ଷର ଏକ କନ୍ୟା ସନ୍ତାନ ଅଛି । ତେବେ ସ୍ୱାମୀ-ସ୍ତ୍ରୀ ଏବଂ ଶାଶୂ ଶଶୁରଙ୍କ ମଧ୍ୟରେ କୌଣସି କାରଣରୁ ମନାନ୍ତର ମତାନ୍ତର ଘଟିଥିଲା । ଫଳରେ ପ୍ରାୟ ଦୁଇବର୍ଷ ହେବ ପୁଅବୋହୂଙ୍କୁ ଶାଶୂଶଶୁର ତାଙ୍କ ଘରୁ ବାହାର କରିଦେଇଥିଲେ ଏବଂ ଉଭୟ ସ୍ୱାମୀ ସ୍ତ୍ରୀ ଏକ ଭଡ଼ାଘରେ ରହୁଥିଲେ । ଏହି ସମସ୍ୟାର ସମାଧାନ ନିମନ୍ତେ ଦେବଯାନୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଦ୍ୱାରସ୍ଥ ହୋଇଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଦୁଇ ପକ୍ଷଙ୍କୁ ଉପସ୍ଥିତ ରହି ସମାଧାନ ନିମନ୍ତେ ନୋଟିସ କରାଯାଇଥିଲା । ଆଇନ ସେବା ପ୍ରାଧିକରଣ ସଚିବ ବିଡିଡି ଚନ୍ଦନଙ୍କ ହସ୍ତକ୍ଷେପ ଏବଂ ରିଟେନର ଆଇନଜୀବୀ ମିହିର ନାରାୟଣ ମଲ୍ଲିକଙ୍କ ମଧ୍ୟସ୍ଥତା ମାଧ୍ୟମରେ ଦେବଯାନୀ ଓ ତାଙ୍କ ସ୍ୱାମୀ ରାକେଶ ଏବଂ ତାଙ୍କ ଶାଶୂଶଶୁର ପୁଣି ଏକାଠି ହୋଇ ଚଳିବାକୁ ରାଜି ହୋଇଥିଲେ । ଉଭୟ ପକ୍ଷ ଏହି ସମାଧାନରେ ଖୁସି ହୋଇ ଘରକୁ ଯାଇଥିଲେ ।

## ● ଜଗନ୍ନାଥ ଲଳିତ କଳା ସଂସଦ ସାଂସ୍କୃତିକ ମହୋତ୍ସବ

# ଲେଡିଜ୍ କ୍ଲବ୍ ମଞ୍ଚସ୍ଥ କଲା 'ସକାଳର ମେଘ'

ପାରାଦୀପ,୩୦।୧୧(ସମିସ): ପାରାଦୀପ ବନ୍ଦର ସାଂସ୍କୃତିକ ଅନୁଷ୍ଠାନ ଜଗନ୍ନାଥ ଲଳିତ କଳାସଂସଦ ପକ୍ଷରୁ ଆୟୋଜିତ ସାଂସ୍କୃତିକ ମହୋତ୍ସବର ଆଜି ଥିଲା ତୃତୀୟ ସନ୍ଧ୍ୟା । ତୃତୀୟ ସନ୍ଧ୍ୟାରେ ଅତିଥିଭାବେ ପାରାଦୀପ ବନ୍ଦରର ଅଧ୍ୟକ୍ଷ ପିଏଲ୍ ହରନାଦ ଯୋଗ ଦେଇଥିବା ବେଳେ ବନ୍ଦରର ଅନ୍ୟ ବହୁ ବିଭାଗୀୟ ମୁଖ୍ୟ ମାନେ ମଧ୍ୟ ଉପସ୍ଥିତ ଥିଲେ । ସହଯୋଗ ଓ ସାଂସ୍କୃତିକ ପରମ୍ପରାକୁ ସୁଦୃଢ଼ କରିବା ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ର ମୁଖ୍ୟ ଲକ୍ଷ୍ୟ ବୋଲି ଅଧ୍ୟକ୍ଷ ଶ୍ରୀଯୁକ୍ତ ହରନାଦ ବକ୍ତବ୍ୟରେ କହିଥିଲେ । ଏହି ଅବସରରେ ପାରାଦୀପ ଲେଡିଜ୍ କ୍ଲବ ପକ୍ଷରୁ ଆଜି ମଞ୍ଚସ୍ଥ ହୋଇଥିଲା ନାଟକ 'ସକାଳର ମେଘ' । ନାଟକଟି ଏକ ପାରିବାରିକ ଘଟଣାକୁ ନେଇ କରାଯାଇଥିବା ବେଳେ



ଦୁଃଖରେ ଅନ୍ତଘଟିଛି ପୁଣି ହସଖୁସିରେ ଭରିଯାଇଛି ନାଟକଟି । ଯାହାକୁ ପରିବେଷଣ କରିଛନ୍ତି ପାରାଦୀପ ଲେଡିଜ କ୍ଲବ (ଅଫିସର୍ସ)ର କଳାକାରମାନେ । ଆଜି ଏହି ନାଟକଟିକୁ ବହୁ ସଂଖ୍ୟାରେ ଦର୍ଶକ ମୂଳରୁ ଶେଷ ପର୍ଯ୍ୟନ୍ତ ବସି ରହି ଉପଭୋଗ କରିଥିଲେ ।






# ମୁକ୍ତାକାଶ ପକ୍ଷରୁ ଦିବ୍ୟାଙ୍ଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ବ୍ରହ୍ମପୁର, ୩୦।୧୧ (ସମିସ): ଖଲ୍ଲିକୋଟ ଏକକ ବିଶ୍ୱ ବିଦ୍ୟାଳୟ ଖେଳପଡ଼ିଆରେ ବିଶ୍ୱ ଦିବ୍ୟାଙ୍ଗ ଦିବସ ଅବସରରେ ମୁକ୍ତାକାଶ ଦିବ୍ୟାଙ୍ଗ ଉନ୍ନୟନ ସଂଗଠନ ପକ୍ଷରୁ ଦିବ୍ୟାଙ୍ଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସଭାପତି ବୁଦ୍ଧିନାଥ ରେ‡ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଇଡ଼ିଏ ଅଧ୍ୟକ୍ଷ ସୁବାସ ମହାରଣା ଓ ବିଜେଡ଼ି ନେତା ଆର. ମୁରଲୀ ମୋହନ ଉପସ୍ଥିତ ରହି ଟୁର୍ଣ୍ଣାମେଣ୍ଟକୁ ଶୁଭାରମ୍ଭ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ଓଡିଶା- 'ଏ' ଏବଂ ଓଡିଶା- 'ବି' ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ପ୍ରତିଯୋଗିତା ହୋଇଥିଲା। ଏଥିରେ ଓଡିଶା- 'ଏ' ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ କୌଣସି ୱିକେଟ ନହରାଇ ୧୮୨ ରନ୍ ସଂଗ୍ରହ କରିଥିଲା। ଜବାବରେ ଓଡିଶା- 'ବି' ୧୯.୫ ଓଭରରେ ମୋଟ ୨ଟି ୱିକେଟ ହରାଇ ଆବଶ୍ୟକ ୧୮୩ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ପରେ ୧୫ଜଣ ଦିବ୍ୟାଙ୍ଗଙ୍କୁ ନେଇ ଟ୍ରାଇ ସାଇକଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କାଳୁ ରାଉତ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ବୁଦ୍ଧିନାଥ ରେଡ୍ଡୀ ଦ୍ୱିତୀୟ ଓ କୁମାର ପାଣିଗ୍ରାହୀ ତୃତୀୟ ହୋଇଥିଲେ। କାର୍ଯ୍ୟକ୍ରମରେ ସଂଗଠନର ସମ୍ପାଦକ କାହ୍ନୁ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ଓଡିଶା ବିଭିନ୍ନ ଜିଲ୍ଲାରୁ ବହୁ ଦିବ୍ୟାଙ୍ଗ ଯୋଗ ଦେଇଥିଲେ।




# ଜାତୀୟ ପ୍ରଦୂଷଣ ନିବାରଣ ଦିବସରେ ଚିତ୍ରାଙ୍କନ ପ୍ରତିଯୋଗିତା

ବ୍ରହ୍ମପୁର,୩୦।୧୧(ସମିସ): ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଜାତୀୟ ପ୍ରଦୂଷଣ ନିବାରଣ ଦିବସ ଅବସରରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀ ଦୀପକ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ସ୍କୁଲ, କଲେଜ ଏବଂ ବିଶ୍ୱବିଦ୍ୟାଳୟରୁ ୪୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରଦୂଷଣ ନିବାରଣ ଏବଂ ପରିବେଶ ସୁରକ୍ଷା ଉପରେ ଜନସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଉକ୍ତ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ସହାୟକ ପରିବେଶ ବୈଜ୍ଞାନିକ ପୁନମ ବେହେରା, ବିପ୍ଳବ କୁମାର ସାହୁ, ଏ.ନବଯ୍ୟୋତି ବେଙ୍ଗରା, ଅମୀୟ କୁମାର ଟୁଙ୍ଗା ସାମନ୍ତ, ତ୍ରିଲୋଚନ ସେନାପତି, ସନ୍ତୋଷ କୁମାର ପାଢି, ସଂଘମିତ୍ରା ପରିଜା, ଦିଲ୍ଲୀପ କୁମାର ସାହୁ, ଶ୍ବଦାନନ୍ଦ ମାହୁନ୍ତଙ୍କ ସମେତ ଏସପିସିବି ବ୍ରହ୍ମପୁରର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

























GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION,.BALLIGUDA.
No. 4425 //RWDBLG,. Date 28.11.2025 — O-1630

**1st Corrigendum to the Bid Identification No. Online tender /13/EERWD BLG/ 2025-26**

The tender invited vide Bid Identification No. **Online tender/13/EERWD BLG/ 2025-26** vide T.O. Office Letter No.**4287 dt. 20.11.2025.** Due to unavoidable circumstances, the availability of tender online for bidding is from **01.12.2025 at 10.00A.M.** to **08.12.2025** upto **5.00P.M.** Instead of **25.11.2025** at 10.00AM to **02.12.2025** up to 5.00 P.M. **Opening Dt.09.12.2025.**

The other terms and conditions are remained unchanged.

**Further details , corrigendum(s) etc can be seen from the e-procurement portal "https:// www.tendersorissa.gov.in"**

Executive Engineer
R.W. Division, Balliguda

OIPR-25164/11/0020/2526

---

GOVERNMENT OF ODISHA
OFFICE OF THE SUPERINTENDING ENGINEER,
PUBLIC HEALTH DIVISION, BALANGIR. — C-1568
Email. ID – eephbgr@yahoo.co.in, Ph. No – (06652 – 234647)

**NOTICE INVITING TENDERS**
**NATIONAL COMPETITIVE BIDDING THROUGH e-Procurement**
**Bid Identification No. ACEPHBGR 13 /2025-26 Dt. 20.11.2025**

| | | |
|---|---|---|
| 01. | Name of the Work | : 10 No. |
| 02. | Estimated Cost | : Approx Rs.5.78 Lakhs to 66.55 Lakh |
| 03. | Period of Completion | : 02 Months to 04 Months |
| 04. | Date & Time of availability of bid document in the portal | : From 11.00 AM of dt. 29.11.2025 to 5.00 PM of dt. 15.12.2025 |
| 05. | Last date / time of receipt of bids in the portal | : 5 PM of dt. 15.12.2025 |
| 06. | Date & Time of opening of bids | : At 11.00 AM of dt. 16.12.2025 |
| 07. | Name and Address of the Officer Inviting Bid | : The Superintending Engineer, Office Of The Superintending Engineer, Public Health Division, Balangir, At-Tulasinagar, Po/Dist-Balangir, Pin-767001, Odisha, Phone:-06652-234647, E-mail:-eephbgr@yahoo.co.in |

Further details can be seen from the web site https://tenders.ori.nic.in or www.tendersodisha.gov.in

OIPR-13005/11/0046/2526

Addl. Chief Engineer
P.H. Division, Balangir

---

## ପୌରପରିଷଦ କାର୍ଯ୍ୟାଳୟ, ଜଗତସିଂହପୁର
## ଜଗତସିଂହପୁର ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

**ନିବେଦନ**

- ପାଇଖାନା ଟାଙ୍କି ସଫା କରିବା ପାଇଁ ପୌରପରିଷଦର ଏକ ସେସ୍‌ପୋଲ ଗାଡି ରହିଛି ଟୋଲ ଫି ନଂ ୧୪୪୨୦ ରେ ଯୋଗାଯୋଗକରି ଏହି ସେବାର ସଠିକ ବିନିଯୋଗ କରନ୍ତୁ ଏବଂ ସୁସ୍ଥ ରୁହନ୍ତୁ ।
- ପରିଷଦର ଦେୟ ନିର୍ଦ୍ଧାରିତ ସମୟରେ ପଇଠ କରନ୍ତୁ ।
- ସରକାରୀ ତଥା ପୌରପରିଷଦ ଜମି ଓ ଡ୍ରେନକୁ ବେଆଇନଭାବେ ଅବରୋଧ କରନ୍ତୁ ନାହିଁ ।
- ଅଳିଆ ଆବର୍ଜନାକୁ ଏଣେତେଣେ ନ ପକାଇ ପୌରପରିଷଦର ବେଟ୍ରିଚାଳିତ ଗାଡିରେ ଦୈନନ୍ଦିନ ଦିଅନ୍ତୁ ।
- କାର୍ଯ୍ୟରତ ପରିମଳ କର୍ମଚାରୀଙ୍କୁ ଆପଣଙ୍କ ପରିବେଶ ପପରିଷ୍କାର ନିମନ୍ତେ ସହଯୋଗ କରନ୍ତୁ ।
- ପୌରାଞ୍ଚଳର ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ online ମାଧ୍ୟମରେ www.sujog.odisha.gov.in portal ରେ ଆବେଦନକରି ପୌରପରିଷଦରୁ ଅନୁମତି ନିଅନ୍ତୁ ।
- ପଲିଥିନ ବର୍ଜନ କରନ୍ତୁ ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୁଅନ୍ତୁ ।
- ଅଦରକାରୀ ଇଲୋକ୍ଟ୍ରୋନିକ୍ସ ବର୍ଜ୍ୟବସ୍ତୁକୁ ଏଣେତେଣେ ନପକାଇ ପ୍ରତ୍ୟେକ ଶନିବାର ଦିନ ପୌରପରିଷଦ ଗାଡିରେ ଦିଅନ୍ତୁ ।
- ଛୋଟ/ ବଡ ପ୍ରତ୍ୟେକ ବ୍ୟବସାୟ ପ୍ରତିଷ୍ଠାନ ସେମାନଙ୍କର ବ୍ୟବସାୟର ପ୍ରମାଣ ପତ୍ର online ମାଧ୍ୟମରେ www.sujog.odisha.gov.in portal ରେ ଆବେଦନ କରି ପୌରପରିଷଦରୁ ଟ୍ରେଡ ଲାଇସେନ୍ସ କରାଇ ନିଅନ୍ତୁ ।
- ଜଗତସିଂହପୁର ସହରକୁ ସ୍ୱଚ୍ଛ ଏବଂ ସୁସ୍ଥ କରିବା ପାଇଁ ଆପଣଙ୍କ ସହଯୋଗ ଏକାନ୍ତ କାମ୍ୟ ।

| ଶ୍ରୀମତୀ ସୀମା ଜେନା | ଶ୍ରୀଯୁକ୍ତ ରାଜେନ୍ଦ୍ର କୁମାର ବିଶୋଇ | ଶ୍ରୀମତୀ ଅର୍ଚ୍ଚନା ସିଂହ |
|---|---|---|
| ନିର୍ବାହୀ ଅଧିକାରୀ ପୌରପରିଷଦ, ଜଗତସିଂହପୁର | ଉପାଧ୍ୟକ୍ଷ ଏବଂ ସମସ୍ତ ପାରିଷଦ ବୃନ୍ଦ ପୌରପରିଷଦ, ଜଗତସିଂହପୁର | ଅଧ୍ୟକ୍ଷା ପୌରପରିଷଦ, ଜଗତସିଂହପୁର |

---

## ଖୋର୍ଦ୍ଧା ଜିଲ୍ଲାରେ ୨୦୨୫-୨୬ (ରବି) ଆଳୁ ଚାଷ ନିମନ୍ତେ ବିଶେଷ ସୂଚନା

ଏତଦ୍ୱାରା ଖୋର୍ଦ୍ଧା ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଚାଷୀଭାଇ ଓ ଭଉଣୀମାନଙ୍କୁ ଅବଗତ କରାଯାଉଛି ଯେ, ଚଳିତ ରବି ଋତୁରେ ଆଳୁ ଚାଷ ପାଇଁ ଉନ୍ନତ କିସମର ବିହନ କୁଫ୍ରି ଜ୍ୟୋତି । କୁଫ୍ରି ପୋଖରାଜ । କୁଫ୍ରି ଖ୍ୟାତି । ନଭେମ୍ବର ମାସ ୧୪ ତାରିଖ ପରଠାରୁ ବର୍ତ୍ତମାନ ବିଭିନ୍ନ ବ୍ଲକସ୍ଥିତ ସହକାରୀ ଉଦ୍ୟାନକୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ହେଉଅଛି । ଉନ୍ନତ ଆଳୁ ବିହନର ଦାମ କିଲୋ ପ୍ରତି ଟ.୪୨.୨୪ ଥିବାବେଳେ ଚାଷୀଙ୍କୁ କିଲୋପ୍ରତି ଟ. ୨୦.୦୦ ଦାଖଲ କରିବାକୁ ପଡ଼ିବ ଏବଂ ଚାଷୀ ଆଳୁ ଲଗାଇବା ସମୟର ଜିଓ ଟ୍ୟାଗ୍ ଫଟୋ ଦାଖଲ ହେବା ପରେ ଉକ୍ତ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟ କୁ କିଲୋପ୍ରତି ଟ.୧୦.୦୦ ହିସାବରେ ଅନୁଦାନ ରାଶି ଫେରସ୍ତ ଦିଆଯିବ । ହେକ୍ଟର ପ୍ରତି ୧୫ କୁଇଣ୍ଟାଲ୍ ଆଳୁ ମଞ୍ଜିର ଆବଶ୍ୟକତା ରହିଥିବାବେଳେ ଜଣକୁ ସର୍ବନିମ୍ନ ୦.୧ ହେକ୍ଟର ପାଇଁ ୧୫୦ କିଗ୍ରା ଓ ସର୍ବୋଚ୍ଚ ୦.୫ ହେକ୍ଟର ପାଇଁ ୭୫୦ କିଗ୍ରା ଆଳୁ ବିହନ ମିଳିବ । ଆଳୁ ବିହନକୁ ଗଜା କରି ଓ ବିଶୋଧନ କରି ଲଗାଇବା ଆବଶ୍ୟକ ।

ଅମଳ ପରବର୍ତ୍ତୀ ପରିଚାଳନା ଅନ୍ତରଗତ ଆଳୁ ଅମଳ ପରେ ସୁଲଭ ଦରରେ ଖୋର୍ଦ୍ଧା ଜିଲ୍ଲାରେ ଥିବା ଶୀତଳ ଭଣ୍ଡାର ମାନଙ୍କରେ ଚାଷୀ ମାନେ ଆଳୁ କୁ ସାଇତି ରଖିପାରିବାର ବ୍ୟବସ୍ଥା ରହିଅଛି ।

ଆଳୁ ଚାଷ କରିବା ପାଇଁ ଇଚ୍ଛୁକ ଚାଷୀଭାଇ ମାନେ ସେମାନଙ୍କ ଆଧାର, ଜମିପଟ୍ଟା, ବ୍ୟାଙ୍କ ଜମାଖାତାର ନକଲ ଏବଂ ପାସପୋର୍ଟ ଫଟୋ ସହିତ ଆଳୁ ବିହନ ବାବଦରେ ଧାର୍ଯ୍ୟ ମୂଲ୍ୟ ଯଥାଶୀଘ୍ର ବ୍ଲକ୍‌ସ୍ତରୀୟ ଉଦ୍ୟାନକୃଷି କାର୍ଯ୍ୟାଳୟରେ ଦାଖଲ କରିବାକୁ ଅନୁରୋଧ ।

ସୌଜନ୍ୟ
ସହକାରୀ ଉଦ୍ୟାନକୃଷି ନିର୍ଦ୍ଦେଶକ, ଖୋର୍ଦ୍ଧା

---

## ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ

* ମ୍ୟୁନିସିପାଲିଟିର ଦେୟ ତଥା ଘର ଟିକସ, ଲାଇସେନ୍ସ ଫିସ୍ ଏବଂ ଦୋକାନ ଗୃହ ଭଡା ଠିକ ସମୟରେ ପଇଠ କରନ୍ତୁ ।
* ଘରର ଅଳିଆ ଆବର୍ଜନା ଏଣେ ତେଣେ ନ ପକାଇ ନିଜ ଘରେ ଶୁଖିଲା ଓ ଓଦା ଅଳିଆକୁ ଅଲଗା ଅଲଗା କରି ରଖନ୍ତୁ ଏବଂ ପୌର ପାଳିକା ଦ୍ୱାରା ପରିଚାଳିତ ଗାଡିକୁ ଦିଅନ୍ତୁ ।
* ଶୌଚାଳୟ ବ୍ୟବହାର କରନ୍ତୁ । ବାହାରେ ମଳତ୍ୟାଗ କରନ୍ତୁ ନାହିଁ ।
* ଗୋରୁ ଗାଈ, ଘୁଷୁରୀଙ୍କୁ ରାସ୍ତାରେ ଛାଡରୁ ନାହିଁ । ନିଜ ଦାୟିତ୍ୱରେ ରଖନ୍ତୁ । ନଚେତ ଆଇନାନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।
* ଯଦି କୌଣସି ବ୍ୟକ୍ତି ବା ସଂଗଠନ ସ୍ୱେଚ୍ଛାକୃତ ଭାବେ ତାଙ୍କ ଅଞ୍ଚଳରେ ବସ୍ତି ସଫେଇ ଓ ବୃକ୍ଷ ରୋପଣ ଆଦି କାର୍ଯ୍ୟ କରିବାକୁ ଚାହାନ୍ତି, ତାଙ୍କୁ ପୌର ପରିଷଦ ତରଫରୁ ସମସ୍ତ ସହଯୋଗ ସହ ପୁରସ୍କୃତ କରାଯିବ ।
* ପଲିଥିନ୍ ଓ ଏକକ ବ୍ୟବହୃତ ପ୍ଲାଷ୍ଟିକ ବ୍ୟବହାର ନିଷେଧ ଆମର ଲକ୍ଷ୍ୟ । ପରିବେଶ ସୁରକ୍ଷା ପାଇଁ ଏଗୁଡିକୁ ବ୍ୟବହାର କରନ୍ତୁ ନାହିଁ ।
* ଡେଙ୍ଗୁ, ଡାଇରିଆ ଓ ମେଲେରିଆ ଜ୍ୱର ପ୍ରତି ଆତଙ୍କିତ ହୁଅନ୍ତୁ ନାହିଁ । ଲକ୍ଷଣ ଦେଖିବା ମାତ୍ରେ ନିକଟସ୍ଥ ସ୍ୱାସ୍ଥ୍ୟ କର୍ମୀ କିମ୍ବା ଡାକ୍ତରଖାନାରେ ପରାମର୍ଶ କରି ରୋଗ ଚିହ୍ନଟ ଓ ପ୍ରତିକାର ବ୍ୟବସ୍ଥା କରନ୍ତୁ ।

| ଶ୍ରୀଯୁକ୍ତ ଅଭିଷେକ ପଣ୍ଡା | ଶ୍ରୀମତୀ ଛବିଲତା ରାଉତ | ଶ୍ରୀଯୁକ୍ତ ବସନ୍ତ ବିଶ୍ୱାଳ |
|---|---|---|
| ନିର୍ବାହୀ ଅଧିକାରୀ | ଉପାଧ୍ୟକ୍ଷା | ଅଧ୍ୟକ୍ଷ |
| ପାରାଦ୍ୱୀପ ପୌର ପରିଷଦ | ପାରାଦ୍ୱୀପ ପୌର ପରିଷଦ | ପାରାଦ୍ୱୀପ ପୌର ପରିଷଦ |

---

## ବିଜ୍ଞାପିତ ଅଂଚଳ ପରିଷଦ, ପୋଲସରା, ଗଂଜାମ

୧. ପରିଷଦର ଦେୟ ଯଥା ହୋଲଡିଂଟିକସ, ଦୋକାନଗୃହ ଟିକସ ଓ ୟୁଜର ଫି ଠିକ ସମୟରେ ପୈଠ କରନ୍ତୁ । ନକ୍ସା ଅନୁମୋଦନ କରି ନୂତନ ଓ ପୁରାତନ ଗୃହ ନିର୍ମାଣ କରନ୍ତୁ । ବିନା ଲାଇସେନ୍ସରେ କୌଣସି ବ୍ୟବସାୟ କରନ୍ତୁ ନାହିଁ ।

୨. ନିଜ ଘରର ଅଳିଆ ଓଦା ଓ ଶୁଖିଲା ରୂପରେ ପରିଷଦର ସଫେଇ ଗାଡ଼ିରେ ଦିଅନ୍ତୁ । ନିଜର ପାଇଖାନା ଟାଙ୍କି ପ୍ରତି ତିନି ବର୍ଷରେ ସେସପୁଲ ଗାଡି ଦ୍ୱାରା ସଫା କରନ୍ତୁ ।ରାସ୍ତା ଉପରେ ଅଳିଆ ଫିଙ୍ଗନ୍ତୁ ନାହିଁ ଏବଂ ଗୃହ ପାଳିତ ପଶୁ ଛାଡ଼ନ୍ତୁ ନାହିଁ । ସର୍ବସାଧାରଣ ସ୍ଥାନରେ ମଳତ୍ୟାଗ ନକରି ପାଇଖାନା ବ୍ୟବହାର କରନ୍ତୁ । ପଲିଥିନ, ସିଙ୍ଗଲ ୟୁଜ ପ୍ଲାଷ୍ଟିକର ବ୍ୟବହାରରୁ ଦୁରେଇ ରୁହନ୍ତୁ ।

୩. ସହରକୁ ପ୍ଲାଷ୍ଟିକ ମୁକ୍ତ କରନ୍ତୁ ଓ ପରିବେଶ ସୁରକ୍ଷା ସହିତ ସହରକୁ ସବୁଜ ସୁନ୍ଦର କରିବା ନିମନ୍ତେ ବୃକ୍ଷ ରୋପଣ କରନ୍ତୁ । ବଗିଚାରେ ପରିଷଦ ଦ୍ୱାରା ପ୍ରସ୍ତୁତ " ମୋ ଖତ" ବ୍ୟବହାର କରନ୍ତୁ ।

୪ .ଟ୍ରେଡ଼ ଲାଇସେନ୍ସ କରି ବ୍ୟବସାୟ କରନ୍ତୁ ଓ ପ୍ରତି ବର୍ଷ ନବୀକରଣ କରାଇ ନିଅନ୍ତୁ । ଦୋକାନ ସାଇନ ବୋର୍ଡ ୭୦% ଓଡ଼ିଆରେ ଲେଖିବା ବାଧ୍ୟତା ମୂଳକ ଅଟେ ।ଡ୍ରେନ ଅବରୋଧ କରି ତା ଉପରେ କୌଣସି ବ୍ୟବସାୟ କରନ୍ତୁ ନାହିଁ ।

| କୈଳାଶ ଚନ୍ଦ୍ର ଜେନା | ସନ୍ତୋଷ କୁମାର ବେହେରା | ସଙ୍ଗିତା ବେହେରା |
|---|---|---|
| କାର୍ଯ୍ୟନିର୍ବାହୀ ଅଧିକାରୀ | ଉପାଧ୍ୟକ୍ଷ | ଅଧ୍ୟକ୍ଷା |

---

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, JEYPORE — O-1592

e-Procurement for Building works
Bid Identification No: EERWJYP – Online -07/2025-26

| | | |
|---|---|---|
| 01. | Name of the work | :: Building works |
| 02. | Total Number of works | :: 06 (Six) Nos. |
| 03. | Approximate Estimated cost | :: Rs. 4.98 Lakhs to Rs. 1.99 lakhs (approximately) |
| 04. | Class of Contractor | : "D" & "C" Class |
| 05. | Period of Completion | :: within 1 Months |
| 06. | Other Details | |

| Procurement Officer | Bid Identification No. | Sl No. of work in notice | Availability of tender online for bidding | | Last date and time of seeking tender clarification | Date of Opening |
|---|---|---|---|---|---|---|
| | | | From | To | | |
| Executive Engineer, R.W. Division, Jeypore | Online Tender/07/ RWD-JYP/2025-26 | Sl No.01 to 6 | 01.12.2025 at 10.00 A.M | 07.12.2025 upto 5.00 P.M. | 06.12.2025 at 01.30 P.M | 08.12.2025 at 10.00 P.M |

Further details can be seen from the website www.tendersodisha.gov.in/nicgep/app

All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.

*N.B. Any Addendum or Corrigendum will be available in the Website only.

OIPR-25160/11/0027/2526


Executive Engineer,
Rural Works Division: Jeypore.


---

## ବିଜ୍ଞପ୍ତି

ଏତଦ୍ ଦ୍ୱାରା ଜେ.କେ.ପୁର ଚାନ୍ଦିଲି ସ୍ଥିତ ନିୟନ୍ତ୍ରିତ ବଜାର କମିଟି, ରାୟଗଡର କୃଷକ ବଜାର ସମ୍ପୂର୍ଣ୍ଣ ଭାବେ ଭଗ୍ନ ଅବସ୍ଥାରେ ଥିବା ଯୋଗୁଁ ଏହା ତଳେ ଆଶ୍ରୟ ନେବା କିମ୍ବା ବ୍ୟବସାୟ କରିବା ବିପଦ ସଙ୍କୁଳ ଅଟେ । ଏଣୁ ନିୟନ୍ତ୍ରିତ ବଜାର କମିଟି ଅନୁରୋଧ କରୁଛି ଉକ୍ତ ଚାନ୍ଦିଲି ସ୍ଥିତ କୃଷକ ବଜାର ର କୌଣସି ବ୍ୟକ୍ତି ଆଶ୍ରୟ ନିଅନ୍ତୁ ନାହିଁ । ଏହା ସତ୍ତ୍ୱେ କୌଣସି ଅଘଟଣ ଘଟିଲେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।


ସୌଜନ୍ୟ ନିୟନ୍ତ୍ରିତ ବଜାର କମିଟି, ରାୟଗଡ




# ପାହାଡ଼ ଚଢ଼ି ଆଦିବାସୀଙ୍କ ସମସ୍ୟା ଶୁଣିଲେ ସାଂସଦ


ପୋଲସରା,୩୦।୧୧(ସମିସ): ପୋଲସରା ବ୍ଲକ ଗୋଛାବାଡ଼ି ପଂଚାୟତ ଅଧିନସ୍ଥ ପାହାଡ଼ ଶିଖରରେ ରହିଛି ସମ୍ପୂର୍ଣ୍ଣ ଆଦିବାସୀ ଅଧ୍ୟୁଷିତ ପଡ଼ାଗ୍ରାମ ଚାଞ୍ଚେରା। ଏଯାଏ ଗ୍ରାମକୁ ପକ୍କା ରାସ୍ତାଟିଏ ନାହିଁ। ନିର୍ବାଚନ ପ୍ରଚାର ସମୟରେ ଅନୀତା ଶୁଭଦର୍ଶିନୀଙ୍କୁ ଉକ୍ତ ଗ୍ରାମବାସୀ ଭେଟି ସେମାନଙ୍କ ସମସ୍ୟା ଜଣାଇବା ସହ ଚାଞ୍ଚାରା ଗ୍ରାମକୁ ରାସ୍ତା ନିର୍ମାଣ ପାଇଁ ଅନୁରୋଧ କରିଥିଲେ। ସାଂସଦ ପାର୍ଥନୀ ଭାବେ ସେ ସମସ୍ତ ସୁବିଧା ଯୋଗାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ସାଂସଦ ଏବଂ ମନ୍ତ୍ରୀ ଗୋକୁଳାନନ୍ଦ ମଲିକଙ୍କ ପ୍ରଚେଷ୍ଟାରେ ଚାଞ୍ଚେରାକୁ ଗଡିବ ଗାଡି, ରାସ୍ତା ନିର୍ମାଣ ପାଇଁ ୫ କୋଟି ଟଙ୍କାର ପ୍ରସ୍ତାବକୁ ଅନୁମୋଦନ ହୋଇଥିବା ସୂଚନା ମିଳିଛି। ସାଂସଦ ନିର୍ବାଚିତ ହୋଇସାରିବା ପରେ ଶନିବାର ଉକ୍ତ ଗ୍ରାମକୁ ଖାଲଖମା ଓ ପଥରରେ ପରିପୂର୍ଣ୍ଣ ଦୂରବନ୍ଧୁର ଉଠାଣି ରାସ୍ତାରେ ୨ ଘଣ୍ଟା ଯାତ୍ରା ପରେ ଚାଞ୍ଚେରାରେ ପହଞ୍ଚି ଆଦିବାସୀଙ୍କ ସହିତ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ମନେରଗା ଯୋଜନାରେ ରାସ୍ତା ନିର୍ମାଣ ପାଇଁ ଆସିଥିବା ଟଙ୍କା ହଡ଼ପ କରି ନିମ୍ନମାନର କାର୍ଯ୍ୟ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଚାଞ୍ଚରା ଗ୍ରାମକୁ ଶୀଘ୍ର ରାସ୍ତା ନିର୍ମାଣ ପାଇଁ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ସହିତ ଆଲୋଚନା କରିଥିଲେ। ଦୀର୍ଘଦିନ ହେବ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇବାରୁ ବଞ୍ଚିତ ହୋଇଥିବା କିଛି ହିତାଧିକାରୀଙ୍କୁ ଶୀଘ୍ର ଆବାସ ଯୋଗାଇଦେବାକୁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ ଏବଂ ବାର୍ଦ୍ଧକ୍ୟ ଭତ୍ତା ହିତାଧିକାରୀଙ୍କ ପାଖରେ ପହଞ୍ଚାଇବା ପାଇଁ ପିଇଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଦିବାସୀମାନେ ପାରମ୍ପରିକ ଶୈଳୀରେ ସାଂସଦକୁ ପାଛୋଟି ନେଇଥିଲେ।














## ଅଙ୍ଗନବାଡ଼ି କର୍ମୀଙ୍କ ଘରୁ ୫ ଫୁଟିଆ ନାଗ ଉଦ୍ଧାର

ପୋଲସରା,୩୦।୧୧ (ସମିସ): ପୋଲସରା ବ୍ଲକ ଅନ୍ତର୍ଗତ ବେଲଗାଁ ପଞ୍ଚାୟତର ମଧୁସୂଦନପୁର ଗ୍ରାମର ଅଙ୍ଗନବାଡ଼ି କର୍ମୀ ମିନତି ମିଶ୍ରଙ୍କ ଘରୁ ଏକ ୫ ଫୁଟିଆ ନାଗସାପ ଉଦ୍ଧାର ହୋଇଛି। ରବିବାର ସକାଳେ ନାଗସାପଟି ମୂଷା ଖାଇବାକୁ ମିନତିଙ୍କ ଘରେ ପଶିଯାଇଥିଲା। ପରିବାର ଲୋକେ ପୋଲସରା ବନବିଭାଗକୁ ଫୋନ୍ କରିବାରୁ ବନବିଭାଗ କର୍ମଚାରୀ ରବିନ୍ଦ୍ରନାଥ ପଟ୍ଟନାୟକ ଓ ରାଜା ଗୌଡ ପହଞ୍ଚି ସାପଟିକୁ ଉଦ୍ଧାରକରି ନିକଟସ୍ଥ ଜଙ୍ଗଲରେ ଛାଡ଼ିଥିଲେ।









## ବାର୍ତ୍ତା

ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଜଗତସିଂହପୁର ଜିଲ୍ଲା ତଥା ଓଡ଼ିଶା ପ୍ରଦେଶର ଏକ ସର୍ବପୁରାତନ ମହାବିଦ୍ୟାଳୟ ରୂପରେ ଖ୍ୟାତି ଅର୍ଜନ କରିଛି । ଏହି ମହାବିଦ୍ୟାଳୟରେ ହାରାହାରି ୬୦୦୦ (ଛଅ ହଜାର) ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି । ସଂପୂର୍ଣ୍ଣ ଭାବରେ ସରକାରଙ୍କ ଦ୍ୱାରା ପରିଚାଳିତ ତଥା ଆର୍ଥିକ ଅନୁଦାନରେ ମହାବିଦ୍ୟାଳୟର ଭିତ୍ତିଭୂମିର ବିକାଶ କରାଯାଇଛି । ଏହି ମହାବିଦ୍ୟାଳୟରେ ଛାତ୍ରଛାତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ପାଇଁ ଉଦ୍ଦିଷ୍ଟ ଗ୍ରନ୍ଥାଗାରରେ ଅନେକ ପୁରାତନ ପୁସ୍ତକ ସଂରକ୍ଷିତ, ଏହି ଗ୍ରନ୍ଥାଗାରକୁ ସ୍ୱୟଂଚାଳିତ କରିବା ପାଇଁ ବର୍ତ୍ତମାନ ସମସ୍ତ ପ୍ରକାର ଉଦ୍ୟମ ଜାରି ରହିଛି । ମହାବିଦ୍ୟାଳୟର ଆର୍ଥିକ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ପାଇଁ ଅନ୍‌ଲାଇନ୍ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କ ଠାରୁ ବିଭିନ୍ନ ପ୍ରକାର ଶୁଳ୍କ ଆଦାୟ ହେଉଛି ତଥା ମହାବିଦ୍ୟାଳୟର ବିଭିନ୍ନ ପ୍ରକାର ଖର୍ଚ୍ଚ ମଧ୍ୟ ସେହି ମାଧ୍ୟମରେ କରାଯାଉଛି । ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଅଧ୍ୟୟନ ପ୍ରତି ଆଗ୍ରହ ବୃଦ୍ଧି ପାଇଛି ଓ ସରକାରଙ୍କ ନିର୍ଦ୍ଦେଶାନୁସାରେ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ସମୟାନୁବର୍ତ୍ତୀତାକୁ ଅନୁସରଣ କରୁଛନ୍ତି । ଓଡ଼ିଶାର ସଂସ୍କୃତି ତଥା ଐତିହ୍ୟକୁ ବହନ କରୁଥିବା ଜଗତସିଂହପୁର ଜିଲ୍ଲାର ଏହି ସର୍ବପୁରାତନ ଅନୁଷ୍ଠାନ ସ୍ୱୟଂଶାସିତ ମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ପ୍ରଣୀତ ସମସ୍ତ ନିୟମକୁ ପାଳନ କରି କାର୍ଯ୍ୟ କରୁଅଛି ।

ଏହି ମହାବିଦ୍ୟାଳୟର ସର୍ବବିଧ ପ୍ରଗତି ଆମର ଚିର ଲକ୍ଷ୍ୟ ଅଟେ ।

*ଅଧକ୍ଷା*
*ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟ*
*ଜଗତସିଂହପୁର*

## ୧୨ ଏକର ଜମିରୁ ଗଞ୍ଜେଇ ଗଛ ସଫା


ସୋରଡ଼ା,୩୦।୧୧(ସମିସ): ଗଞ୍ଜାମ ଜିଲ୍ଲା ଆରକ୍ଷୀ ଅଧକ୍ଷ ଶୁଭେନ୍ଦୁ ପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଗିରିଜା ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବଡ଼ଗଡ଼ ଥାନାର ନୂତନ ଥାନା ଅଧିକାରୀ ଶୁଭ୍ରଜିତ ସାମନ୍ତରାୟଙ୍କ ସହ କୋଟିନାଡ଼ା ଥାନାଧିକାରୀଙ୍କ, ମାଜିଷ୍ଟ୍ରେଟ ଭାବେ ଧରାକୋଟ ତହସିଲଦାରଙ୍କ ଉପସ୍ଥିତିରେ ୩ ପ୍ଲାଟୁନ ପୁଲିସ ଓ ଅବକାରୀ ବିଭାଗ, ବନବିଭାଗର ମିଳିତ ଟିମ୍ ବଡଗଡ ଥାନା ସବା ପଞ୍ଚାୟତ ପିଲିପଦର ଓ ତୋରାଣିପାଣି ନିକଟ ଜଙ୍ଗଲଠାରେ ଚଢ଼ଉ କରି ୧୨ ଏକର ଜମିରୁ ଗଞ୍ଜେଇ ଚାଷ ନଷ୍ଟ କରିଛି। ଏହି ଗାଁ ନିକଟ ପାହାଡ଼ ଉପରେ ଏକର ଏକର ଜମିରେ ଗଞ୍ଜେଇ ଚାଷ କରିଥିଲେ ମାଫିଆ। ନୂତନ ଥାନାଧିକାରୀଙ୍କ ଯୋଗ ଦେବାର କିଛିଦିନ ପରେ ଏହିପରି ଆକ୍ସନକୁ ଦେଖି ଅଞ୍ଚଳର କାଠ, ଗଞ୍ଜେଇ ମାଫିଆ ଛାନିଆଁ ହୋଇପଡିଛନ୍ତି।

## ଟ୍ରକ୍ ଧକ୍କାରେ ଚାଷୀ ମୃତ

ଖଲ୍ଲିକୋଟ,୩୦।୧୧(ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ ଚଣ୍ଡୀପୀଠ ଗ୍ରାମରେ ବିଲରୁ ଫେରୁଥିବାବେଳେ ଚାଷୀଙ୍କୁ ଟ୍ରକ୍ ଧକ୍କା ଦେବାରୁ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ସନ୍ତୋଷ ପାହାନ (୬୦)। ରବିବାର ସକାଳ ୯ଟାରେ ବିଲରୁ କାମ ସାରି ଘରକୁ ସାଇକଲ ଯୋଗେ ଫେରୁଥିବାବେଳେ ଦଣ୍ଡକାଳୀ ମନ୍ଦିର ନିକଟରେ ଟ୍ରକ୍ ସାଇକଲକୁ ଧକ୍କା ଦେଇଥିଲା। ସେ ପଡ଼ିଯିବାପରେ ପଛ ଚକ ଚଢ଼ିଯିବାରୁ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଖଲ୍ଲିକୋଟ ପୁଲିସ ଦୁର୍ଘଟଣା ଘଟାଇଥିବା ଗାଡିକୁ ଜବତ କରିବା ସହ ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।

## ଚରିତ୍ରକୁ ନେଇ ଆକ୍ଷେପ ପରେ ପ୍ରେମିକାର ଆତ୍ମହତ୍ୟା

ଖଲ୍ଲିକୋଟ,୩୦।୧୧(ସମିସ): ଖଲ୍ଲିକୋଟ ବ୍ଲକ ତଥା ରମ୍ଭା ଥାନା ଅଧୀନସ୍ଥ ସାବୁଲିଆ ଗ୍ରାମରେ ଗତକାଲି ସନ୍ଧ୍ୟାରେ ପ୍ରେମିକର ନିର୍ଯାତନା ସହି ନ ପାରି ପ୍ରେମିକା ନିଜ ଘର ଭିତରେ ରଶି ଲଗାଇ ଆତ୍ମହତ୍ୟା କରିଛି। ମୃତ ଯୁବତୀ ଜଣଙ୍କ ସାବୁଳିଆ ଗ୍ରାମ ବାଦଭୂମୀ ସାହିର ଝାନ୍ସି ବେହେରା।
ସୂଚନା ଅନୁଯାୟୀ, ଝାନ୍ସି ସେହି ଗାଁର ନିରଞ୍ଜନ ଜାଲି ନାମକ ଜଣେ ଯୁବକଙ୍କୁ ଭଲ ପାଉଥିଲେ। ଉଭୟ କିଛିମାସ ତଳେ ଘରୁ ଲୁଚି ପଳାଇଥିଲେ। ଏନେଇ ଝାନ୍ସିଙ୍କ ପରିବାର ଲୋକେ ରମ୍ଭା ଥାନାରେ ଅଭିଯୋଗ କରିଥିଲେ। ପରେ ଉଭୟ ପ୍ରେମୀଯୁଗଳ ଘରକୁ ଫେରି ଆସିଥିଲେ। ଗାଁରେ ଏକ ବୈଠକ ବସି ଆଗାମୀ ଏକ ବର୍ଷ ଭିତରେ ଉଭୟଙ୍କ ବିବାହ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଇତି ମଧ୍ୟରେ ୬ ମାସ ବିତି ଯାଇଥିବା ବେଳେ ପୁଅ ସମେତ ତାଙ୍କ ଘରଲୋକେ ଝାନ୍ସିଙ୍କ ଚରିତ୍ରକୁ ଆପେକ୍ଷ କରି ବିଭିନ୍ନ ସମୟରେ ନିର୍ଯାତନା ଓ ଗାଳିଗୁଲଜ କରୁଥିବା ଭଉଣୀ ଲିପି ବେହେରା ଓ ଭିଣୋଇ ଗୋପାଳ ପଲେଇ ଅଭିଯୋଗ କରିଛନ୍ତି। ଏହା ଅସହ୍ୟ ହେବାରୁ ଝାନ୍ସି ଆତ୍ମହତ୍ୟା କରିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ପୁଲିସ ମେଡିକାଲରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇବା ସହ ତଦନ୍ତ ଆରମ୍ଭ କରିଛି। ଏନେଇ ରମ୍ଭାରେ ଏକ ମାମଲା ରୁଜୁ ହୋଇଛି।



# ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କାମାକ୍ଷାନଗର,୩୦ ।୧୧(ସମିସ): କାମାକ୍ଷାନଗର ବ୍ଲକ କାନପୁରାସ୍ଥିତ ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟର ସହାକାରୀ ଶିକ୍ଷୟିତ୍ରୀ କବିତା ରାଉତଙ୍କୁ ବ୍ଲକ ଓଷ୍ଟା ଓ ବିଦ୍ୟାଳୟ ତରଫରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ପ୍ରଧାନଶିକ୍ଷକ ତଥା ଓଷ୍ଟା ଢେଙ୍କାନାଳ ଜିଲ୍ଲା ସଭାପତି ଶ୍ରୀରାମ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଓଷ୍ଟା ରାଜ୍ୟ ସମ୍ପାଦକ ପ୍ରଣବ କୁମାର ଜେନା ମୁଖ୍ୟଅତିଥି, ଶିକ୍ଷାବିତ ବଟକୃଷ୍ଣ ଦାସ ମୁଖ୍ୟବକ୍ତା, ଶିକ୍ଷାବିତ ପ୍ରମୋଦ କୁମାର ମିଶ୍ର, ଲୋକନାଥ ଷଡ଼ଙ୍ଗୀ, କୈଳାସ ଚନ୍ଦ୍ର ପୃଷ୍ଟି, ଉପେନ୍ଦ୍ର ନାଥ ପଣ୍ଡା, ଉପେନ୍ଦ୍ର କୁମାର ପଣ୍ଡା, ଓଷ୍ଟା ଜିଲ୍ଲା କାର୍ଯ୍ୟକାରୀ ସଭାପତି ସନ୍ତୋଷ କୁମାର ଆଚାର୍ଯ୍ୟ, ବ୍ଲକ ସମ୍ପାଦକ ଗଜେନ୍ଦ୍ର କୁମାର ନାୟକ, ପରିଚାଳନା କମିଟି ସଭାପତି ସଞ୍ଜୟ କୁମାର ରାଉତ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଜିତେନ୍ଦ୍ରୀୟ ବିଶ୍ୱାଳ, ପୂର୍ବତନ ଛାତ୍ରସଂସଦ ସଭାପତି ନୀହାରକାନ୍ତ ରାଉତ, ସମ୍ପାଦକ ଜିତେନ୍ଦ୍ରପ୍ରସାଦ ସାମଲ, କୋଷାଧ୍ୟକ୍ଷ ସୁଧୀର କୁମାର ରାଉତ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ । ଆଦର୍ଶ ଶିକ୍ଷୟିତ୍ରୀ ଭାବେ ଅଞ୍ଚଳରେ ଖ୍ୟାତି ଅର୍ଜନ କରିଥିବା ରାଉତଙ୍କର ବିଦ୍ୟାଳୟ ପ୍ରତି ବଳିଷ୍ଠ ଅବଦାନ ସମ୍ପର୍କରେ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଶିକ୍ଷକ ନିରଞ୍ଜନ ସାହୁ ପରିଚୟ ପ୍ରଦାନ କରିଥିବା ବେଳେ ବ୍ଲକ ଓଷ୍ଟା ସଭାପତି ସୁରେଶ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷକ ଧ୍ରୁବଚରଣ ସୁନ୍ଦରାୟ, ଚନ୍ଦ୍ରମଣି ଲେଙ୍କା, ରୁଦ୍ରନାରାୟଣ ପରିଡ଼ା, ବାନାର୍ଜୀ ମହାନ୍ତି, କର୍ମଚାରୀ ଗିରୀଶ ଚନ୍ଦ୍ର ମହାନ୍ତି, ରବିନାରାୟଣ ରାଉତ, ଶାନ୍ତନୁ ରାଉତ ସହଯୋଗ କରିଥିଲେ ।

# ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦଘାଟିତ



କାମାକ୍ଷାନଗର,୩୦ ।୧୧(ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଡିଗ୍ରୀ ମହିଳା ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶୀତକାଳୀନ ଶିବିର ଶନିବାର ଅପରାହ୍ନରେ ନୂଆ ରେକୁଲା ଗ୍ରାମରେ ଉଦଘାଟିତ ହୋଇଛି । ୭ ଦିନ ଧରି ହେବାକୁ ଥିବା ଏହି ଶିବିରକୁ ବୈଦ୍ୟରାଜ ସର୍ବେଶ୍ୱର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ପଣ୍ଡିତ ଶୁକଦେବ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଗ୍ରାମ ସଭାପତି ସତ୍ୟାନନ୍ଦ ସାହୁ, ସମ୍ପାଦକ ହଟକିଶୋର ବେହେରା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ଅଧିକାରିଣୀ ଡ. ଶେଷାଞ୍ଜଳି ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅଧ୍ୟକ୍ଷା ରେଣୁକା ପଣ୍ଡା, ଅଧ୍ୟାପକ ଆଶିଷ ମହାନ୍ତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

# ଅଗ୍ନିବିପନ୍ନ ପରିବାରକୁ ସହାୟତା



ପରଜଙ୍ଗ,୩୦ ।୧୧(ସମିସ): ପରଜଙ୍ଗ ବ୍ଲକ ବସୁଲେଇ ଗ୍ରାମରେ ମଙ୍ଗଳବାର ରାତିରେ ଅଗ୍ନିକାଣ୍ଡ ଘଟି ଅଶାନ୍ତି ନାଏକଙ୍କ ଘର ଭସ୍ମୀଭୂତ ହୋଇଥିଲା । ତାଳଚେର ଅଞ୍ଚଳର ୟୁଥ ୟୁନାଇଟେଡ ଫର ସଷ୍ଟେନେବଲ ଏନଭିରନମେଣ୍ଟ ଅନୁଷ୍ଠାନ ପକ୍ଷରୁ ବିପନ୍ନ ପରିବାରକୁ ସହାୟତା ପ୍ରଦାନ କରାଯାଇଛି । ଅନୁଷ୍ଠାନର ସମ୍ପାଦିକା ପୂଜାରାଣୀ ଭୁକ୍ତା ବିପନ୍ନ ପରିବାର ନିକଟରେ ପହଞ୍ଚି ଶୀତବସ୍ତ୍ର, ଲୁଗାପଟା, ଶୁଖିଲା ଖାଦ୍ୟ ଆଦି ଯୋଗାଇ ଦେଇଛନ୍ତି । ଅନୁଷ୍ଠାନର ସଦସ୍ୟ ଜିଲୁ ବିଶ୍ୱାଳ, ଦୀପକ ସାହୁ, ସାମ୍ବାଦିକ ଶାନ୍ତନୁ କୁମାର ଭୁକ୍ତା, ଅମରେନ୍ଦ୍ର ଦାସ, ଗୋପବନ୍ଧୁ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ସ୍ଥାନୀୟ ସରପଞ୍ଚ ମଧ୍ୟ ବିପନ୍ନଙ୍କ ପାଖରେ ପହଞ୍ଚି ସରକାରଙ୍କ ପକ୍ଷରୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଉଦ୍ୟମ କରିଛନ୍ତି ।

# ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ କଳସଯାତ୍ରା



ଢେଙ୍କାନାଳ,୩୦ ।୧୧(ସମିସ): ଶ୍ରୀବିଷ୍ଣୁ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସ୍ଥାନୀୟ ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉ ମନ୍ଦିର ସମ୍ମୁଖରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେଉଛି । ଏହି ଅବସରରେ ସ୍ଥାନୀୟ ଭାଗୀରଥି ସାଗର କୂଳରୁ ପୂଜାର୍ଚ୍ଚନା କରାଯାଇ କଳସଯାତ୍ରା ଅନୁଷ୍ଠିତ ହୋଇଥିଲା । ୨୮ ତାରିଖ ଅଙ୍କୁରାରୋପଣ, କଳସଯାତ୍ରା ଓ ଅଧିବାସ ହୋଇଥିଲା । ଡିସେମ୍ବର ୧ ତାରିଖ ସୂର୍ଯ୍ୟପୂଜା, ସୁରଭି ପୂଜନ, ଦେବତା ଆବାହନ, ଯଜ୍ଞକୁଣ୍ଡରେ ଅଗ୍ନି ସଂସ୍ଥାପନ, ୨ ତାରିଖ ସୂର୍ଯ୍ୟପୂଜା, ସୁରଭି ପୂଜନ, ମହା ରୁଦ୍ରାର୍ଚ୍ଚନ, ମହାଦେବାର୍ଚ୍ଚନ, ରୁଦ୍ର ଚଣ୍ଡୀ ଯାଗ, ୩ ତାରିଖ ସୂର୍ଯ୍ୟପୂଜା, ସୁରଭି ପୂଜନ, ମହାବିଷ୍ଣୁ ପୂଜନ, ଗୀତାଯାଗ ହୋଇ ଅପରାହ୍ନ ସାଢ଼େ ୧ଟାରେ ପୂର୍ଣ୍ଣାହୁତି ପ୍ରଦାନ କରାଯିବ । ପ୍ରତ୍ୟେକ ଦିବା ୧ଟାରୁ ହରିହାଟ ବ୍ୟବସ୍ଥା କରାଯାଇଛି । ମୁଖ୍ୟ ପୂଜକ ପ୍ରଦୀପ ଆଚାର୍ଯ୍ୟ, ସହଯୋଗୀ ପ୍ରଦୀପ ମିଶ୍ର, ଜିତେନ୍ଦ୍ର ମହାପାତ୍ର, ଓମପ୍ରକାଶ ରଥ, ହେମନ୍ତ ଆଚାର୍ଯ୍ୟ ଓ ତାରିଣୀ ପ୍ରସାଦ ପଣ୍ଡା ପ୍ରମୁଖ ଯଜ୍ଞ ସମ୍ପାଦନ କରିବେ । ଉପଦେଷ୍ଟା ବିଭୁଦତ୍ତ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ସଂଗଠନର କର୍ମକର୍ତ୍ତାମାନେ ସହଯୋଗ କରିଛନ୍ତି । ଏଥିରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେବାକୁ କମିଟି ପକ୍ଷରୁ ଅନୁରୋଧ କରାଯାଇଛି ।

● ସର୍ବଭାରତୀୟ ବାଜି ରାଉତ ଆମନ୍ତ୍ରଣ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଡାଇମଣ୍ଡ ହାର୍ବର କୋଲକାତା ଚାମ୍ପିଅନ




ଢେଙ୍କାନାଳ,୩୦ ।୧୧(ସମିସ): ସହିଦ ବାଜି ରାଉତଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଜିଲ୍ଲା କ୍ରୀଡ଼ା ସଙ୍ଘ, ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଓ ଢେଙ୍କାନାଳ ଜିଲ୍ଲା ପ୍ରଶାସନ ମିଳିତ ସହଯୋଗରେ ଆୟୋଜିତ ସର୍ବଭାରତୀୟ ବାଜି ରାଉତ ଆମନ୍ତ୍ରଣ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଛି । ଫାଇନାଲ ମ୍ୟାଚ ଡାଇମଣ୍ଡ ହାର୍ବର କୋଲକାତା ଓ ଇନକମ ଟାକ୍ସ ଚେନ୍ନଇ ମଧ୍ୟରେ ଖେଳାଯାଇଥିଲା । ଡାଇମଣ୍ଡ ହାର୍ବର ୭-୦ ଗୋଲରେ ବିଜୟୀ ହୋଇ ଚାମ୍ପିଅନ ହୋଇଛି ।

ପ୍ରଥମ ଓ ଦ୍ୱିତୀୟ ଗୋଲ ରାମଦିନ ତାବା ଦେଇଥିବା ବେଳେ ତୃତୀୟ ଗୋଲ ଜୁବି ଜଷ୍ଟିନ ଦେଇଥିଲେ । ଚତୁର୍ଥ ଗୋଲ ରାମଲିନ ଥାରା, ୫ମ ଗୋଲ କ୍ଲେଟନ ସେଭେରା, ଷଷ୍ଠ ଗୋଲ ବ୍ରାଇଟ ଇନାବାଖେ ଓ ସପ୍ତମ ଗୋଲ ଆଣ୍ଟୋନିଓ ମୋୟାନେ ଦେଇଥିଲେ । ମୁଖ୍ୟଅତିଥି ଭାବେ ମୃଦୁଳା ଠାକୁର, ସମ୍ମାନିତ ଅତିଥି ଭାବେ ଯୁବରାଜ ଅମରଜ୍ୟୋତି ସିଂହଦେଓ, ନଓ୍ୱାର ନିର୍ଦ୍ଦେଶକ ରାଜେଶ ଘୋଷ, କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାଶ, ବିଜେପି ଜିଲ୍ଲା ସଭାପତି ରାସବିହାରୀ ବେହେରା, ଉପସଭାପତି ସଞ୍ଜୟ କୁମାର ଭଞ୍ଜ ଯୋଗଦେଇଥିଲେ । ମୁଖ୍ୟଅତିଥି ଚାମ୍ପିଅନ ଟିମକୁ ୨ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରିଥିବା ବେଳେ ରନର୍ସଅପ ଟିମକୁ ଅମରଜ୍ୟୋତି ସିଂହଦେଓ ୧ଲକ୍ଷ ଟଙ୍କା ପ୍ରଦାନ କରିଥିଲେ । ବିଶିଷ୍ଟ ଫୁଟବଲ ଖେଳ ସଂଗଠକ ଅରୁଣ ଆସମାନ ଦାଶ ଏବଂ ପ୍ରତୀକ ଭଞ୍ଜଙ୍କ ସମେତ ସମସ୍ତ ରେଫରୀ ଏବଂ ସଭ୍ୟମାନଙ୍କୁ ସମ୍ମାନିତ କରିଥିଲେ । କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ, ଉପସଭାପତି ସଞ୍ଜୟ କୁମାର ଭଞ୍ଜ, ଯୁଗ୍ମସମ୍ପାଦକ ଅଭିଜିତ ମିଶ୍ର, ଗୌରାଙ୍ଗ ସେଠୀ, ମନୋଜ ପଟ୍ଟନାୟକ, ପ୍ରତାପ ମହାନ୍ତି, ବାବୁ ପାଢ଼ୀ, ସୁନୀଲ ପଣ୍ଡା, ଶ୍ୟାମସୁନ୍ଦର ମହାପାତ୍ର, ବାବୁଲି ସାହୁ, ପ୍ରତୀକ ଭଞ୍ଜ, ବେସୋରତ ଖାଁ, ପର୍ଶୁରାମ ମିଶ୍ର, ସରୋଜ ପାଢ଼ୀ, ମନୋଜ ଦାସ, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଅଜୟବାରିକ, ଦୀପ୍ତିରଞ୍ଜନ ସେଠୀ, ବିଭୁ ପଟ୍ଟନାୟକ, ମାନସ ମହାରଣା ପ୍ରମୁଖ ସହଯୋଗ କରିଥିଲେ । ପର୍ଶୁରାମ ମିଶ୍ର, ପ୍ରେମାନନ୍ଦ ମହାନ୍ତି, ଆଇନଜୀବୀ ସରୋଜ କୁମାର ପାଢ଼ୀ ଧାରାବିବରଣୀ ପ୍ରଦାନ କରିଥିଲେ ।

# ଯୋରନ୍ଦାରେ ମନ୍ତ୍ରୀଙ୍କ ଜନଶୁଣାଣି କାର୍ଯ୍ୟକ୍ରମ




ଯୋରନ୍ଦା,୩୦ ।୧୧(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଯୋରନ୍ଦାରେ ରବିବାର ଅପରାହ୍ନରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଯୋରନ୍ଦା ସରପଞ୍ଚ ଆରତୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ପାତ୍ର ୫୦ ଆବେଦନପତ୍ର ଗ୍ରହଣ କରି ସମସ୍ୟା ଶୁଣିଥିଲେ । ୭୫ ପ୍ରତିଶତ ମାନସିକ ଅନଗ୍ରସର ସୌମ୍ୟରଞ୍ଜନ ମହାପାତ୍ରଙ୍କ ଅନ୍ତ୍ୟୋଦୟ କାର୍ଡ ପାଇଁ ଆବେଦନ କରିଥିଲେ ମଧ୍ୟ କେହି ଶୁଣୁନାହାନ୍ତି । ଜନ୍ମରୁ ବିକଳାଙ୍ଗ ନାରାୟଣ ଲେଙ୍କା ୭୫ ପ୍ରତିଶତ ଦିବ୍ୟାଙ୍ଗ କାର୍ଡ ପାଇଥିଲେ । ମାତ୍ର ନବୀକରଣ ସମୟରେ ତାଙ୍କର ୬୦ ପ୍ରତିଶତକୁ କମାଇ ଦିଆଯାଇଛି । ଏହାର ପୁନର୍ବିଚାର କରି ସହାୟତା ଯୋଗାଇ ଦେବାକୁ ଉଭୟ ମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି । ସମସ୍ତ ଅଭିଯୋଗକୁ ମନ୍ତ୍ରୀ ଗୁରୁତ୍ୱ ଦେଇ ପଦକ୍ଷେପ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏଥିରେ ଯୋରନ୍ଦା ସମିତି ସଭ୍ୟ ପ୍ରତ୍ୟୁଷହରି ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବା ବେଳେ ମନ୍ତ୍ରୀଙ୍କ ପ୍ରତିନିଧି ରତିକାନ୍ତ ସାହୁ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ । କାବରା ସମିତି ସଭ୍ୟ ଶତ୍ରୁଘ୍ନ ରାଉତ, ବରିଷ୍ଠ କର୍ମକର୍ତ୍ତା ଅମ୍ବିକା ପ୍ରସାଦ ମିଶ୍ର, ପ୍ରତାପ ନାଥ, ଦିଗମ୍ବର ସାହୁ, ଅଭୟ ପାଣି, ଧର୍ମାନନ୍ଦ ରାଉତ, ପ୍ରଶାନ୍ତ ଦେହୁରୀ, ବୀରେନ୍ଦ୍ର ନାୟକ, ଅଶୋକ ପଣ୍ଡା, ପ୍ରହ୍ଲାଦ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ପୂର୍ବତନ ଛାତ୍ର କଂଗ୍ରେସ ସଭାପତିଙ୍କ ପରଲୋକ



ଢେଙ୍କାନାଳ,୩୦ ।୧୧(ସମିସ): ପୂର୍ବତନ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଇଦ୍ରିଶ ବକ୍ସଙ୍କର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଛି । ତାଙ୍କ ୫୧ ବର୍ଷ ବୟସ ହୋଇଥିଲା । କିଛିଦିନ ଧରି ଅସୁସ୍ଥ ରହି ଚିକିତ୍ସାଧୀନ ଥିଲେ । ମୃତଶରୀର ସହରସ୍ଥିତ ଗୁଡ଼ିଆନାଳୀଠାରେ ଥିବା ତାଙ୍କ ବାସଭବନରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ଭଗବାନପୁରସ୍ଥିତ କବରସ୍ଥାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି । ଶିଶୁ ବିଭାଗର ଚିକିତ୍ସକ ସ୍ୱର୍ଗତ ଡା. ଅବଦୁଲ କରିମ ବକ୍ସଙ୍କ ବଡ଼ପୁଅ ଇଦ୍ରିଶ ଛାତ୍ର ରାଜନୀତିରେ ବେଶ୍ ସକ୍ରିୟ ରହିଥିଲେ । କିଛିବର୍ଷ ତଳେ ସେ ଢେଙ୍କାନାଳ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି କାର୍ଯ୍ୟ ତୁଲାଇଥିଲେ । ଜଣେ କ୍ରୀଡ଼ାବିତ ଭାବେ ମଧ୍ୟ ଜଣାଶୁଣା ଥିଲେ । ଢେଙ୍କାନାଳର ପ୍ରମୁଖ କସମସ କ୍ରିକେଟ କ୍ଲବର ସେ ସଦସ୍ୟ ଥିଲେ । ବହୁ ବ୍ୟକ୍ତି, ପରିବାର ସଦସ୍ୟ, ସହପାଠୀ ଓ ସହଯୋଗୀ ବାସଭବନରେ ପହଞ୍ଚି ତାଙ୍କ ଶେଷଦର୍ଶନ କରିଥିଲେ ।


# ୧୨ରେ ପାଚିକା ସହାୟିକା ସଂଘର ବିଧାନସଭା ଘେରଉ

ଢେଙ୍କାନାଳ,୩୦ ।୧୧(ସମିସ): ସ୍ଥାନୀୟ ଯାଉଁଳି ପୋଖରୀ ମଠ ପ୍ରାଙ୍ଗଣରେ ଏଆଇଟିୟୁସି ସହବନ୍ଧିତ ନିଖିଳ ଓଡ଼ିଶା ଏମଡିଏମ ପାଚିକା ସହାୟିକା ସଂଘର



ବୈଠକ ରବି ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି । ସମ୍ପାଦିକା ଭାରତୀ ଦାସ କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ । ଗତ ସେପ୍ଟେମ୍ବର ୨୦ ତାରିଖ ହୋଇଥିବା ଆନ୍ଦୋଳନର ସମୀକ୍ଷା କରାଯାଇଥିଲା । ମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଇଥିବା ଦାବି ଉପରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା । ଆସନ୍ତା ୩, ୪ ଓ ୫ ତାରିଖ ରାଜଧାନୀରେ କେନ୍ଦ୍ରୀୟ ମିଳିତ ଶ୍ରମିକ ସଂଘ ପକ୍ଷରୁ ଆନ୍ଦୋଳନ କରାଯିବା ସହ ୧୨ରେ ବିଧାନସଭା ଘେରଉ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି । ଉକ୍ତ ଦିନ ସ୍କୁଲଗୁଡ଼ିକରେ ପାଚିକା ସହାୟିକାମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଫଳରେ ମଧ୍ୟାହ୍ନ ଭୋଜନରେ ବ୍ୟାଘାତ ପାଇଁ ସଂଘ ଦୁଃଖ ପ୍ରକାଶ କରିଛି । ୧୦ମାସ ବଦଳରେ ୧୨ମାସର ପାରିଶ୍ରମିକ, ବର୍ଷକୁ ୨ଖଣ୍ଡ ଶାଢ଼ି, ପାଚିକାମାନଙ୍କୁ ବିଇଓଙ୍କ ଦ୍ୱାରା ନିଯୁକ୍ତି, ମାସର ପ୍ରଥମ ସପ୍ତାହରେ ପାରିଶ୍ରମିକ, ଅବସର ପରେ ପେନସନ, ସର୍ବନିମ୍ନ ମଜୁରି, ସାମାଜିକ ସୁରକ୍ଷା, ଶ୍ରମିକ କର୍ମଚାରୀ ମାନ୍ୟତା ପ୍ରଭୃତି ବିଭିନ୍ନ ଦାବିରେ ଆନ୍ଦୋଳନ କରିବାକୁ ସ୍ଥିର କରାଯାଇଛି । ମାସକୁ ୩ ହଜାର ଟଙ୍କାରେ ଗୋଟିଏ ପାଚିକା ପରିବାର କିପରି ଚଳିବ ବୋଲି ରାଜ୍ୟ ଉପଦେଷ୍ଟା ରଥ ପ୍ରଶ୍ନ କରିଛନ୍ତି । ବୈଠକରେ ଶାନ୍ତିପ୍ରିୟା ସାହୁ, ସୁବାସିନୀ ବେହେରା, ବୁଧେଇ ବେହେରା, ଶ୍ରଦ୍ଧାଞ୍ଜଳି ବେହେରା ପ୍ରମୁଖ ଯୋଗଦେଇଥିଲେ ।

# ଓଷ୍ଟାର ମେଧା ଅନ୍ୱେଷା ପରୀକ୍ଷା



ଢେଙ୍କାନାଳ,୩୦ ।୧୧(ସମିସ): ରାଜ୍ୟ ଓଷ୍ଟା ସଂଘ ଆନୁକୂଲ୍ୟରେ ଢେଙ୍କାନାଳରେ ମେଧା ଅନ୍ୱେଷା ପରୀକ୍ଷା ଅନୁଷ୍ଠିତ ହୋଇଛି । କାମାକ୍ଷାନଗର କାନପୁରା ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟ, ଢେଙ୍କାନାଳ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସମେତ ୩ ପରୀକ୍ଷା କେନ୍ଦ୍ରରେ ୨୬୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି । ପୂର୍ବାହ୍ନ ୧୧ଟାରେ ପରୀକ୍ଷା ଆରମ୍ଭ ହୋଇ ଅପରାହ୍ନ ୧ଟାରେ ସମାପନ ହୋଇଥିଲା । ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ପରୀକ୍ଷା ନିରୀକ୍ଷକ ଭାବେ ରାଜ୍ୟ ଓଷ୍ଟା ସଂଘ ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ ଯୋଗଦାନ କରିଥିଲେ । ଅଧ୍ୟକ୍ଷ ଅଜୟ କୁମାର ବଳ ସୁପରିନଟେଣ୍ଡେଣ୍ଟ ଦାୟିତ୍ୱ ତୁଲାଇଥିଲେ । ଢେଙ୍କାନାଳ ଓଷ୍ଟାର ପୂର୍ବ ସଭାପତି ସନ୍ତୋଷ କୁମାର ପାଣିଗ୍ରାହୀ, ପୂର୍ବ ସମ୍ପାଦକ ବିଭୂତି ସାମଲ, ପୂର୍ବ କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର ଧଳ, ବର୍ତ୍ତମାନର ଯୁଗ୍ମ ସମ୍ପାଦକ ଅଞ୍ଜନ ମହାରଣା, ପ୍ରେମାନନ୍ଦ ଜେନା, ଅଶୋକ କୁମାର ଦାଶ, ପଙ୍କଜ ମହାରଣା, ଦେବେନ୍ଦ୍ର କୁମାର ଦାସ, ବ୍ରହ୍ମାନନ୍ଦ ପ୍ରଧାନ, ପଙ୍କଜ ଲୋଚନ ପିରେଇ, ଅକ୍ରୁର କୁମାର ଜେନା ପ୍ରମୁଖ ସହଯୋଗ କରିଥିଲେ ।

# ଜିଲ୍ଲାସ୍ତରୀୟ ଶ୍ରୀଜଗନ୍ନାଥ ସଂସ୍କୃତି ଜ୍ଞାନ ପରୀକ୍ଷା



ଗଁଦିଆ,୩୦ ।୧୧(ସମିସ): ସ୍ଥାନୀୟ କପିଳାସ ମହାବିଦ୍ୟାଳୟରେ ଅର୍ନ୍ତଜାତୀୟ ଚାରଣଗୋଷ୍ଠୀ ପୁରୀ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଶ୍ରୀଜଗନ୍ନାଥ ସଂସ୍କୃତି ଜ୍ଞାନ ପରୀକ୍ଷା ଅନୁଷ୍ଠିତ ହୋଇଛି । ଖଙ୍କିରା ସରକାରୀ ଉଚ୍ଚ ବିଦ୍ୟାଳୟ, ଗଁଦିଆ ଉଚ୍ଚ ବିଦ୍ୟାଳୟ, ବେଢ଼ାପାଳ ଉଚ୍ଚ ବିଦ୍ୟାଳୟ, ଖୁରୁସିଆ ଉଚ୍ଚ ବିଦ୍ୟାଳୟ, ବଣସିଂ ଉଚ୍ଚ ବିଦ୍ୟାଳୟ, କଙ୍କଡ଼ାହାଡ଼ ଉଚ୍ଚ ବିଦ୍ୟାଳୟ, ଯୋରନ୍ଦା ଉଚ୍ଚ ବିଦ୍ୟାଳୟ, ଯୋରନ୍ଦା ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ଓ ସନ୍ଥପୁର ସରକାରୀ ଉଚ୍ଚ ବିଦ୍ୟାଳୟରୁ ମନୋନୀତ ଛାତ୍ରଛାତ୍ରୀ ଏହି ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ । କପିଳାସ ମହାବିଦ୍ୟାଳୟ ଅଧ୍ୟକ୍ଷ ଗୋଲେଖ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରୀକ୍ଷା ହୋଇଥିଲା । କପିଳାସ ମହାବିଦ୍ୟାଳୟର ମୋନାଲିସା ରାଉତରାୟ ପ୍ରଥମ, ସନ୍ଥପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଜ୍ଞା ପ୍ରିୟଦର୍ଶିନୀ ସାମଲ ଦ୍ୱିତୀୟ ଓ ବଣସିଂ ସରକାରୀ ଉଚ୍ଚ ବିଦ୍ୟାଳୟର ମଧୁସ୍ମିତା ସାହୁ ଏବଂ ସନ୍ଥପୁର ଉଚ୍ଚ ବିଦ୍ୟାଳୟର ପ୍ରଭାତି ବେହେରା ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଏହି ଛାତ୍ରୀମାନେ ଡିସେମ୍ବର ୭ ତାରିଖ ଶ୍ରୀକ୍ଷେତ୍ରରେ ହେବାକୁ ଥିବା ରାଜ୍ୟସ୍ତରୀୟ ପରୀକ୍ଷାରେ ଅଂଶଗ୍ରହଣ କରିବେ ବୋଲି ଢେଙ୍କାନାଳ ଚାରଣ ଗୋଷ୍ଠୀ ମୁଖ୍ୟ ଅରୁଣ ପୁହାଣ କହିଛନ୍ତି ।

# ଚତୁର୍ଥ ବ୍ରାହ୍ମଣୀ ବନ୍ଦନା ଓ ନାଗନାଥେଶ୍ୱର ମହୋତ୍ସବ




ଢେଙ୍କାନାଳ,୩୦ ।୧୧(ସମିସ): ଢେଙ୍କାନାଳ ସଦର ବ୍ଲକ ବଣସିଂହ ଏବଂ ଚାଉଳିଆ ପଞ୍ଚାୟତ ବଡ଼ନାଗନାସ୍ଥିତ ଉତ୍କଳର ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଶ୍ରୀଶ୍ରୀ ନାଗନାଥେଶ୍ୱର ମହାଦେବଙ୍କ ପବିତ୍ର ପୀଠରେ ଚତୁର୍ଥ ବ୍ରାହ୍ମଣୀ ବନ୍ଦନା ଓ ନାଗନାଥେଶ୍ୱର ମହୋତ୍ସବ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ଜିଏସଟିର ଯୁଗ୍ମ ନିର୍ଦ୍ଦେଶକ ସଞ୍ଜୀବ କୁମାର ସାହୁ ଯୋଗଦେଇ କହିଲେ, ଏହି ଉତ୍ସବ ଆଗାମୀ ଦିନରେ ବିରାଟ ରୂପ ନେବ । ଏଥିରେ ଅଞ୍ଚଳବାସୀ, କାର୍ଯ୍ୟକର୍ତ୍ତାଙ୍କ ଅକୁଣ୍ଠ ସହଯୋଗ ପ୍ରଶଂସନୀୟ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଡେପୁଟି କଲେକ୍ଟର ସୌଦାମିନୀ ସାହୁ, ଜିଲ୍ଲା ଅଗ୍ନିଶମ ଅଧିକାରୀ ପ୍ରଶାନ୍ତ କୁମାର ଧଳ, ପୂର୍ବତନ ସରପଞ୍ଚ ସଞ୍ଜୁକ୍ତା ହୋତା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ସଫଳତା ସମ୍ପର୍କରେ କହିଥିଲେ । ସୁଦାମ ଚରଣ ବେହେରା ସଭାପତିତ୍ୱ କରିଥିବା ବେଳେ ମନ୍ଦିର ପରିଚାଳନା କମିଟି ସଭାପତି ନିତ୍ୟାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଅବନୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ନୂତନ ପେନସନ୍‌ଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘ ବୈଠକ



କାମାକ୍ଷନଗର,୩୦ ।୧୧(ସମିସ): କାମାକ୍ଷାନଗର ବ୍ଲକ ନୂତନ ପେନସନଭୁକ୍ତ ପ୍ରାଥମିକ ଶିକ୍ଷକ ସଙ୍ଘର ଜରୁରୀ ବୈଠକ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବ୍ଲକ ସଂଘ ସଭାପତି ବିଷ୍ଣୁପ୍ରସାଦ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି । ରାଜ୍ୟ ପ୍ରାଥମିକ ଶିକ୍ଷକ ମହାସଂଘ ଡାକରା କ୍ରମେ ଆସନ୍ତା ଡିସେମ୍ବର ୫ ତାରିଖ ହେବାକୁ ଥିବା ମହାଆନ୍ଦୋଳନରେ ବ୍ଲକର ଶତପ୍ରତିଶତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେବାକୁ ସଂଘ ସମ୍ପାଦକ ଦୁର୍ଗାପ୍ରସାଦ ତ୍ରିପାଠୀ ଆହ୍ୱାନ କରିଥିଲେ । ଡିସେମ୍ବର ୧ ତାରିଖ ମୁଖ୍ୟମନ୍ତ୍ରୀ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କାମାକ୍ଷାନଗର ବିଇଓ ଓ ଡିସେମ୍ବର ୩ ତାରିଖ ଡିଇଓଙ୍କୁ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି । ପ୍ରକାଶଥାଉକି ପ୍ରାଥମିକ ଶିକ୍ଷକମାନଙ୍କ ମୂଳ ପଦବୀକୁ ଅପଗ୍ରେଡ୍ କରି ଲେଭୁଲ-୯ ଅନୁଯାୟୀ ମୂଳ ବେତନ ୩୫,୪୦୦/- ଟଙ୍କା ପ୍ରଦାନ ଓ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରୁ ଠିକା ନିଯୁକ୍ତି ପ୍ରଥା ଉଚ୍ଛେଦ କରି ୨୦୦୧ରୁ ଅଦ୍ୟାବଧି ସମସ୍ତ ଶିକ୍ଷକଙ୍କ ମୂଳ ଚାକିରିରେ ୬ ବର୍ଷ ଗଣନା ସହ ୬ଟି ନ୍ୟାସନାଲ ଇନକ୍ରିମେଣ୍ଟ ପ୍ରଦାନ ଦାବି ନେଇ ଏହି ଆନ୍ଦୋଳନ ପାଇଁ ସଂଘ ପ୍ରସ୍ତୁତ ହୋଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସଂଘ ଉପସଭାପତି ବିଚିତ୍ରାନନ୍ଦ ଖଟୁଆ, ଦିଲୀପ ନନ୍ଦ, ମୀନକେତନ ସାହୁ, ରାଜେନ୍ଦ୍ର ପୃଷ୍ଟି, ସୁଫଳା ପାଳ, ଦୀପ୍ତିମୟୀ ନାୟକ, ବିଷ୍ଣୁପ୍ରିୟା ପଧାନ, ସଙ୍ଗୀତା ଜେନା, ରାଜେଶ ସାହୁ, ବ୍ୟୋତିକେଶ ବେହେରା ପ୍ରମୁଖ ଯୋଗଦେଇଥିଲେ ।



ମୁଁ ଭାଷା, ଜାତି ଓ ଧର୍ମର ବନ୍ଧନ ଭିତରେ ବାନ୍ଧି ହେବାପାଇଁ ଚାହେଁ ନାହିଁ। ସଙ୍ଗୀତ କ୍ଷେତ୍ର ମତେ ଏହା କରିବାକୁ ସୁଯୋଗ ଦେଇଛି!
--ଏଆର ରେହମାନ

ସକାଳ
THE SAKALA

# ସମ୍ଭାବନାର 'ସକାଳ'

କୁହାଯାଏ ଅନେକ ଆଶା ଓ ଯୋଜନାର ସମ୍ଭାର ନେଇ ସକାଳ ଆସେ, ମଧ୍ୟାହ୍ନ ଯୋଜନାକୁ ରୂପାୟନର ସୁଯୋଗ ସୃଷ୍ଟି ଓ କ୍ଷେତ୍ର ପ୍ରସ୍ତୁତି କରେ, ସାୟାହ୍ନ ସମୀକ୍ଷାର ଅବକାଶ ସୃଷ୍ଟି କରେ। କିନ୍ତୁ ସାମ୍ପ୍ରତିକ ବିଶ୍ୱରେ ପ୍ରତିଟି ସକାଳ ଅବିଶ୍ୱାସର କୁହୁଡ଼ିରେ ଆଚ୍ଛନ୍ନ, ବିଦ୍ୱେଷର କଳରବରେ ମଧ୍ୟାହ୍ନ ବିଦୀର୍ଣ୍ଣ ଓ ଅଶାନ୍ତିର ଉପସ୍ଥିତିରେ ସାୟାହ୍ନ ଅବସନ୍ନ। ବର୍ତ୍ତମାନର ପ୍ରତିଟି ମୁହୂର୍ତ୍ତକୁ ଆମେ ହିଁ ବିପନ୍ନ କରିଚାଲିଛୁ, ଭବିଷ୍ୟତର ଅସ୍ଥିରତାକୁ ପ୍ରଶ୍ରୟ ଦେଉଛୁ। ଅତୀତକୁ ପରଖିବା ଓ ଶିଖିବାର ସମୟ ନାହିଁ, ସଦିଚ୍ଛା ମଧ୍ୟ ନାହିଁ। ବିଶ୍ୱର କୌଣସି ସଂସ୍ଥାନ, ଉପାଦାନ ଓ ଜୀବନ ନାହିଁ, ଯାହା ଏକ ଆସ୍ଥାହୀନ ପରିବେଷ୍ଟନୀ ଭିତରେ ଅହରହ ଦହନ ହୋଇଚାଲିନାହିଁ। ଆଜି ବାୟୁ ଦୂଷିତ, ଜଳ ବିଷାକ୍ତ, ମାନବିକ ଭାବନା କଳୁଷିତ। ଏଭଳି ବାତାବରଣ କେବଳ ଯୁଦ୍ଧ, ଦ୍ୱନ୍ଦ୍ୱ, ହିଂସା, ଈର୍ଷା, ଦ୍ୱେଷ, ଆତଙ୍କ, ରକ୍ତପାତ, କାତରତା, କାପୁରୁଷତା, ପରଶ୍ରୀକାତରତା, ଶଠତା, ଦୁର୍ନୀତି, ଭ୍ରଷ୍ଟାଚାର, ପ୍ରତାରଣା, ପକ୍ଷପାତିତାକୁ ଜନ୍ମ ଦେଇପାରେ ଏବଂ ତାହା ହିଁ ଘଟୁଛି। ଏହି ପୃଷ୍ଠଭୂମିରେ ଯଦିବା କେବେ କେଉଁଠି କେତେବେଳେ ଶାନ୍ତି, ସହାବସ୍ଥାନ ଓ ସୁସ୍ଥତାର ସମ୍ଭାବନାଟିଏ ସୃଷ୍ଟି ହେଉଛି ତାହାର ପ୍ରଭାବ ସୁଦୂରପ୍ରସାରୀ ହେବା ସ୍ୱାଭାବିକ।

କୋଭିଡ୍ ମହାମାରୀରେ ସାମାଜିକ ଜନଜୀବନ ଓ ଅର୍ଥନୀତିର ଅସ୍ଥିର ପରିବେଶ ଭିତରେ ସେଭଳି ଏକ ଆଶାର ସମ୍ଭାବନା ନେଇ 'ସକାଳ' ଜନ୍ମ ନେଇଥିଲା ଆଜିକୁ ପାଞ୍ଚବର୍ଷ ତଳେ। ଆଜି ମାତ୍ର ଛଅବର୍ଷରେ ପାଦ ଦେଇଥିବା ଏହି ଦୈନିକ ଖବରକାଗଜର ଶୈଶବ କିନ୍ତୁ ଆନନ୍ଦମୁଖର ଓ ଉପଭୋଗ୍ୟ ନଥିଲା। ମାତ୍ର ଚାରିବର୍ଷ ବୟସରେ ସାମ୍ନା କରିଥିଲା ସାଧାରଣ ନିର୍ବାଚନ ରୂପକ ରାଜନୈତିକ ଝଡ଼କୁ। ରାଜ୍ୟରେ କ୍ଷମତା ବଦଳିବା ସହିତ 'ସକାଳ' ସମ୍ମୁଖୀନ ହେଲା ପକ୍ଷପାତିତାର। ଆଜିର ସମୟର ପ୍ରତିଯୋଗିତାପୂର୍ଣ୍ଣ ଆହ୍ୱାନର ସମ୍ମୁଖୀନ ହେବା ପାଇଁ ସରକାରୀ ସହଯୋଗିତା ଓ ପୃଷ୍ଠପୋଷକତା ଅପରିହାର୍ଯ୍ୟ ଆବଶ୍ୟକତା ହୋଇପଡ଼ିଥିଲା ବେଳେ 'ସକାଳ' ସେଥିରୁ ବଞ୍ଚିତ। ଶୈଶବରେ ନିୟତିର ଏହି କ୍ରୂର ପ୍ରହାରରେ ତଥାପି 'ସକାଳ' ଭାଙ୍ଗି ପଡ଼ିନାହିଁ; କାହା ପ୍ରତି ଅସୂୟା ମନୋଭାବ ପୋଷଣ କରିନାହିଁ। ପ୍ରତିଶୋଧପରାୟଣ ହୋଇନାହିଁ କି ବ୍ୟକ୍ତିଗତ କୁତ୍ସାରଟନା ପରି ଦୁର୍ବଳ ଓ କାମଳ ସାମ୍ବାଦିକତାର ସାହାରା ନେଇ ନାହିଁ। ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ କେବଳ ଗଣଙ୍କ ହିତରେ ଏକ ସ୍ୱଚ୍ଛ, ନିରପେକ୍ଷ, ନିର୍ଭୀକ ସାମ୍ବାଦିକତାର ଭୂମିକା ନିଷ୍ଠାର ସହିତ ନିର୍ବାହ କରିଚାଲିଛି। ସଂଘର୍ଷରେ ମଧ୍ୟ ମୂଲ୍ୟବୋଧ, ଆଦର୍ଶ ଓ ନୀତି ସହିତ 'ସକାଳ' ସାଲିସ୍ କରିନାହିଁ; ମୂଳ ଲକ୍ଷ୍ୟରୁ ବିଚ୍ୟୁତ ହୋଇନାହିଁ। ନିଷ୍ପେଷିତ, ଅବହେଳିତ ଓ ପୀଡ଼ିତଙ୍କ ସ୍ୱର ହେବାର ସଂକଳ୍ପ ସହିତ ଜନ୍ମ ନେଇଥିବା 'ସକାଳ' ଆଜି ମଧ୍ୟ ତା'ର ଦାୟିତ୍ୱ ନିର୍ବାହନ ଓ କର୍ତ୍ତବ୍ୟ ସମ୍ପାଦନରେ ଅଟଳ ରହିଛି। ଲୋକଙ୍କର ସ୍ୱର ହୋଇଛି। ସର୍ବୋପରି ରାଜ୍ୟବାସୀଙ୍କ ସ୍ୱାର୍ଥ ଓ ରାଜ୍ୟର ହିତକୁ ଅଗ୍ରାଧିକାର ଦେଇଛି। ତେଣୁ ସାମ୍ପ୍ରତିକ ବାତାବରଣର ପ୍ରଚ୍ଛଦପଟ୍ଟରେ 'ସକାଳ'କୁ ଗଣମାନଙ୍କର ନିଃସର୍ତ୍ତ ସମର୍ଥନ, ଅଭିନନ୍ଦନ, ଆଶିଷ ଓ ଶୁଭକାମନା ବଢ଼ିବାରେ ଲାଗିଛି। ସର୍ବୋପରି 'ସକାଳ'ର ବିକଳ୍ପହୀନ ସମ୍ପାଦକୀୟ ନୀତି, ସୁସ୍ଥ ସମାଲୋଚନା ଓ ନିଚ୍ଛକ ଖବର ପରିବେଷଣ କ୍ରମଶଃ ଗ୍ରହଣୀୟ ଓ ଆସ୍ଥାଭାଜନ ହେଉଛି।

ସୃଷ୍ଟିର ପରିବର୍ତ୍ତନଶୀଳ ଧାରାରେ ନୀତି ଓ ଆଦର୍ଶ ହିଁ ଚିରନ୍ତନ। ତେଣୁ 'ସକାଳ' ତା'ର ଶୈଶବରେ ଆଦରି ନେଇଥିବା ଆଦର୍ଶ ଯୌବନର ଉଦ୍ଦାମତାରେ ଭୁଲିଯିବ ନାହିଁ କି ଶତାୟୁରେ ବାର୍ଦ୍ଧକ୍ୟର ଚାପରେ ନଇଁଯିବ ନାହିଁ। ବରଂ ସମୟ ସହିତ ଆହୁରି ଅଧିକ ତେଜୀୟାନ୍, ପରିପକ୍ୱ ଓ ଉତ୍ତରଦାୟୀ ହେବ। ପାଠକମାନଙ୍କର ଶ୍ରଦ୍ଧା ହିଁ 'ସକାଳ'ର ପୁଞ୍ଜି। କର୍ମଚାରୀମାନଙ୍କର ନିଷ୍ଠା, ପରିଶ୍ରମ ଓ ସମର୍ପିତ ଅଂଶଗ୍ରହଣ ହିଁ ତା'ର ଶକ୍ତି। ଏହି ପୁଞ୍ଜିକୁ କେହି ଛଡ଼ାଇ ନେଇପାରିବ ନାହିଁ କି ଶକ୍ତିକୁ ପରାହତ କରିପାରିବ ନାହିଁ। ଯେଉଁ ଶୁଭଚିନ୍ତକମାନେ ଆମକୁ ନୈତିକ ସାହସ ଦେଇ ଆମର ମନୋବଳ ବୃଦ୍ଧି କରିଛନ୍ତି, ଆମକୁ ସାମର୍ଥ୍ୟ ଅନୁଯାୟୀ ସମର୍ଥନ ଓ ଅକୁଣ୍ଠ ସହଯୋଗ ପ୍ରଦାନ କରିଛନ୍ତି ସେମାନଙ୍କ ନିକଟରେ ଆମେ କୃତଜ୍ଞ।

ବର୍ତ୍ତମାନର ଶିଳାଖଣ୍ଡ ଉପରୁ କେବଳ ଏକ ବିପନ୍ନ, ଅନିଶ୍ଚିତ ଓ ଅଶାନ୍ତ ଭବିଷ୍ୟତର ରୂପ ହିଁ ଦେଖାଯାଉଛି। ସ୍ୱାର୍ଥାନ୍ୱେଷୀ ଓ ବିସ୍ତାରବାଦୀ ଆଭିମୁଖ୍ୟ ଆହୁରି ଉଗ୍ର ହେବାକୁ ଯାଉଛି। ବିଶ୍ୱ କ୍ରମଶଃ ଯୁଦ୍ଧବିଗ୍ରହର ପଞ୍ଝା ଭିତରକୁ ଚାଲିଯାଉଛି, ପରମାଣୁ ଯୁଦ୍ଧର ଆଶଙ୍କା ଘନୀଭୂତ ହେଉଛି। ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନର କରାଳ ଛାୟା ସବୁଜ ସୁନ୍ଦର ପୃଥିବୀକୁ ଆଚ୍ଛାଦିତ କରିଚାଲିଛି। ଅନାହାର, ଦାରିଦ୍ର୍ୟ, ପ୍ରାକୃତିକ ଦୁର୍ବିପାକର ଘନଘଟା ଆହୁରି ଉତ୍କଟ ହେବାକୁ ଯାଉଛି। କୃତ୍ରିମ ବୁଦ୍ଧିମତ୍ତା ମାନବ ସଭ୍ୟତାର ସ୍ଥାୟିତ୍ୱ ପ୍ରତି ଆହ୍ୱାନ ସୃଷ୍ଟି କରିଛି। ବିଶ୍ୱର ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଅସୀମ ଆହ୍ୱାନ ଓ ଅସ୍ଥିରତାର ତାଡ଼ନା ମଧ୍ୟରେ ଗଣମାଧ୍ୟମକୁ ମାର୍ଗଦର୍ଶକ ଓ ସତର୍କଘଣ୍ଟିର ଭୂମିକା ନିର୍ବାହ କରିବାକୁ ହେବ। ଅହିଂସାର ବାର୍ତ୍ତାବହ ହୋଇ ମାନବିକତାର ପ୍ରଚାର କରିବାକୁ ପଡ଼ିବ। ପକ୍ଷବାଦୀ ହେଉ କି ନିରପେକ୍ଷ, ଗଣମାଧ୍ୟମ ଏକ ସ୍ୱଚ୍ଛ ଦର୍ପଣର ଭୂମିକା ନିର୍ବାହ ନ କଲେ ଆଗାମୀ କାଲି ଲେଖାଯିବାକୁ ଥିବା ଆଜିର ଇତିହାସରେ ଉତ୍ତରଦାୟୀ କେବଳ ଗଣମାଧ୍ୟମ ହିଁ ରହିବ।

ଏଠାରେ କର୍ମ ଓ କାଳଖଣ୍ଡର ସେହି ଅମରଜୟୀ ଉକ୍ତିଟି ଉଦ୍ଧୃତ କରିବା ପ୍ରାସଙ୍ଗିକ ହେବ - 'ସୁନ୍ଦର ଯେତିକି ଅନ୍ଧାର ସେତିକି ଏହି ଯେ ଗହନ ବନ, ତେଣୁ ତୁ ଆପଣା ସଂକଳ୍ପେ ଅଟଳ ଅଚଳ ରହ ରେ ମନ / ଆଗରେ ପଡ଼ିଛି ପଥ ବହୁଦୂର ଆହୁରି କେତେ ଯେ ବାକି, ଚାଲିବି ଚାଲିବି ନ ପଡ଼ିବି ଥକି ମୁଦିବା ଆଗରୁ ଆଖି।' ଜୀବନଯୁଦ୍ଧରେ, ପରିସ୍ଥିତିର ତାଡ଼ନାରେ, ସମୟର ପ୍ରବାହରେ କୌଣସି ଗଣମାଧ୍ୟମ ସଂସ୍ଥା ସାମୟିକ ବିରତି ନେଇପାରେ; କିନ୍ତୁ ଗଣମାଧ୍ୟମର ମୃତ୍ୟୁ ନାହିଁ। ଗଣଙ୍କର ଉପସ୍ଥିତି ଥିବା ଯାଏଁ ଗଣମାଧ୍ୟମର ଅସ୍ତିତ୍ୱକୁ ବିଲୟ କରିବାର ଶକ୍ତି କାଳର ମଧ୍ୟ ନାହିଁ, ସରକାର ଆଜି ନ ହେଲେ କାଲି ବଦଳିବା ନିଶ୍ଚିତ। ଗଣଙ୍କର ସ୍ୱର ଭାବରେ ଯାହା କିଛି ଲେଖାଯାଇଛି, ଲେଖି ହୋଇଯାଉଛି ତାହା ଅବିନିଶ୍ୱର ଯୁଗାନ୍ତର ପର୍ଯ୍ୟନ୍ତ।

ସମ୍ଭାବନାର ସେହି ଅଫୁରନ୍ତ ଆଶା ନେଇ ଆଉ ଏକ ନୂଆ ସକାଳ ଅପେକ୍ଷାରେ!

# ନିର୍ବାଚନରେ ବ୍ୟାଖ୍ୟାନ ଓ ବାସ୍ତବତା

**ଗୌରୀ ପ୍ରସାଦ ମହାପାତ୍ର**

ବିହାର ବିଧାନସଭା ନିର୍ବାଚନ ଫଳାଫଳ ଘୋଷଣା ପରେ ପୁଣି ଥରେ ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତାରେ ପ୍ରଶ୍ନଚିହ୍ନ ଲାଗିଛି। ମୁଖ୍ୟ ନିର୍ବାଚନ ଆୟୋଗଙ୍କ ନିରପେକ୍ଷତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଜନାଦେଶ ସର୍ବୋପରି ଓ ପ୍ରଶ୍ନାତୀତ। କିନ୍ତୁ ଜନମତକୁ ପ୍ରଭାବିତ କରିବା ପାଇଁ ଏହି ନିର୍ବାଚନରେ ଯେଭଳି ସାଧନମାନ ବ୍ୟବହାର ହେଲା, ତାହା ଭାରତୀୟ ଗଣତାନ୍ତ୍ରିକ ଓ ନିର୍ବାଚନ ଇତିହାସରେ ଏକ ନୂଆ ଅଲୋଡ଼ା ଅଧ୍ୟାୟ ଲେଖି ଦେଇଗଲା। ବିହାର ବିଧାନସଭା ଫଳାଫଳ ପରେ ବ୍ୟାଖ୍ୟାନ ସୃଷ୍ଟି ହେଲା ବିହାର ଜନତା ଲାଲୁ ପ୍ରସାଦ ଯାଦବଙ୍କ 'ଜଙ୍ଗଲରାଜ'କୁ ପ୍ରତ୍ୟାଖ୍ୟାନ କରି ନୀତୀଶ କୁମାର ନେତୃତ୍ୱାଧୀନ 'ବିକାଶର ଶାସନ'କୁ ଅଧିକ ପସନ୍ଦ କଲେ। ଏ କଥା ମଧ୍ୟ କୁହାଗଲା ଯେ ବହୁଚର୍ଚ୍ଚିତ 'ଏସ୍ଆଇଆର' ଓ 'ଭୋଟ ଚୋରି' ଅଭିଯୋଗକୁ ବିହାରବାସୀ ନାପସନ୍ଦ କରି ଜୀବନଜୀବିକାର ବାସ୍ତବତାକୁ ଗୁରୁତ୍ୱ ଦେଲେ। ବିହାର ନିର୍ବାଚନ ଫଳାଫଳ ଏତେଟା ଆଲୋଚିତ ହୋଇ ନଥା'ନ୍ତା, ଯଦି ଏହାର ପ୍ରଚ୍ଛଦପଟ୍ଟର ରଣକୌଶଳ ଦେଶର ସାମଗ୍ରିକ ଗଣତାନ୍ତ୍ରିକ ବ୍ୟବସ୍ଥା ଓ ନିର୍ବାଚନ ପ୍ରକ୍ରିୟାକୁ ପ୍ରଭାବିତ କରିବାର ଆଶଙ୍କା ସୃଷ୍ଟି ହୋଇନଥା'ନ୍ତା।

ଦୀର୍ଘ ପ୍ରାୟ ୨୦ ବର୍ଷ ଧରି ନୀତୀଶ କୁମାରଙ୍କ ପ୍ରତ୍ୟକ୍ଷ ଏବଂ କିଛିଦିନ ପରୋକ୍ଷ ହେପାଜତରେ ଥିବା ବିହାର ବିକାଶଧାରାର ବାସ୍ତବ ଚିତ୍ର ବିଷୟରେ ଏବେ କିଞ୍ଚିତ ଆଲୋଚନା କରିବା। ୧୯୯୧ରେ ଯୁଗାନ୍ତକାରୀ ଆର୍ଥିକ ସଂସ୍କାରକୁ ପୁଞ୍ଜି କରି ଦେଶର ଅନ୍ୟାନ୍ୟ ରାଜ୍ୟମାନେ ନିଜନିଜର ସାମାଜିକ-ଅର୍ଥନୀତିରେ ଆଖିଦୃଶିଆ ଉନ୍ନତି ଆଣିବାରେ ଅନେକାଂଶରେ ସଫଳ ହୋଇଥିଲେ ହେଁ ବିହାର ଯେ ଏହାର ବିପରୀତ ସୁଅରେ ଯାଇ ସମ୍ପୂର୍ଣ୍ଣ ଅସଫଳ ହୋଇଛି, ତାହା ଯେ କେହି ସ୍ୱୀକାର କରିବେ। ୧୯୯୧ ମସିହାରୁ ବିହାରରେ ନିଯୁକ୍ତି ହାରର ଅଭିବୃଦ୍ଧି ଅତିନଗଣ୍ୟ। ପ୍ରତିଭୂତି ବଜାରରେ ପଞ୍ଜିକୃତ କମ୍ପାନୀଙ୍କ ସଂଖ୍ୟା ବିହାରରେ ମାତ୍ର ୫। ଇଏସ୍ଆଇ ପ୍ରଦାନ କରିପାରୁଥିବା ସଂସ୍ଥାଙ୍କ ସଂଖ୍ୟା ମାତ୍ର ୯, ୨୧୭। ରାଜ୍ୟର ୯୯ ପ୍ରତିଶତ ଏମ୍ଏସ୍ଏମ୍ଇ ଅଣୁ ବା ଲଘୁ ବର୍ଗର। ମୋଟ ମାନବ ସମ୍ବଳର ମାତ୍ର ୫% ବିନିର୍ମାଣ, ୦.୫ % ବିତ୍ତୀୟ ସେବା, ୦.୪% ବୈଷୟିକ ଜ୍ଞାନକୌଶଳ, ୧%ରୁ କମ୍ ରିଟେଲ୍ ଓ ଫର୍ମା କମ୍ପାନୀରେ ନିଯୁକ୍ତ। ୨୦୨୩-୨୪ ସୁଦ୍ଧା ବିହାରରେ ମାତ୍ର ୩, ୩୮୬ କାରଖାନା ରହିଛି, ଯାହା ଦେଶର ମୋଟ ଶିଳ୍ପ ସଂସ୍ଥାର ୧.୩%। ଦେଶର ମୋଟ ଶିଳ୍ପ ଶ୍ରମିକଙ୍କ ମଧ୍ୟରେ ବିହାରୀଙ୍କ ସଂଖ୍ୟା ୦.୭୫%। ରାଜ୍ୟର ମୋଟ ଘରୋଇ ଉତ୍ପାଦରେ ସେବା କ୍ଷେତ୍ରର ଅବଦାନ ହାର ବିଯୁକ୍ତାତ୍ମକ। ବିଗତ ଦଶନ୍ଧିରେ ସେଠାରେ ମାତ୍ର ୧୩ଟି ଅତିରିକ୍ତ ଶୀତଳଭଣ୍ଡାର ପ୍ରତିଷ୍ଠା ହୋଇଛି ଏବଂ ଏବେସୁଦ୍ଧା ମାତ୍ର ୮୯୯ଟି ଖାଦ୍ୟ ପ୍ରକ୍ରିୟାକରଣ କେନ୍ଦ୍ର କାର୍ଯ୍ୟରତ।

ନୀତୀଶଙ୍କ ଶାସନାଧୀନ ବିହାର ଅର୍ଥନୀତିର ଚିତ୍ର ଆହୁରି ନୈରାଶ୍ୟଜନକ। ୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟର ବିତ୍ତୀୟ ନିଅଣ୍ଟ ୯.୨ ପ୍ରତିଶତ। ମୁଣ୍ଡପିଛା ଆୟ ଦେଶରେ ସବୁଠାରୁ କମ୍। ଋଣ ଭାର ୨୦୦୫ରେ ୪୩ ହଜାର କୋଟି ଟଙ୍କା ଥିବା ବେଳେ ୨୦୨୪ ବେଳକୁ ୩, ୧୯, ୦୦୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ବିହାର ନିଜେ କରିଥିବା ଜାତିଗଣନା ରିପୋର୍ଟର ତଥ୍ୟାନୁଯାୟୀ ୯୪ ଲକ୍ଷ ପରିବାରର ଦୈନିକ ଆୟ ୨୦୦ ଟଙ୍କାରୁ ମଧ୍ୟ କମ୍। ୨ କୋଟି ୨୦ ଲକ୍ଷ ଲୋକ ଶ୍ରମିକ ଭାବେ କାର୍ଯ୍ୟରତ। ୯୫% ପରିବାରର ନିଜସ୍ୱ ଯାନ ନାହିଁ। ପ୍ରାୟ ୧୨ କୋଟି ଜନସଂଖ୍ୟାରୁ ମାତ୍ର ୧୦% ଦ୍ୱାଦଶ-ଉତ୍ତୀର୍ଣ୍ଣ। ପ୍ରତି ୫ ଜଣ ସ୍ନାତକଙ୍କ ମଧ୍ୟରୁ ୪ ଜଣ ବେକାର। ତେଣୁ ଯୁବବର୍ଗର ସିଂହଭାଗ ଦାଦନ।

ନିତି ଆୟୋଗର ୨୦୨୩-୨୪ ରିପୋର୍ଟ ଅନୁଯାୟୀ ଶିକ୍ଷା, ସ୍ୱାସ୍ଥ୍ୟ, ବୁଭୁକ୍ଷୁ ଓ ଦାରିଦ୍ର୍ୟ ଦୂରୀକରଣ, ଶ୍ରମ ଓ ଅର୍ଥନୈତିକ ଅଭିବୃଦ୍ଧିରେ ବିହାରର ପ୍ରଦର୍ଶନ ଦେଶରେ ସବୁଠାରୁ ନୈରାଶ୍ୟଜନକ। ୨୦ ହଜାରରୁ ଅଧିକ ସ୍କୁଲ୍‌ରେ ବିଜୁଳି ନାହିଁ, ୭୬ ହଜାରରୁ ଅଧିକରେ କମ୍ପ୍ୟୁଟର ନାହିଁ। ସ୍କୁଲ୍ ଡ୍ରପ୍ ଆଉଟ୍ ହାରରେ ବିହାର ଦେଶର ପ୍ରଥମ ସ୍ଥାନରେ ରହିଛି। ରାଜ୍ୟର ୯୦% ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର କିମ୍ବା ପାରାମେଡିକାଲ୍ କର୍ମୀ ନାହାନ୍ତି। ପ୍ରତି ତିନିଜଣରେ ଦୁଇଜଣ ମହିଳା ରକ୍ତହୀନତାର ଶିକାର। ମାତ୍ର ୧୧ ପ୍ରତିଶତ ଶିଶୁ ପୌଷ୍ଟିକ ଖାଦ୍ୟ ପାଉଥିବା ବେଳେ ୫ ବର୍ଷରୁ କମ୍ ୪୦% ଶିଶୁ ପୁଷ୍ଟିହୀନ ଜନିତ ବିଭିନ୍ନ ଶାରୀରିକ ବିକାରରେ ଆକ୍ରାନ୍ତ।

ନୀତୀଶଙ୍କ ଶାସିତ ବିହାରରେ ଦୁର୍ନୀତି, ମନମୁଖି କାର୍ଯ୍ୟକଳାପ, ଭ୍ରଷ୍ଟାଚାର ଏତେ ଅଧିକ ଯେ ଦୀର୍ଘ ଦଶବର୍ଷ ତଳୁ ଆରମ୍ଭ ହୋଇଥିବା ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ଏବେ ମଧ୍ୟ ନିର୍ମାଣାଧୀନ କିମ୍ବା ଭାଙ୍ଗିରୁଜି ଗଲାଣି। ଗତ ଦୁଇବର୍ଷ ମଧ୍ୟରେ ବିହାରରେ ହତ୍ୟା ଘଟଣା ୨୫% ବୃଦ୍ଧି ପାଇଛି ଏବଂ ଅପରାଧିକ କାର୍ଯ୍ୟକଳାପରେ ବିହାର ଦେଶରେ ଦ୍ୱିତୀୟ ସ୍ଥାନରେ ରହିଛି। ଏଣୁ ରାଜ୍ୟରେ ବ୍ୟବସାୟ ଆରମ୍ଭ କିମ୍ବା ଶିଳ୍ପ ପ୍ରତିଷ୍ଠା ପାଇଁ ଅଧିକାଂଶ ନିବେଶକ, ଶିଳ୍ପପତି ଓ ବ୍ୟବସାୟୀ ଅନାଗ୍ରହୀ।

କେନ୍ଦ୍ର ପରିସଂଖ୍ୟାନ ଓ ଯୋଜନା ରୂପାୟନ ମନ୍ତ୍ରଣାଳୟର ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ରିପୋର୍ଟ ଅନୁଯାୟୀ ଦେଶର ସାମଗ୍ରିକ ଶ୍ରମଶକ୍ତିରେ ବିହାର ମହିଳାଙ୍କ ଅବଦାନ ମାତ୍ର ୮.୮ ପ୍ରତିଶତ, ଯାହା ଅନ୍ୟ ରାଜ୍ୟ ତୁଳନାରେ ସର୍ବନିମ୍ନ। ଅପରପକ୍ଷରେ ରାଜ୍ୟର ମହିଳା ଶ୍ରମଶକ୍ତିର ତିନି-ଚତୁର୍ଥାଂଶ କୃଷିରେ ନିୟୋଜିତ, ଯାହା ଦେଶରେ ସର୍ବାଧିକ। ସହରାଞ୍ଚଳରେ ବେରୋଜଗାର ମହିଳାଙ୍କ ହାର ୫୨.୩%। ତେଣୁ ନୀତୀଶ କୁମାରଙ୍କ ପର୍ଯ୍ୟାୟଭିତ୍ତିକ ମୋଟ ୨ ଲକ୍ଷ ଟଙ୍କା ନଗଦ ହସ୍ତାନ୍ତର ଯୋଜନା ବିହାର ମହିଳାମାନଙ୍କୁ କେତେ ସ୍ୱାବଲମ୍ବୀ କରିପାରିବ ଏବଂ ସେମାନଙ୍କ ପରିବାରର ଗରିବୀ କେତେ ହ୍ରାସ କରିପାରିବ ତାହା ବୁଝାଇ କହିବା ଆବଶ୍ୟକ ନାହିଁ।

୨୦ ବର୍ଷର ସମୟ କିଛି କମ୍ ନୁହେଁ। ଚଳିତ ଶତାବ୍ଦୀ ଆରମ୍ଭ ବେଳକୁ ସାମାଜିକ-ଅର୍ଥନୈତିକ ମାନଦଣ୍ଡରେ ବିହାର ସହିତ ପ୍ରାୟ ସମରେଖା ଥିବା ଓଡ଼ିଶା ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି, ନିଷ୍ଠା, ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତା ବଳରେ ସେହି ସମାନ ସମୟ ମଧ୍ୟରେ ଜାତୀୟସ୍ତରରେ ବିକାଶ ମଡେଲ୍‌ରେ ଉଦାହରଣୀୟ ହୋଇପାରିଛି ଏବଂ ବିଶ୍ୱସ୍ତରରେ ସମ୍ମାନିତ ହୋଇଛି। ଅଥଚ ବିହାରର ବିକାଶଧାରା ଆଜି ମଧ୍ୟ ସେହି ଜାତିବାଦରେ ସୀମିତ। ତେଣୁ ନୀତୀଶଙ୍କ ଜନକଲ୍ୟାଣମୁଖୀ କାର୍ଯ୍ୟଧାରା ଭୋଟରଙ୍କୁ ଆକୃଷ୍ଟ କରିଛି ବୋଲି ଯେଉଁ ବ୍ୟାଖ୍ୟାନ ସୃଷ୍ଟି ହୋଇଛି ତାହା କେତେ ବାସ୍ତବ ବିଚାରସାପେକ୍ଷ।

ଏହି ବ୍ୟାଖ୍ୟାନ ପଛର ବାସ୍ତବତା ହେଉଛି ଭୋଟଦାନରେ ମହିଳମାନଙ୍କର ଅଭୂତପୂର୍ବ ଯୋଗଦାନ। ଗତ ବିଧାନସଭା ନିର୍ବାଚନ ତୁଳନାରେ ଚଳିତ ଥର ବିହାର ମହିଳାଙ୍କ ଭୋଟଦାନ ହାର ୧୮% ବୃଦ୍ଧି ପାଇଛି। କିନ୍ତୁ ଏବେ ପ୍ରଶ୍ନ ଉଠୁଛି ଭୋଟଦାନରେ ମହିଳାଙ୍କ ଏହି ଆତିଶଯ୍ୟ ସ୍ୱତଃସ୍ଫୂର୍ତ୍ତ ନା ପ୍ରାୟୋଜିତ? ବିହାରରେ ମହିଳାମାନଙ୍କ ହାରହାରି ମୁଣ୍ଡପିଛା ବାର୍ଷିକ ଆୟ ମାତ୍ର ୪୯, ୦୦୦ ଟଙ୍କା। ତେଣୁ 'ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନା' ନାମରେ ରାଜ୍ୟର ୭୫ ଲକ୍ଷ ମହିଳାଙ୍କୁ ୨ ଲକ୍ଷ ଟଙ୍କା ଲେଖାଏଁ ପ୍ରତ୍ୟକ୍ଷ ନଗଦ ହସ୍ତାନ୍ତର ଘୋଷଣା ସେମାନଙ୍କ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ମାନସିକତାକୁ ପ୍ରଭାବିତ କରି ଭୋଟରେ ରୂପାନ୍ତରିତ ହୋଇଥିବା ନିଶ୍ଚିତ। ଚତୁରତାର ସହିତ ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ଏହି ଯୋଜନାର କାର୍ଯ୍ୟକାରୀ ହୋଇଥିଲେ ମଧ୍ୟ ଅଭିଯୋଗ ଅନୁଯାୟୀ ଭୋଟଦାନ ପୂର୍ବଦିନ ପର୍ଯ୍ୟନ୍ତ ମହିଳାମାନଙ୍କ ଖାତାକୁ ପ୍ରଥମ ପର୍ଯ୍ୟାୟର ୧୦ ହଜାର ଟଙ୍କା ଲେଖାଏଁ ଆସୁଥିଲା। ତେଣୁ 'ନୋଟ୍ ଫର ଭୋଟ୍' ବା 'ଟଙ୍କା ବଦଳରେ ଭୋଟ' ରଣକୌଶଳଟି ବିହାରରେ ଏକପ୍ରକାର ବୈଧ ହୋଇଗଲା।

ସୁସ୍ଥ ଗଣତାନ୍ତ୍ରିକ ପରମ୍ପରା ଓ ନିରପେକ୍ଷ ନିର୍ବାଚନ ପ୍ରକ୍ରିୟାରେ ଲୋକସଭା କିମ୍ବା କୌଣସି ରାଜ୍ୟ ବିଧାନସଭା ପୂର୍ବରୁ କେନ୍ଦ୍ର କିମ୍ବା ରାଜ୍ୟ ସରକାରମାନେ ବଜେଟ୍‌ରେ ଉଦ୍ଦେଶ୍ୟମୂଳକ ବ୍ୟୟବରାଦ କରିପାରିବେ ନାହିଁ କି ପ୍ରଭାବଶାଳୀ ଜନକଲ୍ୟାଣମୂଳକ ଯୋଜନା ଘୋଷଣା କରିପାରିବେ ନାହିଁ। ଯଦି ଏଭଳି ହୁଏ ତେବେ ଆମ ସମ୍ବିଧାନ ଦ୍ୱାରା ଅଖଣ୍ଡ କ୍ଷମତାପ୍ରାପ୍ତ ନିର୍ବାଚନ ଆୟୋଗ ଏହାକୁ ଅସିଦ୍ଧ ଘୋଷଣା କରିପାରିବେ। ଅଥଚ ବିହାର ନିର୍ବାଚନରେ ଏହା ସିଦ୍ଧ ହୋଇଗଲା କେମିତି? ଏହି ପରିପେକ୍ଷୀରେ ୧୯୮୦ ଦଶକରେ କିମ୍ବଦନ୍ତୀ କ୍ରିକେଟ୍ ତାରକା ସୁନିଲ୍ ଗାଭାସ୍କରଙ୍କ ମନ୍ତବ୍ୟର ଉଦ୍ଧୃତି ଅଧିକ ପ୍ରାସଙ୍ଗିକ ହେବ। ସେହି ସମୟରେ ଇଂଲଣ୍ଡରେ ପାକିସ୍ତାନର ତତ୍କାଳୀନ କ୍ୟାପ୍ଟେନ୍ ଇମ୍ରାନ୍ ଖାନ୍‌ଙ୍କୁ ସାମ୍ବାଦିକମାନେ ପ୍ରଶ୍ନ କଲେ- 'ଆପଣ ଭାରତର କେଉଁ ଦୁଇ ଖେଳାଳିଙ୍କୁ ନେଲେ ବିଶ୍ୱବିଜୟୀ ହୋଇପାରିବେ?' ଇମ୍ରାନ୍‌ଙ୍କ ଉତ୍ତର ଥିଲା- 'କପିଳ ଦେବ ଓ ସନ୍ଦୀପ ପାଟିଲ୍।' ସମାନ ପ୍ରଶ୍ନର ଉତ୍ତରରେ ଗାଭାସ୍କାର କହିଥିଲେ- 'ମୁଁ ପାକିସ୍ତାନର ଦୁଇ ଅମ୍ପାୟାରଙ୍କୁ ନେଲେ ବିଶ୍ୱବିଜୟୀ ହୋଇପାରିବି।' ଭାରତରେ ଗତ କିଛିମାସର ନିର୍ବାଚନ ଓ ଫଳାଫଳ ଧାରାକୁ ତର୍ଜମା କଲେ ଅମ୍ପାୟାରମାନଙ୍କର ପ୍ରଚ୍ଛନ୍ନ ଭୂମିକାକୁ ବୁଝିବା ଆହୁରି ପ୍ରାଞ୍ଜଳ ହେବ ଏବଂ ବିହାର ସମେତ ଅନ୍ୟାନ୍ୟ ନିର୍ବାଚନରେ ବ୍ୟାଖ୍ୟାନ-ବାସ୍ତବତା ମଧ୍ୟରେ ଥିବା ପାର୍ଥକ୍ୟର ଚିତ୍ର ଆହୁରି ଅଧିକ ସ୍ପଷ୍ଟ ହେବ। ଏଭଳି ଅମ୍ପାୟାରମାନଙ୍କ ବଶମ୍ବଦତା ଆଧାରିତ ନିର୍ବାଚନ ପରିଚାଳନା ପରମ୍ପରାଟି ଅଧିକ ସୁଦୃଢ଼ ହେଲେ ମ୍ୟାଚ୍ ଶତପ୍ରତିଶତ ଜିତାଯାଇପାରିବ; କିନ୍ତୁ ଦେଶର ଅବସ୍ଥା ପାକିସ୍ତାନ ପରି ହେବାକୁ ବେଶୀ ବିଳମ୍ବ ହେବ ନାହିଁ।

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

# ବଢୁଛି ଆଣ୍ଟିବାୟୋଟିକ୍ ସଙ୍କଟ

**ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ**

ସଂପ୍ରତି ବିଶ୍ୱରେ ଚାଲିଛି ଏକ ଅସାଧାରଣ ମହାସମର। ମହାସମରଟି ପୁଣି କାହା କାହା ଭିତରେ? କିଏ ପକ୍ଷ କିଏ ପ୍ରତିପକ୍ଷ? ପକ୍ଷ ହେଉଛି ବୈଜ୍ଞାନିକମାନେ ଗବେଷଣାଗାରେ ତିଆରି କରି ଚାଲିଥିବା ନୂଆ ନୂଆ ଆଣ୍ଟିବାୟୋଟିକ ଔଷଧ ଏବଂ ପ୍ରତିପକ୍ଷ ହେଉଛନ୍ତି ରୋଗ ସୃଷ୍ଟି କରିଚାଲୁଥିବା ଜୀବାଣୁକୁଳ। କୌଣସି ପକ୍ଷ ହାର ମାନିବା ପାଇଁ ନାରାଜ। ଏହି ସମର ଯୋଗୁଁ ରୋଗୀମାନେ ସନ୍ତୁଳି ହେବାର ସୀମା ନାହିଁ। ଜୀବାଣୁମାନଙ୍କର ଏହି ବିରୋଧୀକୁ ଡାକ୍ତରୀ ଭାଷାରେ କୁହାଯାଉଛି ଆଣ୍ଟିମାଇକ୍ରୋବିଆଲ ରେଜିଷ୍ଟାନ୍ସ। ଆଣ୍ଟିବାୟୋଟିକ କବଳରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ଜୀବାଣୁମାନେ ବଦଳେଇ ଦେଉଛନ୍ତି ନିଜର ଶାରୀରିକ ଗଠନ(ବିଜ୍ଞାନର ଭାଷାରେ ଏଭଳି ରାସାୟନିକ ପରିବର୍ତ୍ତନକୁ ମ୍ୟୁଟେସନ କୁହାଯାଏ)। ବିଶ୍ୱରେ ସ୍ୱାସ୍ଥ୍ୟ ସାମର୍ଥ୍ୟ ଯେଉଁ ହାରରେ ପ୍ରଗତି ହୋଇଚାଲିଛି ତା'ଠାରୁ ଯଥେଷ୍ଟ ବେଶୀ ହାରରେ ପ୍ରସରି ଚାଲିଛି ଜୀବାଣୁ ବା ଅଣୁଜୀବମାନଙ୍କର ବିରୋଧୀ ସଂଗ୍ରାମ। ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ସତର୍କ କରି ଦେଲାଣି ଯେଯେଉଁ ହାରରେ ନୂଆ ନୂଆ ଆଣ୍ଟିବାୟୋଟିକ ଔଷଧ ପ୍ରସ୍ତୁତ ହେଉଛି, ତା' ତୁଳନାରେ ଆଣ୍ଟିବାୟୋଟିକ ବିରୋଧିତାର ହାର ଅଧିକ ଦ୍ରୁତ।

ଆଣ୍ଟିବାୟୋଟିକ ଔଷଧମାନ ବାହାରିବାର ଆଦିକାଳରେ ଡାକ୍ତରମାନେ ହେଣ୍ଡିମାରି, ନିଶ ଫୁଲେଇ କହି ଚାଲିଲେ ଯେ ଅଣୁଜୀବମାନେ ଏବେ ଆମ କବଜାରେ, ଆମେ ବିଜୟୀ। ଜୀବାଣୁ ଜାତି ପରାଜିତ! ଏବେ କିନ୍ତୁ ଦୃଶ୍ୟପଟ୍ଟ ସଂପୂର୍ଣ୍ଣ ଓଲଟା। ଜୀବାଣୁମାନଙ୍କ ଆକ୍ରମଣ ଜାରି ରହିଛି। ରୋଗୀଙ୍କ ଉପରେ ଆଣ୍ଟିବାୟୋଟିକ ଔଷଧ କାଟୁକରୁନି। ବେଖାତିରିଆ ଜୀବାଣୁମାନଙ୍କ ବାହୁସ୍ଫୋଟ ଆଗରେ ମୁଣ୍ଡରେ ହାତଦେଇ ବସିଲେଣି ଚିକିତ୍ସକଗୋଷ୍ଠୀ। ବିଶ୍ୱସ୍ୱାସ୍ଥ୍ୟସଂସ୍ଥାର ଏକ ଅନୁଧ୍ୟାନ କହୁଛି ଯେ ଜୀବାଣୁ ସଂକ୍ରମିତ ପ୍ରତି ଛଅଜଣ ରୋଗୀଙ୍କ ମଧ୍ୟରୁ ଅନ୍ତତଃ ଜଣେ କୌଣସି ଆଣ୍ଟିବାୟୋଟିକ ଔଷଧ ଦ୍ୱାରା ଆରୋଗ୍ୟ ହୋଇପାରିନାହିଁ।

ତେବେ ଏପରି ସଙ୍କଟଜନକ ପରିସ୍ଥିତି ଉପୁଜିବାର କାରଣ କ'ଣ? ଏବଂ କିପରି ଅବା ତାହା କାବୁ କରାଯାଇପାରିବ? ଏହାର ପ୍ରଧାନ କାରଣ ହେଉଛି ଆଣ୍ଟିବାୟୋଟି ଔଷଧଗୁଡ଼ିକରେ ପ୍ରଚୁର ଅପବ୍ୟବହାର ଏବଂ ମାତ୍ରାଧିକ ବ୍ୟବହାର। ଏଥିପାଇଁ ଦାୟୀ ହେଉଛନ୍ତି ସ୍ୱାସ୍ଥ୍ୟସେବା ଦାୟିତ୍ୱରେ ଥିବା ବ୍ୟକ୍ତି ଓ ଜନସାଧାରଣ ଉଭୟେ। ସାଧାରଣ ସର୍ଦ୍ଦି, ଜ୍ୱର, ଫ୍ଲୁ, ଡେଙ୍ଗୁ ଓ ମ୍ୟାଲେରିଆର ଚିକିତ୍ସା କୌଣସି ଆଣ୍ଟିବାୟୋଟିକ ଆବଶ୍ୟକ କରେ ନାହିଁ। ଅଥଚ ଏହି ସବୁ ରୋଗରେ ଆଣ୍ଟିବାୟୋଟି ଔଷଧଗୁଡ଼ିକର ଅନିୟନ୍ତ୍ରିତ ବ୍ୟବହାର ଅବ୍ୟାହତ ରହିଛି। ରୋଗୀମାନେ ଡାକ୍ତରଙ୍କ ସହିତ ପରାମର୍ଶ ନ କରି ଔଷଧ ଦୋକାନରୁ କିଣି ନିର୍ବାଧରେ ଆଣ୍ଟିବାୟୋଟିକ ଔଷଧମାନ ଖାଇ ଚାଲିଛନ୍ତି। ଆପେ ଆପେ ଡାକ୍ତର ହୋଇଯାଇଥିବା ଔଷଧ ଦୋକାନୀମାନେ ମଧ୍ୟ ଡାକ୍ତରଙ୍କ ପ୍ରେସକ୍ରିପସନ ଆବଶ୍ୟକ କରୁନାହାନ୍ତି ଔଷଧ ବିକିବା ପାଇଁ। ସେହିପରି ପୂରା ସମୟ ପାଇଁ ଔଷଧ ନ ଖାଇ ଉପଶମ ମିଳିଗଲା ପରେ ଚିକିତ୍ସାର ଅଧାରୁ ଔଷଧର ବ୍ୟବହାର ବନ୍ଦ କରିଦେବା ଭାରତରେ ଆଣ୍ଟିବାୟୋଟିକ ବିରୋଧୀ ଜୀବାଣୁଗୁଡ଼ିକର ଅବାରିତ ବୃଦ୍ଧି ପାଇଁ ମୁଖ୍ୟତଃ ଦାୟୀ।

ହସପିଟାଲଗୁଡ଼ିକରେ ମଧ୍ୟ ଆଣ୍ଟିବାୟୋଟିକ ପ୍ରତି ବିରୋଧିତା ଥିବା ଜୀବାଣୁମାନେ ହାଉଯାଉ। ତେଣୁ ସଂକ୍ରମଣ ଚିକିତ୍ସା ଉଭା ହୋଇପଡ଼ିଲାଣି ଏକ ଆହ୍ୱାନ ରୂପେ। ଯେଉଁରୋଗମାନ ଅତି ସାଧାରଣ ଆଣ୍ଟିବାୟୋଟିକ ଔଷଧ ପ୍ରୟୋଗ ଦ୍ୱାରା ଅତି ସହଜରେ ଆରୋଗ୍ୟ ହୋଇ ଯାଉଥିଲା, ସେସବୁ ଉଚ୍ଚଶକ୍ତି ସଂପନ୍ନ ଆଣ୍ଟିବାୟୋଟିକ ତଥା ଅତ୍ୟାଧୁନିକ ଆଣ୍ଟିବାୟୋଟିକ ଔଷଧ ଦ୍ୱାରା ଆରୋଗ୍ୟ ହେଉ ନାହିଁ। ଜୀବାଣୁମାନେ ସାଧାରଣ ଆଣ୍ଟିବାୟୋଟିକ ଔଷଧଗୁଡ଼ିକ ପ୍ରତି ବିରୋଧୀ ହୋଇପଡ଼ିବା ଫଳରେ ଡାକ୍ତରମାନେ ବାରମ୍ବାର ଆଣ୍ଟିବାୟୋଟିକ ବଦଳେଇବା ପାଇଁ ବାଧ୍ୟ ହେଉଛନ୍ତି। ଫଳରେ ଜୀବାଣୁଗୁଡ଼ିକୁ ଆଣ୍ଟିବାୟୋଟିକଗୁଡ଼ିକ ପ୍ରତି ବେଶୀ ବେଶୀ ବିରୋଧୀ କରେଇ ଦେବାରେ ସହାୟକ ହେଉଛି।

ତା' ହେଲେ କ'ଣ ଏହାର ପ୍ରତିକାର? ଭାରତର ସମସ୍ୟା ହେଉଛି, ଏଠାରେ ଜନସାଧାରଣଙ୍କ ସଂଖ୍ୟାବୃଦ୍ଧିକୁ ଚାହିଁ ଯଥେଷ୍ଟ ସଂଖ୍ୟକ ହସପିଟାଲ ନାହିଁ। ଆବଶ୍ୟକତା ଅନୁପାତରେ ଚିକିତ୍ସକ ନାହାନ୍ତି। ସୁତରାଂ ଡାକ୍ତର-ରୋଗୀ ଅନୁପାତ ଅସ୍ୱାଭାବିକ ଭାବରେ ଅସନ୍ତୁଳିତ। ହସପିଟାଲର ପରିମଳ ବ୍ୟବସ୍ଥା ବଡ଼ ଅସନ୍ତୋଷଜନକ। ରୋଗୀ ସହିତ କାରବାର କରିବା ପୂର୍ବରୁ ଓ ପରେ ଭଲଭାବରେ ହାତ ଧୋଇବାର ଶୃଙ୍ଖଳାକୁ କଡ଼ାକଡ଼ି ଭାବରେ ପାଳନ ନ କରିବା ଫଳରେ ସଂକ୍ରମଣ ହାର ଦ୍ରୁତ ହେଉଛି। ସ୍ୱାସ୍ଥ୍ୟକର୍ମୀମାନେ ଏଥିପ୍ରତି ସତତ ସଚେତନ ରହିଲେ ଆଣ୍ଟିବାୟୋଟିକ ବିରୋଧିତାକୁ ବହୁଳାଂଶରେ ନିବାରିତ କରାଯାଇପାରିବ। ତା'ଛଡ଼ା ଆଣ୍ଟିବାୟୋଟିକ ବିରୋଧୀ ଜୀବାଣୁମାନଙ୍କ ଦ୍ୱାରା ସଂକ୍ରମିତ ରୋଗୀଙ୍କୁ ପୃଥକୀକରଣ କରାଇ ସ୍ୱତନ୍ତ୍ର ୱାର୍ଡରେ ରଖି ଚିକିତ୍ସା କରିବା ଉପରେ ମଧ୍ୟ ଗୁରୁତ୍ୱ ପ୍ରଦାନ କରାଯିବା ଉଚିତ। ହସପିଟାଲରେ ସଂକ୍ରମଣରେ ପ୍ରସାରକୁ ରୋକିବା ପାଇଁ ରୋଗୀର ଶଯ୍ୟା, ବେଡସିଟ୍, କମ୍ବଳ, ରୋଗୀ ଚିକିତ୍ସାରେ ବ୍ୟବହୃତ ନାନା ଉପକରଣକୁ ଯେତେଦୂର ସମ୍ଭବ ଜୀବାଣୁମୁକ୍ତ ରଖାଯାଇପାରିବ ଆଣ୍ଟିବାୟୋଟିକ ବିରୋଧତାକୁ ସେତେ ପରିମାଣରେ ହ୍ରାସ କରାଯାଇ ପାରିବ। ଏ ସଂପର୍କରେ ଜନସାଧାରଣ, ସ୍ୱାସ୍ଥ୍ୟକର୍ମୀ, ଔଷଧ ଦୋକାନୀ, ରୋଗୀ, ଫାର୍ମାସିଷ୍ଟ, ନର୍ସ ଓ ଡାକ୍ତରମାନେ ସଚେତନ ନ ରହିଲେ ଆଣ୍ଟିବାୟୋଟିକ ବିରୋଧିତା ବିରୁଦ୍ଧରେ ସଂଗ୍ରାମ ଆଦୌ ସଫଳ ହୋଇପାରିବନି।

ସମ୍ପ୍ରତି ଭାରତ ଏ ଦିଗରେ ଅନ୍ତର୍ଜାତୀୟ ସହଯୋଗ ଲୋଡ଼ିବା, ଆଣ୍ଟିବାୟୋଟିକ ପ୍ରସ୍ତୁତି ସଂପର୍କରେ ଗବେଷଣା କରିବା, ନୂତନ ପିଢ଼ିର ଆଣ୍ଟିବାୟୋଟିକ ତିଆରି କରିବା ଇତ୍ୟାଦି ପାଇଁ ଭାରତର ପ୍ରଚେଷ୍ଟା ବେଶ୍ ଉତ୍ସାହଜନକ।। ତେବେ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାର ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବାର ଆବଶ୍ୟକତାକୁ ଅସ୍ୱୀକାର କରାଯାଇ ପାରିବନି କି ଏଥିରେ କୌଣସି ପ୍ରକାରର ଅବହେଳା ଆଦୌ ବାଞ୍ଛନୀୟ ନୁହେଁ। ବେଳହୁଁ କଠୋର ପଦକ୍ଷେପ ଗ୍ରହଣ ନ କଲେ ଆଣ୍ଟିବାୟୋଟିକ ବିରୋଧିତା ଏକ ବିରାଟ ସମସ୍ୟା ରୂପେ ଉଭାହେବ। ଏ କ୍ଷେତ୍ରରେ ଦଣ୍ଡବିଧାନକୁ କଡ଼ାକଡ଼ି କରିବାକୁ ପଡ଼ିବ।

କଟକ, ମୋ: ୯୪୩୭୭୬୬୧୧୭

# ଆମ ବୃକ୍ଷଲତା ଆମ ଜୀବନ

ପ୍ରକୃତି-ପରିବେଶ

## ତୁଳସୀ
Holy Basil-Ocimum tenuiflorum

**ସୌଭାଗ୍ୟସୁନ୍ଦର**

ତୁଳସୀ ଭାରତୀୟ ଉପମହାଦେଶର ମୂଳଜାତ ଉଦ୍ଭିଦ ଏବଂ ସମଗ୍ର ଦକ୍ଷିଣ-ପୂର୍ବ ଏସିଆରେ ବଢ଼ିଥାଏ। ଏହା ଆମେରିକାର ଅନେକ ଉଷ୍ଣମଣ୍ଡଳୀୟ ଅଞ୍ଚଳରେ ମଧ୍ୟ ପ୍ରାକୃତିକୀକରଣ ହୋଇସାରିଛି। ଔଷଧୀ ତଥା ଧାର୍ମିକ ବିଶେଷତ୍ୱ ଦୃଷ୍ଟିରୁ ତୁଳସୀ ସାଧାରଣତଃ ଏକ ବହୁଆଦୃତ ଉଦ୍ଭିଦ। ତୁଳସୀର ଶହେରୁ ଅଧିକ ପ୍ରକାରର ଉପଜାତି ଅଛି। କିନ୍ତୁ ଦୁଇଟି ସାଧାରଣ ଉପଜାତିର ନାମ ହେଉଛି ରାମ ତୁଳସୀ, ଯାହା ଧଳା ଏବଂ ସବୁଜ ଏବଂ ଶ୍ୟାମ ତୁଳସୀ, ଯାହା ଗାଢ଼ ଗୋଲାପୀ-ବାଇଗଣୀ। ତୁଳସୀର ଅନ୍ୟ ଲୋକପ୍ରିୟ ପ୍ରକାର ହେଉଛି କୃଷ୍ଣ ତୁଳସୀ, ବଣ ତୁଳସୀ, କର୍ପୁର ତୁଳସୀ ଇତ୍ୟାଦି।

ଆୟୁର୍ବେଦ ଜଡ଼ିବୁଟିର 'ରାଣୀ' ଭାବରେ ଜଣାଶୁଣା ତୁଳସୀକୁ ସାଧାରଣତଃ ପବିତ୍ରତା, ଭକ୍ତି ଏବଂ ଅନନ୍ତ ଜୀବନର ପ୍ରତୀକ ଭାବରେ ବିବେଚନା କରାଯାଏ। ହିନ୍ଦୁ ପରମ୍ପରାରେ ତୁଳସୀ ଗଛ ଦେବୀ ତୁଳସୀ କିମ୍ବା ବୃନ୍ଦାଙ୍କ ଏକ ଭୌତିକ ଅବତାର, ଯାହାଙ୍କ ଉପସ୍ଥିତି ଆଶୀର୍ବାଦ, ଆଧ୍ୟାତ୍ମିକ ଶକ୍ତି ଓ ସୁରକ୍ଷା ପ୍ରଦାନ କରେ। ତୁଳସୀ ବାତାବରଣକୁ ପବିତ୍ର, ନକାରାତ୍ମକତାକୁ ଦୂର ଏବଂ ଉଭୟ ଶାରୀରିକ ଓ ମାନସିକ ଆରୋଗ୍ୟ ପ୍ରଦାନ କରେ। ଘରେ ଘରେ ପୂଜା ପାଉଥିବା ଉଦ୍ଭିଦ ମଧ୍ୟରେ ତୁଳସୀର ସ୍ଥାନ ସର୍ବାଗ୍ରେ। ଆୟୁର୍ବେଦ ଓ ସିଦ୍ଧ ଚିକିତ୍ସାରେ ବାହ୍ୟ ଓ ଆଭ୍ୟନ୍ତରୀଣ ଶରୀରକୁ ସଫା କରିବା ପାଇଁ ତୁଳସୀ ବ୍ୟବହାର କରାଯାଏ। ଏହା କୋଷ, ଟିସୁଗୁଡ଼ିକର ପ୍ରାକୃତିକ ସୁରକ୍ଷାକାରୀ ଭାବରେ କାର୍ଯ୍ୟ କରେ। ଏହା ବାୟୁ ପ୍ରଦୂଷକ, ଭାରୀ ଧାତୁ, ଶାରୀରିକ ଚାପ, ଇସ୍କେମିଆ (କ୍ଷୁବ୍ଧ ରକ୍ତ ସଞ୍ଚାଳନ), ଥଣ୍ଡା, ଗରମ ଓ ଅତ୍ୟଧିକ ଶବ୍ଦ ଇତ୍ୟାଦି କାରଣ ଦ୍ୱାରା ସୃଷ୍ଟ ଚାପରୁ ରକ୍ଷା କରେ। ଚର୍ମ ସଂକ୍ରମଣ, କ୍ଷତ, ବ୍ରଣ, ଅନ୍ୟାନ୍ୟ ଚର୍ମ ଜ୍ୱଳନ, କାଶ, ଥଣ୍ଡା, ରକ୍ତସ୍ରାବ, ମଧୁମେହ, ଜ୍ୱର ଓ କର୍କଟ ନିବାରଣ ପାଇଁ ଏବଂ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ତୁଳସୀ ଉତ୍ତମ ଘରୋଇ ଉପଚାର।

ଏଥିରେ ଆଣ୍ଟିବ୍ୟାକ୍ଟେରିଆଲ୍, ଆଣ୍ଟିଭାଇରାଲ୍ ବା ଭୂତାଣୁ ରୋଧୀ, ଆଣ୍ଟିଫଙ୍ଗାଲ୍(ପ୍ରଦାହରୋଧୀ) ଓ ଆନାଲ୍ଜେସିକ୍ (ବ୍ୟଥାନାଶକ) ଗୁଣ ରହିଛି। ଏଥିସହିତ ତୁଳସୀ ଗଛରେ ଟ୍ୟାନିନ୍, ଫ୍ଲାଭୋନଏଡ୍ସ, ୟୁଜେନୋଲ୍, ବିଟା-ଏଲିମେନ୍, ଟର୍ପେନ୍ସ, ଜର୍ମାକ୍ରେନ୍, କାରିଓଫାଇଲିନ୍, କାରଭାକ୍ରୋଲ୍, ଲିନାଲୁଲ୍, କର୍ପୁର ଓ ସିନାମିଲ୍ ଆସେଟେଟ୍ ସମେତ ବିଭିନ୍ନ ଫାଇଟୋକେମିକାଲ୍ସ ଆଦି ୬୦ ରୁ ଅଧିକ ବିଭିନ୍ନ ସୁଗନ୍ଧ ଯୁକ୍ତ ଯୌଗିକ ଜୈବ ରାସାୟନିକ ଉପାଦାନ ରହିଛି। ସ୍ୱାଦ ବୃଦ୍ଧି କରିବା ପାଇଁ ଯେକୌଣସି ଉପାଦାନରେ ତୁଳସୀ ପତ୍ର ବ୍ୟବହୃତ ହୁଏ। ତୁଳସୀ ଅତ୍ୟାବଶ୍ୟକୀୟ ତେଲର ଏକ ସାଧାରଣ ଉତ୍ସ, ଯାହା ୦.୨ ରୁ ୫.୨୨% ପର୍ଯ୍ୟନ୍ତ ଏହି ଉପକାରୀ ଉପାଦାନ ପ୍ରଦାନ କରେ। ସୁଗନ୍ଧିତ ଅତ୍ୟାବଶ୍ୟକୀୟ ତେଲ ଏବଂ ପଲିଫେନୋଲଗୁଡ଼ିକ ସ୍ୱାଦ, ସୁଗନ୍ଧ, ପ୍ରସାଧନ ସାମଗ୍ରୀ, ଆରୋମାଥେରାପି ଓ ଔଷଧ ଓ କୀଟନାଶକ ଉତ୍ପାଦନ ଶିଳ୍ପରେ ବ୍ୟବହୃତ ହୁଏ।

ଉତ୍ତର ପ୍ରଦେଶରେ ପବିତ୍ର ତୀର୍ଥକ୍ଷେତ୍ର ବୃନ୍ଦାବନ, ଓଡ଼ିଶାର କେନ୍ଦ୍ରାପଡ଼ା ବଳଦେବଜିଉ ସମେତ ଭାରତର ଅନେକ ଧାର୍ମିକ କ୍ଷେତ୍ରରେ ତୁଳସୀ ମନ୍ଦିରମାନ ଶୋଭା ପାଏ। ପ୍ରାୟତଃ ଏକ ଉତ୍ସର୍ଗୀକୃତ ଚାରିପାଖିଆ ଚଉଁରାରେ ଅଗଣାରେ, ସକାଳୁଆ ସୂର୍ଯ୍ୟ କିରଣ ପହଞ୍ଚ ଯାଗାରେ ସ୍ଥାପନା କରାଯାଏ। ଏହି ଉଦ୍ଭିଦଟି ଭଗବାନ ବିଷ୍ଣୁଙ୍କ ଅବତାର କୃଷ୍ଣ, ଜଗନ୍ନାଥଙ୍କ ପାଇଁ ବିଶେଷ ଭାବରେ ପବିତ୍ର; ବୈଷ୍ଣବ (ବିଷ୍ଣୁଙ୍କ ଭକ୍ତ) ମାନେ ଗଳାରେ ପବିତ୍ର ତୁଳସୀ କାଠ ମଣିର ଏକ ମାଳା ପିନ୍ଧନ୍ତି। କାର୍ତ୍ତିକ ମାସରେ ସନ୍ଧ୍ୟାରେ ଦୀପ ଜାଳିବା ସହିତ ତୁଳସୀ ଗଛ ମୂଳରେ ପୂଜା କରାଯାଏ। ହିନ୍ଦୁ ବିବାହ ଋତୁର ଆରମ୍ଭ ତୁଳସୀ ବିବାହ ନାମରେ ଜଣାଶୁଣା ଏକ ପର୍ବ ଦ୍ୱାରା ହୁଏ, ଯେଉଁଠାରେ ଘର ଓ ମନ୍ଦିରଗୁଡ଼ିକରେ ପବିତ୍ର ତୁଳସୀକୁ ବିଷ୍ଣୁଙ୍କ ସହିତ ବିବାହ କରାଯାଏ। ମୃତକଙ୍କ ଆତ୍ମାକୁ ଶାନ୍ତ କରିବା ପାଇଁ ପ୍ରାୟତଃ ତୁଳସୀ ପତ୍ର ମିଶା ଜଳ ଦିଆଯାଏ ଏବଂ ଶବଦାହରେ ସାଧାରଣତଃ ପବିତ୍ର ତୁଳସୀ ଡାଳ ଲଗାଯାଇଥାଏ, ଯାହା ଦ୍ୱାରା ମୃତକ ମୋକ୍ଷ ପାଇପାରିବେ ବୋଲି ବିଶ୍ୱାସ ରହିଛି।

ଏହା ଆର୍ଦ୍ର, ଭଲ ଜଳ ନିଷ୍କାସନ ହୋଇଥିବା ମାଟିରେ ପୂର୍ଣ୍ଣ ସୂର୍ଯ୍ୟକିରଣ ଲାଭ ଯାଗାରେ ବଢ଼ିବାକୁ ପସନ୍ଦ କରେ। ଏହା ବିଭିନ୍ନ ପ୍ରକାରର ମାଟି ଏବଂ ଅମ୍ଳତା ଅବସ୍ଥାକୁ ସହ୍ୟ କରେ, କିନ୍ତୁ ଜଳବନ୍ଦୀ ମାଟି ବିପରୀତ ପ୍ରଭାବ ପକାଏ। ଜାପାନୀ ପୋକମାନେ ପତ୍ରକୁ କଙ୍କାଳ କରି ନଷ୍ଟ କରିପାରନ୍ତି। ହାତରେ ସେଗୁଡ଼ିକୁ କାଢ଼ି ଅଲଗା କରି ଗଛକୁ ମୁକ୍ତ ରଖିବାକୁ ହେବ। ଏହାକୁ କିଛି ଅଞ୍ଚଳରେ ଏକ ଅନାବନା ତଥା ଆକ୍ରମଣକାରୀ ଜାତୀୟ ଉଦ୍ଭିଦ ଭାବରେ ବିବେଚନା କରାଯାଏ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

# ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧-'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨- ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩-'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪- ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫-ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬-ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭- 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ


ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଅବଶିଷ୍ଟାଂଶ

## ବିରୋଧୀଙ୍କ ହାତରେ...

ସରକାର କହିଛନ୍ତି ଯେ ଶୀତକାଳୀନ ଅଧିବେଶନରେ ଏହା ଉପରେ ଆଲୋଚନା ସଂସଦର ଏଜେଣ୍ଡାରେ ନାହିଁ। ତେବେ ଗୃହ ପରିଚାଳନା କମିଟି ଏହା ଉପରେ କେବଳ ନିଷ୍ପତ୍ତି ନେଇ ପାରିବ। ସର୍ବଦଳୀୟ ବୈଠକ ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି ଯେ ଆଜିର ବୈଠକ ସକରାତ୍ମକ ଓ ଗଠନମୂଳକ ରହିଥିଲା। ୩୬ଟି ଦଳର ୫୦ ଜଣ ନେତା ଏହି ବୈଠକରେ ଉପସ୍ଥିତ ଥିଲେ। ଏସଆଇଆର ଉପରେ ଆଲୋଚନା ପାଇଁ ଅଧିକାଂଶ ବିରୋଧୀ ଦଳ ଦାବି କରିଛନ୍ତି। କିନ୍ତୁ ଏହାକୁ ନେଇ ସଂସଦକୁ ଅଚଳ କରିବା ଲାଗି କୌଣସି ଦଳ କହି ନାହାନ୍ତି। ତେବେ ଏସଂପର୍କରେ କେବଳ ଗୃହ ପରିଚାଳନା କମିଟି ହିଁ ନିଷ୍ପତ୍ତି ନେଇପାରିବ। ସୁରୁଖୁରୁ ଭାବେ ସଂସଦ ଚଳାଇବାରେ ସହଯୋଗ କରିବା ଲାଗି ସମସ୍ତ ଦଳଙ୍କୁ ସେ ଅନୁରୋଧ କରିଛନ୍ତି। ବିରୋଧୀ ଦଳମାନଙ୍କ ସହିତ ଆଲୋଚନା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି। କିନ୍ତୁ କୌଣସି ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ଅସହମତିକୁ ନେଇ ଗୃହ କାର୍ଯ୍ୟରେ ବାଧା ଦେବା ଦେବା ଠିକ୍ ହେବନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ସାଂସଦ ପ୍ରମୋଦ ତିୱାରୀ, ସମାଜବାଦୀ ନତା ରାମ ଗୋପାଳ ଯାଦବ ଏବଂ ସିପିଏମ୍ ସାଂସଦ ଜନ୍ ବ୍ରିଟାସ୍ କହିଲେ ଯେ ପ୍ରାୟ ସମସ୍ତ ବିରୋଧୀ ଦଳ ଏସ୍ଆଇଆର ଉପରେ ଆଲୋନା କରିବାକୁ ଦାବି କରିଛନ୍ତି। ଏସ୍ଆଇଆର ପ୍ରକ୍ରିୟା ସାରିବା ଲାଗି ନିର୍ବାଚନ କମିସନ ସମୟସୀମାକୁ ଆହୁରି ୭ ଦିନ ବୃଦ୍ଧି କରିଛନ୍ତି। ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ଏସଆଇଆରକୁ ନେଇ ସବୁକିଛି ଠିକ୍ ଠାକ୍ ଚାଲିନାହିଁ। ତୃଣମୂଳ କଂଗ୍ରେସ ନେତା କଲ୍ୟାଣ ବାନାର୍ଜୀ ଉଭୟ ସରକାର ଏବଂ ନିର୍ବାଚନ କମିସନଙ୍କର ତୀବ୍ର ସମାଲୋଚନା କରି କହିଛନ୍ତି ଯେ ବୁଥ ସ୍ତରୀୟ ଅଧିକାରୀଙ୍କ ମୃତ୍ୟୁ ଏକ ଉଦବେଗଜନକ ଘଟଣା। ତେଣୁ ସଂସଦରେ ଏହା ଉପରେ ଆଲୋଚନା ହେବା ଜରୁରି। ଭୋଟର ତାଲିକାରେ ନାମ ଯୋଡ଼ିବା ଅପେକ୍ଷା ନାମ କାଟିବାରେ ବ୍ୟସ୍ତ ଅଛନ୍ତି କମିସନ୍। ଏହା ଉପରେ ଆଲୋଚନା କରିବାକୁ ସରକାର କାହିଁକି ଡରୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ସଂସଦରେ ଦିଲ୍ଲୀ ବିସ୍ଫୋରଣ ଏବଂ ଭାରତର ବୈଦେଶିକ ନୀତି ଉପରେ ଆଲୋଚନା କରିବାକୁ ବିରୋଧୀ ନେତାମାନେ ଦାବି କରିଥିବା ଜଣାପଡ଼ିଛି। ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନରେ ସରକାର ୧୪ଟି ବିଲ୍ ଆଗତ କରିବାକୁ ଯୋଜନା କରିଛନ୍ତି। ଏହି ଅଧିବେଶନରେ ମାତ୍ର ୧୫ ଦିନ ବୈଠକ ହେବ।

## ସ୍ୱର ଶାଣିତ...

ସ୍ୱର ଉତ୍ତୋଳନ କରିବ। ରବିବାର ସଂସଦ ଭବନ ପରିସରରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ମଧ୍ୟ ବିଜେଡି ଏହି ପ୍ରସଙ୍ଗ ଉଠାଇଛି। ବିଜେଡି ସାଂସଦ ସସ୍ମିତ ପାତ୍ର କହିଛନ୍ତି ଯେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଅନୁଯାୟୀ ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଥିବା ଅଧିବେଶନରେ ବିଜେଡି ରାଜ୍ୟବାସୀଙ୍କ ଦାବିକୁ ଉତ୍ଥାପନ କରିବ। ଦରଦାମ ବୃଦ୍ଧି, ବେକାରୀ, ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦାବି, ମହିଳା ଓ ଶିଶୁଙ୍କ ବିରୋଧରେ ବଢୁଥିବା ଅପରାଧ, ଆଇନ ଶୃଙ୍ଖଳା ପରିସ୍ଥିତି ଏବଂ ପୁଲିସ ନିଯୁକ୍ତି ଦୁର୍ନୀତି ଭଳି ପ୍ରସଙ୍ଗ ରହିଛି। ସେହିପରି ମହାନଦୀ ଏବଂ ପୋଲାଭରମ ଭଳି ସମସ୍ୟାର ଏଯାବତ୍ ସମାଧାନ ହୋଇପାରି ନାହିଁ। ଏତଦ୍ ବ୍ୟତୀତ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମଏସପି)କୁ ଦୁଇଗୁଣା କରିବା, କୋଇଲା ଓ ସବୁଜ କର ବୃଦ୍ଧି, ରାଜ୍ୟରେ ୩ଟି ସ୍ଥାନ ଯଥା ସମ୍ବଲପୁର, ବାଲେଶ୍ୱର ଓ କୋରାପୁଟରେ ନୂଆ ଏମ୍ସ ହସ୍ପିଟାଲ ପ୍ରତିଷ୍ଠା ପାଇଁ ବିଜେଡି ଦୃଢ଼ ଭାବେ ଦାବି ରଖିବ। ପୁନଶ୍ଚ ୧୩୯ ସମ୍ପ୍ରଦାୟଙ୍କୁ ଏସ୍‌ଟି ତାଲିକାରେ ସାମିଲ, ହୋ, ମୁଣ୍ଡା, ଭୂମିଜ ଓ ସୌରା ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ, କେନ୍ଦୁପତ୍ର ଉପରୁ ସମ୍ପୂର୍ଣ୍ଣ ଜିଏସଟି ଛାଡ଼, ରେଳ ଏବଂ ମୋବାଇଲ ସଂଯୋଗୀକରଣ ବୃଦ୍ଧି ଏବଂ ଉପକୂଳ ଜାତୀୟ ରାଜପଥ ଓ ଉପକୂଳ ରାଜପଥର ଉନ୍ନତି ଆଦି ଦାବିକୁ ବିଜେଡି ପ୍ରାଧାନ୍ୟ ଦେବ ବୋଲି ଡ. ପାତ୍ର କହିଛନ୍ତି। ଗତ ୨୦୨୪ ଲୋକସଭା ଏବଂ ବିଧାନସଭା ନିର୍ବାଚନକୁ ନେଇ ବିଜୁ ଜନତା ଦଳ ଦ୍ୱାରା ବାରମ୍ବାର କରାଯାଇଥିବା ଦାବି ଉପରେ ଭାରତର ନିର୍ବାଚନ କମିଶନଙ୍କ ନିରବତା ଉପରେ ଆଲୋଚନା ହେବା ଆବଶ୍ୟକ। ୨୦୨୪ ଲୋକସଭା ଏବଂ ବିଧାନସଭା ନିର୍ବାଚନରେ ମତଦାନରେ ବ୍ୟାପକ ବ୍ୟବଧାନ କାହିଁକି ଘଟିଲା, ମତଦାନ ପ୍ରକ୍ରିୟା ପାଇଁ ଦିନ ଶେଷ ହେବା ପରେ ମଧ୍ୟ ମତଦାନରେ ତୀବ୍ର ବୃଦ୍ଧି କିପରି ଦେଖାଦେଲା, ତାହା ସ୍ପଷ୍ଟ ହୋଇପାରିବ। ଆମେ ଅନେକ ଥର ଏନେଇ ନିର୍ବାଚନ କମିଶନଙ୍କ ନିକଟରେ ଫେରାଦ ହୋଇଛୁ। ଏପରିକି ନୂଆପଡ଼ା ଉପ ନିର୍ବାଚନରେ ମଧ୍ୟ ମତଦାନ ପ୍ରକ୍ରିୟା ସମୟରେ ବଡ଼ ଧରଣର ଅନିୟମିତତା ଘଟିଛି ବୋଲି ସେ କହିଛନ୍ତି।

## ଆଡ଼ବାୟା ପ୍ରଶାସନ...

କୁକୁରଙ୍କୁ ନେଇ ସୁପ୍ରିମକୋର୍ଟ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ଏହି ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବା ନିମନ୍ତେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ କିଛି ନିଷ୍ପତ୍ତି ନିଆଯାଇଥିଲା। ଏହାମଧ୍ୟରେ ସବୁ ଅଙ୍ଗନବାଡ଼ି କେନ୍ଦ୍ର ଚାରିପଟେ ପାଚେରୀ ନିର୍ମାଣ ଓ ଫାଟକ ଲଗାଇବା ପାଇଁ ମଧ୍ୟ ନିଷ୍ପତ୍ତି ହୋଇଥିଲା। ଏହା ସହ କୁକୁର କାମୁଡ଼ିଲେ ପ୍ରାଥମିକ ଚିକିତ୍ସା ସଂକ୍ରାନ୍ତ ସଚେତନତା କାର୍ଯ୍ୟକ୍ରମ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ନିର୍ଦ୍ଦେଶନାମାକୁ ଗୁରୁତର ସହ ନେଇ କାର୍ଯ୍ୟକାରୀ କରିବାକୁ ଜିଲ୍ଲାପାଳମାନଙ୍କୁ ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶ ଦେଇଛି।

କୌତୂହଳର ବିଷୟ ହେଉଛି ଗତ ୨୯ ତାରିଖରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବିଧାନସଭାରେ ଏନେଇ ଏକ ତଥ୍ୟ ରଖିଥିଲେ। ରାଜ୍ୟରେ ସମୁଦାୟ ୭୪୨୨୪ ଗୋଟି ଅଙ୍ଗନୱାଡି କେନ୍ଦ୍ର ଥିବାବେଳେ ୨୦୧୫୦ ଗୋଟି ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ୪୫୭୪ଟି ଅଙ୍ଗନବାଡି ସ୍କୁଲ ଘରେ ଚାଲୁଥିବା ବେଳେ ୧୦୪୬୯ଟି ଅଙ୍ଗନବାଡି କମ୍ୟୁନିଟି ସେଣ୍ଟରରେ ଚାଲୁଛି। ୩୮୯୦ଟି ଅଙ୍ଗନବାଡି ଭଡ଼ାଘରେ ଚାଲୁଛି। ଏପରିସ୍ଥଳେ ମୁଖ୍ୟ ସଚିବ ଫାଟକ ଓ ପାଚେରୀ ସଂକ୍ରାନ୍ତ ନିର୍ଦ୍ଦେଶ ଯେ ବାସ୍ତବିକ ଭାବେ କ୍ଷେତ୍ରସ୍ତରରେ କାର୍ଯ୍ୟକାରୀ ହୋଇପାରିବ, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଆଜି ଦୌଡ଼ିବ...

ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ। ପୂର୍ବରୁ ଜିଲ୍ଲାସ୍ତରରେ ଅନୁଷ୍ଠିତ ଉଭୟ ବରିଷ୍ଠ ଓ କନିଷ୍ଠ ବର୍ଗ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପ୍ରତ୍ୟେକ ଜିଲ୍ଲାରୁ ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀଙ୍କୁ ନେଇ ଭୁବନେଶ୍ୱରରେ ଅନୁଷ୍ଠିତ ହେବ ରାଜ୍ୟସ୍ତରୀୟ ବିତର୍କ ପ୍ରତିଯୋଗିତା। ସ୍ଥାନୀୟ ଗୀତଗୋବିନ୍ଦ ସଦନରେ ସକାଳ ୧୦ଟାରୁ ଏହି ପ୍ରତିଯୋଗିତା ଆରମ୍ଭ ହେବ। ଶେଷରେ ବିତର୍କରେ ଶ୍ରେଷ୍ଠ ବିବେଚିତ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବ।


ADMISSION NOTICE-2025-26
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
*Campus:*
262, Puranpadhan, Balakati, Bhubaneswar
Mob. 7019799641, 7978608747
9853801459
Email: mdscnbbsr@gmail.com
- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL


### ନୋଟିସ୍

ବାରିପଦା ଏକ୍ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ତାରିଖ ୨୮.୧୧.୨୦୨୫ରେ ଶପଥ ଗ୍ରହଣ କରାଯାଇଥିବା ଏକ ସତ୍ୟପାଠ (ସମୀକ୍ଷା ପତ୍ର) ମୁଁ, ସୁଶାନ୍ତି ମାଣ୍ଡି, ଠିକଣା - ଜନାର୍ଦ୍ଦନପୁର, ୱାର୍ଡ ନମ୍ବର- ୨୨, ପୋଷ୍ଟ - କଇଁଫୁଲିଆ, ଥାନା- ଭଞ୍ଜପୁର, ଜିଲ୍ଲା- ମୟୂରଭଞ୍ଜ, ପିନ୍ - ୭୫୭୧୦୭, ଓଡ଼ିଶା, ଘୋଷଣା କରୁଛି ଯେ, ମୁଁ ମୋର ନାମ ସୁଶାନ୍ତି ମାରାଣ୍ଡିରୁ ସୁଶାନ୍ତି ମାଣ୍ଡିକୁ ପରିବର୍ତ୍ତନ କରିଛି। ବର୍ତ୍ତମାନ ଠାରୁ, ମୁଁ ସମସ୍ତ ଉଦ୍ଦେଶ୍ୟରେ ସୁଶାନ୍ତି ମାଣ୍ଡି ଭାବରେ ପରିଚିତ ହେବି।

ସୁଶାନ୍ତି ମାଣ୍ଡି

### AFFIDAVIT

By virtue of an affidavit sworn before executive Magistrate Dhamnagar, dated 24/11/2025. I,Firdous Quadri Address At-Mustafapur, PO-Dobal, PS-Dhamnagar, Dist-Bhadrak, PIN-756117,State-Odisha declare that I have changed my name from Firdosh Kadri to Firdous Quadri. Henceforth, I shall be known as Firdous Quadri for all purposes.

(Firdous Quadri)

### AFFIDAVIT

I, Sheikh Ajam Uddin, S/o-Sheikh Najim Uddin, resident of At- Panasapada, P.O - Mohiuddinpur, P.S/Dist-Jagatsinghpur, Pin-754103, Odisha declare by this affidavit No. C.N-24 -15/11/2025 that now onwards I shall be known as Sheikh Azam Uddin for all future purposes.

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION,DEOGARH.**
E-mail:- eerw_deogarh@yahoo.co.in

O-1607

**1ST Corrigendum to TCN No.SERWDGH-Online- 08 of 2025-26 dtd.17.11.2025**

In partial modification to this office Tender Call Notice No.08/2025-26 invited this office letter no.3692 dtd.17.11.2025, the date & time of availability of tender on online for bidding and date & time of opening of tender have been re-scheduled as follows.

(1) Period and time of availability of the bid documents dated 30.11.2025 to 09.12.2025 up to 5.00 PM instead of dated 21.11.2025 11.00 A.M to 28.11.2025 up to 5.00 PM.

(2) Date and time of Opening of tender on dated 11.12.2025 at 11.00 AM instead of 29.11.2025 at 11.00 AM

N.B- Other term & conditions of the TCN are remain unchanged.

Superintending Engineer
R.W. Division, Deogarh

OIPR-25087/11/0022/2526


'ସକାଳ' ଖବରକାଗଜର ୫ମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଶୁଭେଚ୍ଛା ଓ ଶୁଭକାମନା

ଶୁଭେଚ୍ଛା ସହ :-

ନିୟନ୍ତ୍ରିତ ବଜାର କମିଟି, ଜଗତସିଂହପୁର

| ସ୍ୱା/- | ସ୍ୱା/- | ସ୍ୱା/- |
|---|---|---|
| ସମ୍ପାଦକ, | ଉପାଧ୍ୟକ୍ଷ, | ଉପଜିଲ୍ଲାପାଳ-ତଥା-ଅଧ୍ୟକ୍ଷ |
| ନିୟନ୍ତ୍ରିତ ବଜାର କମିଟି, ଜଗତସିଂହପୁର | ନିୟନ୍ତ୍ରିତ ବଜାର କମିଟି, ଜଗତସିଂହପୁର | ନିୟନ୍ତ୍ରିତ ବଜାର କମିଟି, ଜଗତସିଂହପୁର |

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ., ଖୋର୍ଦ୍ଧା
Regn. No. 95 PU Dt. 22.03.1912, RBI Licence No. RPCD/BBSR/15/2011-12, Dt. 02.02.2012
Ph.: 06755-220209/220203, Email id: khordhaccbank@gmail.com, ceo@khordhaccbank.com

ବ୍ୟାଙ୍କରେ ଉପଲବ୍ଧ ସୁବିଧା ଓ ସୁଯୋଗ

[illegible]

୧୨. IMPS, NEFT, RTGS, AEPS, PoS, CTS, Clearing ATM ଓ RuPay ... Micro ATM ...
୧୩. Safe Deposit Locker ...
୧୪. ... (MSP) ...
୧୫. ... (Fixed Deposit) ... (Saving Deposit) ... (DICGC) ...

ଅଧିକ ବିବରଣୀ ନିମନ୍ତେ ନିକଟସ୍ଥ ଶାଖା / ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

100+ AI Tools

Scan to Master the Future of Technologies

ODISHA KNOWLEDGE CORPORATION LIMITED
Contact 0674-3520021 OR send 'Hi' to 7735552044 to know more about OS-CIT

Sivananda Centenary Boys' School
Chidanandavihar, Khandagiri, Bhubaneswar-30
Odisha's Best CBSE Residential School with a Spiritual Atmosphere




- Modern Science & Computer Labs
- Well-equipped Library & Robotic Room
- Dedicated Yoga Hall for Mind & Body Wellness
- Playground spanned over 5 Acres of in house land for All-round Development

Sivananda Centenary Boys' School
Chidanandavihar, Khandagiri, Bhubaneswar-30
For Admission Session 2026-27
Contact: 91244 93507 | 82491 47219 | 93480 66330 | 70083 70269




AM/NS INDIA
ArcelorMittal Nippon Steel India
REIMAGINEERING AVIATION
#RE/MAGINEERING BHARAT
SMARTER STEELS BRIGHTER FUTURES



## କ୍ରୀଡ଼ା ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା

ଜଗତସିଂହପୁର,୩୦।୧୧(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ମୁଦୁପୁର ପଞ୍ଚାୟତର ସିଦ୍ଧଳ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶାରୀରିକ କ୍ରୀଡ଼ା ଶିକ୍ଷକ ତଥା ପୂର୍ବତନ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ଦାସଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରାକେଶ କୁମାର ପତିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ ସମ୍ବର୍ଦ୍ଧନା ସଭାକୁ ଉଦଘାଟନ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ବ୍ରହ୍ମମୟୀ ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ବିଦ୍ୟାଳୟର ପୁରାତନ ଛାତ୍ର ସ୍ନାୟୁରୋଗ ବିଶେଷଜ୍ଞ ଡାକ୍ତର ଦୀପକ କୁମାର ପରିଡା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶାରୀରିକ ଶିକ୍ଷା ପରିଦର୍ଶକ ଜୟନ୍ତ କୁମାର ରାୟ, ବିରିଡି ବ୍ଲକ ମଣ୍ଡଳ ଶିକ୍ଷା ଅଧିକାରୀ ମିହିର କୁମାର ପାଲ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସେବାନିବୃତ୍ତ ପୂର୍ବତନ ପ୍ରଧାନ ଶିକ୍ଷକ ହେମନ୍ତ କୁମାର ରାୟ, ନେତ୍ରାନନ୍ଦ ସ୍ୱାଇଁ, ଇନ୍ଦ୍ରମଣି ସାହୁ, ନିରଞ୍ଜନ ମହାପାତ୍ର, ପ୍ରଦୀପ୍ତ କିଶୋର ଦାସ, ବିଷ୍ଣୁଚନ୍ଦ୍ର ପୁହାଣ, ପର୍ଶୁରାମ ନାୟକ ଏବଂ ବୃନ୍ଦାବନ ପଣ୍ଡା ପ୍ରମୁଖଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ଅନୁଷ୍ଠାନ, ପୂର୍ବତନ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପକ୍ଷରୁ ଛାତ୍ରବତ୍ସଳ ସେବାନିବୃତ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଶିକ୍ଷକ ଶିଶିର କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏ ସମସ୍ତ କାର୍ଯ୍ୟକ୍ରମକୁ ରୁଦ୍ରପ୍ରସନ୍ନ ପତି, ଅନିଲ କୁମାର ଦାଶ, ସୁଦର୍ଶନ ଷଡଙ୍ଗୀ, ପଞ୍ଚସଖା ଶିକ୍ଷାସେତୁ ସଭାପତି ସାମ୍ବାଦିକ ଜ୍ୟୋତିରଞ୍ଜନ ପରିଡ଼ା, ପରିଚାଳନା କମିଟି ସଭାପତି ନରେନ୍ଦ୍ର ଚାନ୍ଦ, ମୁଧୁସ୍ମିତା ଦାସ, ରାଜଶ୍ରୀ ଭୋଇ, ପରମେଶ ପ୍ରସାଦ ପଣ୍ଡା, ସୁଶ୍ରୀ ସ୍ୱାଗତିକା ଏବଂ ମନସ୍ୱିନୀ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

## ଶିକ୍ଷାବିତ ଗଙ୍ଗାଧର ଦାଶଙ୍କ ସ୍ମୃତିସଭା

ଜଗତସିଂହପୁର,୩୦।୧୧(ସମିସ): ଜଗତସିଂହପୁର ଜିଲ୍ଲାର ବିଶିଷ୍ଟ ଶିକ୍ଷାବିତ ତଥା ପୁରୁଣାଗଡ଼ସ୍ଥିତ ପ୍ରଫୁଲ୍ଲ ପାଠାଗାରର ମୁଖ୍ୟ ପୃଷ୍ଠପୋଷକ ଗଙ୍ଗାଧର ଦାଶଙ୍କ ପ୍ରଥମ ସ୍ମୃତି ପାଠାଗାର ପରିସରରେ ପାଳିତ ହୋଇଯାଇଛି। ପାଠାଗାରର ସଭାପତି ରବୀନ୍ଦ୍ରନାଥ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ସାରସ୍ୱତ ପରିଷଦର ଅଧ୍ୟକ୍ଷ ହିମାଂଶୁ ଶେଖର ଆଚାର୍ଯ୍ୟ, ବିଜୟ କୁମାର ପତି, ବଂଶୀଧର ଆଚାର୍ଯ୍ୟ, ଘନଶ୍ୟାମ କାନୁନଗୋ, ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସତ୍ୟବାଦୀ ଦାସ, ରାମଚନ୍ଦ୍ର ଆଚାର୍ଯ୍ୟ, ରମାକାନ୍ତ ସାମନ୍ତରାୟ, ନିମାଇଁ ତ୍ରିପାଠୀ ସଞ୍ଜୟ କୁମାର ସାମନ୍ତ ସିଂହାର ପ୍ରମୁଖ ଏହି ସ୍ମୃତିଚାରଣ ସଭାରେ ଉପସ୍ଥିତ ଥିଲେ। ଏଥି ସହିତ ପୁରାତନ ଛାତ୍ର ବିଭୁତି ଭୂଷଣ ଲେଙ୍କା, ବଂଶୀଧର ବେହେରା ଓ ଅନ୍ୟମାନେ ତାଙ୍କ ପାଠ ପଢ଼ା ସମୟର ଅନୁଭୂତି ସମ୍ପର୍କରେ ବିଷଦ ଭାବେ ବଖାଣିଥିଲେ। ଅଜୟ କୁମାର ପତି ଧନ୍ୟବାଦ ଅର୍ପଣ କରିଥିଲେ।

## ତରିକୁନ୍ଦ ହାଇସ୍କୁଲର ପୁରାତନ ଛାତ୍ରଙ୍କ ବୈଠକ

ରଘୁନାଥପୁର,୩୦।୧୧(ସମିସ): ରଘୁନାଥପୁର ବ୍ଲକ ତରିକୁନ୍ଦ ହାଇସ୍କୁଲର ୧୯୭୯ ବ୍ୟାଚ୍ ପୁରାତନ ଛାତ୍ରମାନଙ୍କ ପଞ୍ଚଦଶତମ ବୈଠକ ବିରିଡି ବ୍ଲକ୍ ବାଲିଆସ୍ଥିତ ମା' ଭଗବତୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଷ୍ଟ୍ରେଲିଆରେ ଥିବା ଅନୁଷ୍ଠାନର ପୁରାତନ ଛାତ୍ର ଶ୍ରୀମନ୍ତ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ତଥା ସାଦେଇପୁର ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ମହାରଣା, ଅଳକା ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ନୃସିଂହ ଚରଣ ପ୍ରଧାନ ଓ ନନ୍ଦକିଶୋର ହୋତା ଅତିଥି ଭାବେ ଯୋଗଦେଇଥିଲେ। ଏହି ବ୍ୟାଚ୍‌ର ଦିବଂଗତ ଛାତ୍ର ପୂର୍ଣ୍ଣଚନ୍ଦ୍ର ଆଚାର୍ଯ୍ୟ, ମୁରଲୀଧର ବେହେରା, ଲକ୍ଷ୍ମୀକାନ୍ତ ମହାନ୍ତି, ମାନସ କୁମାର ମହାନ୍ତି, ବିଭୂତି ଭୂଷଣ ସ୍ୱାଇଁ, ଦୁର୍ଗା ପ୍ରସାଦ ମିଶ୍ର, ବିଜୟ କୁମାର ବେହେରା, ରମାକାନ୍ତ ଭୋଇ, ରାଜକିଶୋର ସାହୁ, ଶିବଲାଭ ସାହୁ, ସୁଦର୍ଶନ ଆଚାର୍ଯ୍ୟ, ରଘୁନାଥ ଲେଙ୍କା, ଶେଖ ଅକ୍ତାର ଅଲ୍ଲୀଙ୍କ ସହ ପୂର୍ବତନ ପ୍ରଧାନ ଶିକ୍ଷକ ସୋମନାଥ ମିଶ୍ରଙ୍କ ଉଦ୍ଦେଶ୍ୟରେ ଏକ ନୀରବ ପ୍ରାର୍ଥନା କରାଯାଇଥିଲା। ପୁରାତନ ଛାତ୍ରଛାତ୍ରୀ ନିଜ ନିଜ ମଧ୍ୟରେ ଭାବର ଆଦାନ ପ୍ରଦାନ କରିଥିଲେ।

## ପୂର୍ଣ୍ଣ ଅନୁଦାନପ୍ରାପ୍ତ ଉଚ୍ଚବିଦ୍ୟାଳୟ ସଂଘ ଗଠିତ


ଏରସମା,୩୦।୧୧(ସମିସ): ଗୋରେଖନାଥ ପୀଠରେ ୨୦୨୫ରେ ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ଉଚ୍ଚବିଦ୍ୟାଳୟରେ ନିଯୁକ୍ତି ପାଇଥିବା ଶିକ୍ଷକମାନଙ୍କର ଏକ ସଂଘ ଗଠନ କରାଯାଇଛି। ଏଥିରେ ସଭାପତି ଭାବରେ ସତ୍ୟବ୍ରତ ତରାଇ (ଜଗା ସାର), ସଂପାଦକ ଭାଗରେ ମିଳନ୍ ଖଟୁଆ, ଉପସଭାପତି ଭାବରେ ଲାଲୁ ପ୍ରସାଦ ସ୍ୱାଇଁ ଏବଂ ମଳୟ ଦେବଦତ୍ତଙ୍କୁ କୋଷାଧ୍ୟକ୍ଷ ଭାବରେ ମନୋନୀତ କରାଯାଇଥିଲା। ପୂର୍ଣ୍ଣ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟରେ ସରକାରୀ ବିଦ୍ୟାଳୟ ପରି ସମସ୍ତ ସୁବିଧା ଯୋଗାଇଦେବା ପାଇଁ ସରକାରଙ୍କ ପାଖରେ ଦାବି କରିବେ ବୋଲି ନବନିଯୁକ୍ତ ସଭାପତି ସତ୍ୟବ୍ରତ ତରାଇ ନିଜର ମତ ଦେଇଥିଲେ।

## ଜିଲ୍ଲା କଂଗ୍ରେସର ସାଙ୍ଗଠନିକ ବୈଠକ

ଜଗତସିଂହପୁର,୩୦।୧୧(ସମିସ): ଟାଉନ ହଲ୍‌ସ୍ଥିତ ଜଗତସିଂହପୁର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ବ୍ଲକ ଓ ନଗର ସଭାପତି ତଥା ପୂର୍ବତନ ବିଧାୟକ ମାନଙ୍କୁ ନେଇ ଜିଲ୍ଲା କଂଗ୍ରେସର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ଦେବପ୍ରସାଦ ନାୟକଙ୍କ ଅଧ୍ୟକ୍ଷତା ଏବଂ ପିସିସି ଉପସଭାପତି ଲଲାଟେନ୍ଦୁ ମହାପାତ୍ରଙ୍କ ଉପସ୍ଥିତିରେ କଂଗ୍ରେସର ଭବିଷ୍ୟତ କାର୍ଯ୍ୟପନ୍ଥା ନିମନ୍ତେ ଏଥିରେ ଆଲୋଚନା କରାଯାଇଥିଲା। ଆସନ୍ତା ଡିସେମ୍ବର ୧୪ ତାରିଖରେ ଦିଲ୍ଲୀ ରାମଲୀଳା ମୈଦାନ ଏଆଇସିସି କାର୍ଯ୍ୟକ୍ରମରେ କିପରି ଜିଲ୍ଲାର ଅଧିକରୁ ଅଧିକ କଂଗ୍ରେସ କର୍ମୀ ଯୋଗଦେବେ, ଭାରତୀୟ ଜାତୀୟ କଂଗ୍ରେସ ତରଫରୁ ଚାଲିଥିବା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଜିଲ୍ଲାରୁ କିପରି ବହୁ ସଂଖ୍ୟାରେ କଂଗ୍ରେସ କର୍ମୀ ଅଂଶଗ୍ରହଣ କରିବେ ସେ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସେହିପରି ଆସନ୍ତା ଡିସେମ୍ବର ୭ ତାରିଖରେ ଯୋଗଧାରୀ ଠାରେ ସକାଳ ୧୦ ଘଟିକାରେ ଜଗତସିଂହପୁର ଜିଲ୍ଲା କଂଗ୍ରେସର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଏବଂ ଚାରି ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତା ଯୋଗଦେଇ କାର୍ଯ୍ୟକ୍ରମ ସଫଳ କରିବା ପାଇଁ ଜିଲ୍ଲା କଂଗ୍ରେସ କମିଟି ସଭାପତି ଦେବ ପ୍ରସାଦ ନାୟକ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ ଦାସ, ପ୍ରିୟବ୍ରତ ମିଶ୍ର, ନିହାର ଦାସ, ପୂର୍ବତନ ନଗର ସଭାପତି କେଦାର ବିଶ୍ୱାଳ, ପୂର୍ବତନ ଉପସଭାପତି ଧନଞ୍ଜୟ ସୂତାର, ଆର୍ତ୍ତତ୍ରାଣ ପଣ୍ଡା, ଅଶ୍ୱିନୀ ସ୍ୱାଇଁ, ସ୍ୱରୂପ କାନୁନଗୋ, ପ୍ରଦିପ୍ତ ଶତପଥୀ, ଉଦୟ ଭୂୟାଁ ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିଲେ।

## ଏରସମା ବ୍ଲକ୍ ଠିକାଦାର ସଂଘ ବୈଠକ


ଏରସମା,୩୦।୧୧(ସମିସ): ଏରସମା ବ୍ଲକ ଠିକାଦାର ସଂଘ ବୈଠକ ଏରସମା ଜଳସମ୍ପଦ ଡାକ ବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ଲକର ସମସ୍ତ ଠିକାଦାର ଯୋଗ ଦେଇଥିଲେ। ବରିଷ୍ଠ ରାଜନେତା ଓ ଠିକାଦାର ପୀତବାସ ଗୋଛାୟତଙ୍କ ସଭାପତିତ୍ୱରେ ଦୀନବନ୍ଧୁ ନାୟକ ସଭାପତି, ପାର୍ଥସାରଥୀ ରାଉତ ସମ୍ପାଦକ, ଗୌତମ୍ ଦାସ କୋଷାଧ୍ୟକ୍ଷ ରୂପେ ସର୍ବସମ୍ମତି ରୂପେ ଚୟନ ହୋଇଥିଲେ। ଉପଦେଷ୍ଟା ରୂପେ ମହେନ୍ଦ୍ର ସେନାପତି, ସୁଶୀଲ ମଲ୍ଲିକ, ନୃସିଂହ ସାହୁ, ସମୀର ସେଠୀଙ୍କୁ ଚୟନ କରାଯାଇଥିଲା। କର୍ମକର୍ତ୍ତା ଚୟନ ବେଳେ କୁଜଙ୍ଗ ବ୍ଲକ୍ ସଭାପତି ବିକ୍ରମ ନାୟକ, ତିର୍ତ୍ତୋଲ ବ୍ଲକ ସଭାପତି ପତିତପାବନ ହୋତା ଉପସ୍ଥିତ ଥିବା ବେଳେ ରଞ୍ଜନ ଜେନା, ନଗେନ୍ଦ୍ର ତରାଇ, ଦେବେନ୍ଦ୍ର ବିଶ୍ୱାଳ, ପ୍ରମୋଦ ସାହୁ, ବିଜୟ ପାଳ, ରାଜେନ୍ଦ୍ର ନାୟକ, ନିରଞ୍ଜନ ବିଶ୍ୱାଳ ପ୍ରମୁଖ ପଚାଶରୁ ଅଧିକ ଠିକାଦାରମାନେ ଉପସ୍ଥିତ ଥିଲେ।






























Rungta Office, Nagar Parishad Complex, Chaibasa, Jharkhand-833201



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୯.୯୫ • ପାଉଣ୍ଡ ୧୧୮.୮୭
- ୟୁରୋ ୧୦୩.୧୮ • ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୯,୦୦୦ (ନୂଆଦିଲ୍ଲୀ)
- ରୁପା : ୧,୮୫,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୮୫,୭୦୬.୦୦
- ନିଫ୍ଟି ୨୬,୨୦୨.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ମଣିଷର ଭବିଷ୍ୟତକୁ ଚୂରମାର କରିଦେବ ଏଆଇ

**ଓ୍ୱାଶିଂଟନ୍, ୩୦।୧୧(ଏଜେନ୍ସି):** ଶେଷରେ ସତ ହେବାକୁ ଯାଉଛି ବୈଜ୍ଞାନିକଙ୍କ ଭବିଷ୍ୟବାଣୀ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ମଣିଷ ସମାଜ ପାଇଁବଡ଼ ବିପଦ। ମଣିଷକୁ ନିଜ ଆୟତ୍ତରେ ରଖି ଆଙ୍ଗୁଳିରେ ନଚାଇବ ଏଆଇ। ଦିନେ ଏଆଇକୁ ନେଇ ଗଡଫାଦର ଦେଇଥିବା ଚେତାବନୀ ଏବେ ସତ ହେବାକୁ ଯାଉଛି। ଏଆଇ ମାନବତାର ଭବିଷ୍ୟତକୁ ଚୁରମାର କରିଦେବ। ଏପରି ଅଭିଯୋଗ ଆଣିଛନ୍ତି ବିଶ୍ୱର ପ୍ରମୁଖ ଟେକ୍ କମ୍ପାନୀ ଆମାଜନ୍‌ର ହଜାର ହଜାର କର୍ମଚାରୀ। ଆମାଜନ୍ କର୍ମଚାରୀ ମିଳିତ ଭାବରେ ସିଇଓ ଆଣ୍ଡି ଜାସିଙ୍କୁ ଖୋଲା ଚିଠି ଲେଖିଛନ୍ତି। ଏମାନେ ହେଉଛନ୍ତି ସେହି କର୍ମଚାରୀ ଯିଏ ପ୍ରତିଦିନ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ସିଷ୍ଟମକୁ ପରିଚାଳନା କରନ୍ତି। କିନ୍ତୁ କର୍ମଚାରୀମାନେ ଏଆଇ ବିରୁଦ୍ଧରେ ସ୍ୱର ଉଠାଇଛନ୍ତି। ଯାହାକୁ ନେଇ ଟେକ୍ ଶିଳ୍ପରେ ହଇଚଇ।

> **ଆମାଜନ ସିଇଓଙ୍କୁ ଚିଠି ଲେଖି ଚେତାବନୀ ଦେଲେ ହଜାର ହଜାର କର୍ମଚାରୀ**

ସିଇଓ ଆଣ୍ଡି ଜାସିଙ୍କୁ ଏହି ଖୋଲା ଚିଠିରେ, ଆମାଜନ୍ କର୍ମଚାରୀମାନେ ଲେଖିଛନ୍ତି ଯେ ଏଆଇ ଯେଉଁ ଗତିରେ ଆଗକୁ ବଢୁଛି ତାହା କେବଳ ମେସିନକୁ ନୁହେଁ ବରଂ ମାନବତାର ଭବିଷ୍ୟତକୁ ମଧ୍ୟ ଚୁରମାର କରିପାରେ। ସେମାନେ କହିଛନ୍ତି ଯେ ଯଦି ଏହି ଅନିୟନ୍ତ୍ରିତ ଏଆଇ ରେସକୁ ଏବେ ବନ୍ଦ କରା ନ ଯାଏ, ତେବେ ପରିଣାମ ଅତ୍ୟନ୍ତ ବିପଜ୍ଜନକ ହୋଇପାରେ। ତାହା ଚାକିରି, ଗଣତନ୍ତ୍ର କିମ୍ବା ଆମ ଗ୍ରହର ଭବିଷ୍ୟତ ପାଇଁ ହେଉ। ଯଦି ଏବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ, ତେବେ ଏଆଇ କାଲିକୁ ମଣିଷକୁ ଗିଳିଦେବ। ଏହି ଖୋଲା ଚିଠିରେ ହଜାରରୁ ଅଧିକ କର୍ମଚାରୀ ସ୍ୱାକ୍ଷର କରିଛନ୍ତି। ସ୍ୱାକ୍ଷରକାରୀଙ୍କ ମଧ୍ୟରେ ଇଞ୍ଜିନିୟର, ପ୍ରଡକ୍ଟ ମ୍ୟାନେଜମେଣ୍ଟ, ଗୋଦାମ କର୍ମଚାରୀ ଏବଂ ଏଆଇ ସିଷ୍ଟମରେ କାମ କରୁଥିବା ବୈଷୟିକ ବିଶେଷଜ୍ଞ ମଧ୍ୟ ସାମିଲ ଅଛନ୍ତି।

କର୍ମଚାରୀମାନେ ଅଭିଯୋଗ କରିଛନ୍ତି ଯେ କମ୍ପାନୀ ଏଆଇ ରେସରେ ଆଗକୁ ବଢ଼ିବା ପାଇଁ ଏହା ମାନବ କର୍ମଚାରୀଙ୍କ ମଙ୍ଗଳକୁ ଅଣଦେଖା କରୁଛି। ଚିଠିରେ ଦାବି କରାଯାଇଛି ଯେ ଅମାଜନ୍‌ର ଏଆଇ ଡାଟା ସେଣ୍ଟରଗୁଡ଼ିକ ଅତ୍ୟଧିକ ପରିମାଣର ପାଣି ଏବଂ ଶକ୍ତି ବ୍ୟବହାର କରିବ, ଯାହା ପରିବେଶ ପ୍ରତି ଏକ ଗମ୍ଭୀର ବିପଦ ସୃଷ୍ଟି କରିବ। କର୍ମଚାରୀମାନେ ଏହା ମଧ୍ୟ ଚିନ୍ତା ପ୍ରକାଶ କରିଛନ୍ତି ଯେ କମ୍ପାନୀର ଏଆଇର ବର୍ଦ୍ଧିତ ବ୍ୟବହାର ଚାକିରି ସୁରକ୍ଷାକୁ ଦୁର୍ବଳ କରିଛି, କର୍ମଚାରୀଙ୍କ କାର୍ଯ୍ୟଭାର ବୃଦ୍ଧି କରିଛି ଏବଂ କାର୍ଯ୍ୟକ୍ଷେତ୍ରରେ ନଜର ରଖିଛି। ସେମାନଙ୍କ ଅନୁଯାୟୀ, ଏହି ପରିବର୍ତ୍ତନଗୁଡ଼ିକ କେବଳ ମାନସିକ ଚାପ ବୃଦ୍ଧି କରୁନାହିଁ ବରଂ ଆମାଜନ୍‌ର ଦୀର୍ଘକାଳୀନ ମୂଲ୍ୟବୋଧକୁ ମଧ୍ୟ ବିରୋଧ କରୁଛି।

# ବିକ୍ରି ହେବ ଟ୍ରମ୍ପଙ୍କ ପିଲାଦିନର ଘର

**ନୂଆଦିଲ୍ଲୀ,୩୦।୧୧(ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବର୍ତ୍ତମାନ ସାରା ବିଶ୍ୱରେ ଟାରିଫ୍ ବା ବାଣିଜ୍ୟ ଶୁଳ୍କ ପାଇଁ ବେଶ ଚର୍ଚ୍ଚାରେ ରହିଛନ୍ତି। ଏବେ ଆଉ ଏକ ଖବର ପାଇଁ ଟ୍ରମ୍ପଙ୍କୁ ନେଇ ଚର୍ଚ୍ଚା। ତାହା ହେଉଛି ଏବେ ଟ୍ରମ୍ପଙ୍କ ପିଲାଦିନର ଘର ପୁଣି ଥରେ ବିକ୍ରି ହେବାକୁ ଯାଉଛି। ଏହା ନ୍ୟୁୟର୍କର କୁଇନ୍ସରେ ଅବସ୍ଥିତ। ନ୍ୟୁୟର୍କ ଟାଇମ୍ସ ଅନୁଯାୟୀ, ଘରଟି ୨.୩ ନିୟୁତ ଡଲାର (ପ୍ରାୟ ୨୦ କୋଟି ଟଙ୍କା) ମୂଲ୍ୟରେ ନିର୍ମିତ। ଘରଟିର ନବୀକରଣ କରାଯାଇଛି। ଏହି ଟୁଡୋର-ଶୈଳୀର ଘରଟି ୧୯୪୦ ମସିହାରେ ଟ୍ରମ୍ପଙ୍କ ପିତା ରିଅଲ୍ ଇଷ୍ଟେଟ୍ ଡେଭଲପର ଫ୍ରେଡ୍ ଟ୍ରମ୍ପଙ୍କ ଦ୍ୱାରା ନିର୍ମିତ। ଏହା କୁଇନ୍ସର ପଶ ଜାମାଇକା ଇଷ୍ଟେଟ୍ସ ନିକଟରେ ଅବସ୍ଥିତ। ଟ୍ରମ୍ପ ଚାରି ବର୍ଷ ବୟସ ପର୍ଯ୍ୟନ୍ତ ଏହି ଘରେ ରହୁଥିଲେ, ତା'ପରେ ତାଙ୍କ ପରିବାର ପାଖରେ ଥିବା ଏକ ବଡ଼ ବଙ୍ଗଳାକୁ ଚାଲିଯାଇଥିଲେ।

ରିଅଲ୍ ଇଷ୍ଟେଟ୍ ଡେଭଲପର ଟମି ଲିନ୍ ମାର୍ଚ୍ଚ ମାସରେ ୮୩୫,୦୦୦ ଡଲାରରେ ଘରଟି କିଣିଥିଲେ। ସେ ତୁରନ୍ତ ମରାମତି କରିଥିଲେ, ଯାହାର ଖର୍ଚ୍ଚ ପ୍ରାୟ ୫୦୦,୦୦୦ ଡଲାର ଥିଲା। ଲିନ୍ କହିଥିଲେ ଯେ ସେହି ସମୟରେ ଘରଟି ବାସଯୋଗ୍ୟ ନ ଥିଲା। ସେସଥିରେ ପାଣି ଏବଂ ବିଦ୍ୟୁତ୍ ସମସ୍ୟା ସହ ଫଟା ପାଇପ୍ ଥିଲା। ଗୋଟିଏ ସମୟରେ, ଏହା ଜଙ୍ଗଲୀ ବିଲେଇମାନଙ୍କ ବାସସ୍ଥଳ ପାଲଟିଥିଲା। ପ୍ରାୟ ୨୫୦୦ ବର୍ଗଫୁଟ ପରିମିତ ଏହି ଘରଟିର ବର୍ତ୍ତମାନ ସମ୍ପୂର୍ଣ୍ଣ ନବୀକରଣ କରାଯାଇଛି। ଏଥିରେ ୫ଟି ଶୟନ କକ୍ଷ, ତିନୋଟି ପୂର୍ଣ୍ଣ ସ୍ନାନାଗାର, ଦୁଇଟି ଛୋଟ ଶୌଚାଳୟ ଏବଂ ଏକ ବେସମେଣ୍ଟ ଏବଂ ଏକ ପୃଥକ ଦୁଇ-କାର ଗ୍ୟାରେଜ ଅଛି। ଏହି ଘରେ ଆଧୁନିକ ଏବଂ ବିଳାସପୂର୍ଣ୍ଣ ଅପଡେଟ୍ ସୁବିଧା ରହିଛି, ଯେପରିକି ହେରିଂବୋନ୍-ପାର୍ଟେଣ୍ଡ କାଠ ମହଲା ଏବଂ ଏକ ଉଚ୍ଚମାନର ରୋଷେଇ ଘର।




# ବକ୍ସାଇଟ୍ ଓଡ଼ିଶାର ଅଭିବୃଦ୍ଧିକୁ ଶକ୍ତିଶାଳୀ କରିପାରିବ

**ଭୁବନେଶ୍ୱର,୩୦।୧୧(ସମିସ):** ଓଡ଼ିଶାର ଅଭିବୃଦ୍ଧିର ଏହି ପରବର୍ତ୍ତୀ ଅଧ୍ୟାୟର କେନ୍ଦ୍ରବିନ୍ଦୁ ହେଉଛି ଆଲୁମିନିୟମ୍ ଏବଂ ଏହି ସୁଯୋଗର କେନ୍ଦ୍ରବିନ୍ଦୁରେ ଓଡ଼ିଶା ଅବସ୍ଥିତ। ଭାରତର ବକ୍ସାଇଟ୍ ସଂରକ୍ଷଣର ୫୧% ଓଡ଼ିଶାରେ ରହିଛି, ଯାହା ଏହାକୁ ଆଲୁମିନିୟମ୍ ଉତ୍ପାଦନ ପାଇଁ କଂଚାମାଲ ସୁରକ୍ଷିତ କରିବା ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ କରିଛି। ଖଣି ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ଆଲୁମିନିୟମ୍ ଭିଜନ୍ ଡକ୍ୟୁମେଂଟ ଅନୁଯାୟୀ, ୨୦୪୭ ସୁଦ୍ଧା ଭାରତର ଆଲୁମିନିୟମ୍ ଚାହିଦା ୬ ଗୁଣ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି, ଯାହା ବାର୍ଷିକ ୪.୫ ନିୟୁତ ଟନ୍ ରୁ ୩୭ ନିୟୁତ ଟନ୍ ଉତ୍ପାଦନକୁ ବୃଦ୍ଧି କରିବ, ଓଡ଼ିଶାର ଭୂମିକା ଅପରିହାର୍ଯ୍ୟ ହୋଇପଡ଼େ। କଳାହାଣ୍ଡି ଭଳି ପ୍ରମୁଖ ବକ୍ସାଇଟ୍ ବେଲ୍ଟଗୁଡ଼ିକ ଏହି କ୍ଷମତାର ଏକ ବଡ଼ ଅଂଶକୁ ଅନଲକ୍ କରିବାର ସମ୍ଭାବନା ରଖେ, ଏହି ଅଞ୍ଚଳକୁ ଭାରତର ଆଲୁମିନିୟମ୍ ପ୍ରସାରଣରେ ଏକ ପ୍ରମୁଖ ଯୋଗଦାନକାରୀ ଭାବରେ ସ୍ଥାନିତ କରୁଛି। ବିଶେଷଜ୍ଞମାନେ ମତ ଦିଅନ୍ତି ଯେ ବକ୍ସାଇଟ୍ ଖଣି ଏବଂ ଆଲୁମିନିୟମ୍ ଉତ୍ପାଦନ ସହିତ ଜଡିତ ଆର୍ଥିକ ସୁଯୋଗ ଯଥେଷ୍ଟ। ଏହାର ଶିଳ୍ପ ଗୁରୁତ୍ୱ ବ୍ୟତୀତ, ଆଲୁମିନିୟମ୍ ଦେଶର ସବୁଠାରୁ ଶକ୍ତିଶାଳୀ ନିଯୁକ୍ତି ଗୁଣକ ମଧ୍ୟରୁ ଗୋଟିଏ। ବିଶ୍ୱ ସ୍ତରରେ ଆଲୁମିନିୟମ୍ ଚାହିଦା ବୃଦ୍ଧି ପାଉଥିବାରୁ, ଓଡ଼ିଶାକୁ ଏହାର ନୀତିଗତ ପରିବେଶକୁ ସୁଗମ କରିବା ପାଇଁ ଅଧିକ ଜରୁରୀ ହୋଇପଡ଼ିଛି।

# ମଣିପାଲ ହସ୍ପିଟାଲ୍‌ରେ 'ହେଲଦି ଡେ ଆଉଟ୍ ଫର୍ ଦ ୟଙ୍ଗ ଆଟ୍ ହାର୍ଟ' କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୩୦।୧୧:** ମଣିପାଲ ହସ୍ପିଟାଲ୍ ଭୁବନେଶ୍ୱର ପକ୍ଷରୁ ଆଇଜି ପାର୍କ ଠାରେ 'ହେଲଦି ଡେ ଆଉଟ୍ ଫର୍ ଦ ୟଙ୍ଗ ଆଟ୍ ହାର୍ଟ ' ନାମକ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ବୟସ୍କ ଲୋକଙ୍କୁ ସ୍ୱାସ୍ଥ୍ୟ ସଚେତନ କରାଇବା ଏବଂ ସକ୍ରିୟ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସିନିୟର ସିଟିଜେଟ୍ ଫୋରମର ୫୦ ରୁ ଉର୍ଦ୍ଧ ସଦସ୍ୟ ଯୋଗଦାନ କରିଥିଲେ। ସେମାନଙ୍କୁ ଯାତାୟତ କରିବାରେ ଯେଭଳି କୌଣସି ଅସୁବିଧା ନ ହୁଏ ସେଥିପାଇଁ ମଣିପାଲ ହସ୍ପିଟାଲ ପକ୍ଷରୁ ବିଶେଷ ଗାଡିର ମଧ୍ୟ ବ୍ୟବସ୍ଥା କରାଯାଇଥିଲା। ଏହି ସ୍ୱାସ୍ଥ୍ୟ ସେଚତନ କାର୍ଯ୍ୟକ୍ରମ ଯୋଗ ଓ ଆସନ ଠାରୁ ଆରମ୍ଭ ହୋଇଥିଲା, ଯାହାକି ବୟସ୍କ ଲୋକଙ୍କର ସ୍ୱାସ୍ଥ୍ୟବସ୍ଥା ଓ ଶାରୀରିକ ଫିଟ୍‌ନେସ୍‌କୁ ଧ୍ୟାନରେ ରଖି ଡାକ୍ତରଙ୍କ ପରାମର୍ଶରେ କରାଯାଇଥିଲା। ଆଗାମୀ ଦିନ ମଣିପାଲ ହସ୍ପିଟାଲ୍ ଭୁବନେଶ୍ୱର ପକ୍ଷରୁ ଏହି ପରି ଅନେକ କାର୍ଯ୍ୟକ୍ରମ ଆୟୋଜନ କରି ବୟସ୍କଙ୍କ ମଧ୍ୟରେ ସ୍ୱାସ୍ଥ୍ୟଜୀବନ ଓ ସକ୍ରିୟତାକୁ ପ୍ରୋତ୍ସାହିତ କରିବାକୁ ଯୋଜନା ଥିବା ଅବସରରେ ମଣିପାଲ ହସ୍ପିଟାଲ୍‌ର କ୍ଲଷ୍ଟର ଡାଇରେକ୍ଟର (ସାଉଥ୍-ଇଷ୍ଟ) ଡାକ୍ତର ଶକ୍ତିମୟ ମହାପାତ୍ର କହିଛନ୍ତି।

# ବନ୍ଧନ ସିଲଭର ଇଟିଏଫ୍‌ର ଶୁଭାରମ୍ଭ

**ମୁମ୍ବାଇ,୩୦।୧୧:** ବନ୍ଧନ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ଦୁଇଟି ନୂଆ ଇଟିଏଫ, ବନ୍ଧନ ଗୋଲ୍ଡ ଇଟିଏଫ ଓ ବନ୍ଧନ ସିଲଭର ଇଟିଏଫର ଶୁଭାରମ୍ଭ ଘୋଷଣା କରାଯାଇଛି। ଏହି ଓପନ-ଏଣ୍ଡେଡ ସ୍କିମଗୁଡିକ ଫିଜିକାଲ ଗୋଲ୍ଡ ଓ ସିଲଭରର ଘରୋଇ ମୂଲ୍ୟକୁ ଟ୍ରାକ କରିବେ। ଏହି ନୂତନ ଫଣ୍ଡ ଅଫର (ଏନଏଫଓ) ସୋମବାର ୧ ଡିସେମ୍ବରରେ ଖୋଲିବ ଏବଂ ବୁଧବାର ୩ ଡିସେମ୍ବରରେ ବନ୍ଦ ହେବ। ଏହି ଇଟିଏଫଗୁଡିକ ଏକ ସ୍ମାର୍ଟ, ସ୍ୱଚ୍ଛ ଓ ଦକ୍ଷ ଉପାୟରେ ନିବେଶ କରିବା ପାଇଁ ସୁନା କିମ୍ବା ରୁପାର ପହଞ୍ଚ ହାସଲ କରିବାକୁ ଚାହୁଁଥିବା ନିବେଶକଙ୍କ ପାଇଁ ଏହାକୁ ସରଳ କରିବା ଲାଗି ଲକ୍ଷ୍ୟ ରଖିଛନ୍ତି। ନିଜର ପୋର୍ଟଫୋଲିଓରେ ସ୍ଥିରତା ଓ ବିବିଧତାକୁ ସୁଦୃଢ କରିବାକୁ ଚାହୁଁଥିବା ନିବେଶକମାନେ ବନ୍ଧନ ଗୋଲ୍ଡ ଇଟିଏଫ ଓ ବନ୍ଧନ ସିଲ୍‌ଭର ଇଟିଏଫ ସମ୍ପର୍କରେ ବିଚାର କରିପାରିବେ।

# ନିର୍ମାଣ ହେଉଛି ପୁକୁଲିଙ୍ଗିଆ-ଟିକାବାଲି ରାସ୍ତା

ଜି.ଉଦୟଗିରି,୩୦।୧୧(ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ କଳିଙ୍ଗା ପଂଚାୟତ ପୁକୁଲିଙ୍ଗିଆ ଗ୍ରାମ ଠାରୁ ଟିକାବାଲିକୁ ସଂଯୋଗ କରୁଥିବା ରାସ୍ତା ଶୋଚନୀୟ ହୋଇପଡ଼ିଥିଲା। ଏହି ରାସ୍ତା ଉପରେ ପ୍ରାୟ ୧୦ରୁ ୧୨ ଖଣ୍ଡ ଗ୍ରାମର ଲୋକେ ନିର୍ଭର କରୁଥିବା ବେଳେ ନାହିଁ ନଥିବା ହଇରାଣ ହେଉଥିଲେ। ଏହି ରାସ୍ତା ଦେଇ ଟିକାବାଲିକୁ ଗଲେ କମ ସମୟ, ଅଳ୍ପ ଦୂରତା ହେଉଥିବାରୁ ଅଧିକ ଲୋକ ନିର୍ଭର କରିଥାନ୍ତି। ମାତ୍ର ରାସ୍ତା ଖରାପ ଯୋଗୁ ବାରମ୍ବାର ଦୁର୍ଘଟଣା ଘଟୁଥିଲା। ଏନେଇ କିଛିଦିନ ତଳେ “ସକାଳ’ରେ ଖବର ପ୍ରକାଶ ପରେ ତତ୍ପରତା ପ୍ରକାଶ ପାଇଛି। ପୁକୁଲିଙ୍ଗିଆଠାରୁ ପ୍ରାୟ ୮ କିଲୋମିଟର ରାସ୍ତା ନିର୍ମାଣ ଆରମ୍ଭ ହୋଇଛି। ରାସ୍ତାର ଓସାର ମଧ୍ୟ ୨୦ ଫୁଟ ବଢ଼ାଯାଉଛି। ଏହାସହିତ ରାସ୍ତା ପାର୍ଶ୍ୱରେ ଗାର୍ଡୱାଲ୍ ମଧ୍ୟ ନିର୍ମାଣ ହେଉଛି। ଏନେଇ ଗ୍ରାମବାସୀ ଖୁସି ବ୍ୟକ୍ତ କରିଥିବାବେଳେ ୨ମାସ ମଧ୍ୟରେ ଏହି ରାସ୍ତା ନିର୍ମାଣ କାମ ଶେଷ ହେବ ବୋଲି ଜଣାପଡ଼ିଛି।




‘ସକାଳ’ ପ୍ରଭାବ

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମାର୍‌ପିଟ

ପାରଳାଖେମୁଣ୍ଡି,୩୦।୧୧(ସମିସ)

ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମାର୍‌ପିଟ ନେଇ ଥାନାରେ ଅଭିଯୋଗ ହୋଇଛି। ପାରଳାଖେମୁଣ୍ଡି ଆଦର୍ଶ ଥାନା ପୁଲିସ୍ ପହଞ୍ଚି ତଦନ୍ତ କରିଥିବା ଜଣାପଡ଼ିଛି। ସୁରକ୍ଷାକର୍ମୀ ଆକାଶ ଶବରଙ୍କ ଅଭିଯୋଗ ପ୍ରକାରେ ଏସ୍. କୁମାର ନାମକ ଜଣେ ବ୍ୟକ୍ତି ରବିବାର ମଧ୍ୟାହ୍ନରେ ଏକ କୁକୁର ଧରି ମେଡିକାଲକୁ ପ୍ରବେଶ କରିଥିଲେ। କୁକୁରକୁ ଧରି ପ୍ରବେଶ ପାଇଁ ବାରଣ କରିବାରୁ ପ୍ରଥମେ ଯୁକ୍ତିତର୍କ ଓ ପରେ ଆକ୍ରମଣ କରିଥିଲେ। ଫଳରେ ଆକାଶ ଆହତ ହୋଇ ଚିକିତ୍ସିତ ହେଉଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଅପରପକ୍ଷରେ ଏସ୍. କୁମାର କୌଣସି ଔଷଧ ବିଷୟକୁ ନେଇ ଯୁକ୍ତିତର୍କ କରିବାରୁ ଏପରି ମାର୍‌ପିଟ ହୋଇଥିବା ଚର୍ଚ୍ଚା ହେଉଛି। ତେବେ ଏନେଇ ଏକ ଭିଡ଼ିଓ ବିଭିନ୍ନ ସୋସିଆଲ ମିଡ଼ିଆରେ ଭାଇରାଲ ହେଉଛି। ଯେଉଁଥିରେ ଉଭୟ ପକ୍ଷ ଧକ୍କା ମରାମରି ହେଉଥିବାବେଳେ ଏକାଧିକ ସୁରକ୍ଷାକର୍ମୀ ଏସ୍. କୁମାରଙ୍କୁ ଧକ୍କା ମାରିବା ସହ ପୋଷାକ ଚିରି କ୍ଷତାକ୍ତ କରିଦେଉଥିବା ଦେଖିବାକୁ ମିଳୁଛି। ଘଟଣାକୁ ନେଇ ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ମତ ପ୍ରକାଶ ପାଇଛି।






# ରକ୍ତଦାନକୁ ନେଇ ସଚେତନତା ରାଲି

ପାରଳାଖେମୁଣ୍ଡି,୩୦।୧୧(ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହରରେ ଥିବା ଗଜପତି ବ୍ଲଡ୍ ଡୋନର୍ସ ସଂଗଠନ ପକ୍ଷରୁ ରକ୍ତଦାନକୁ ନେଇ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ରାଲିକୁ ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ ଏବଂ ଭାରପ୍ରାପ୍ତ ଜିଲ୍ଲାପାଳ ମୁନିନ୍ଦ୍ର ହୋନାଗା ଉଭୟେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ସଚେତନତା ରାଲି ସ୍ଥାନୀୟ ରାଜନହର ଠାରୁ ବାହାରି ନଗର ପରିକ୍ରମା କରିଥିଲା। ଗଜପତି ବ୍ଲଡ୍ ଡୋନର୍ସ ଉପସଭାପତି ଏସ୍. ଋଷି କହିଛନ୍ତି ଯେ, ଡିସେମ୍ବର ୧୪ ତାରିଖରେ ସଂଗଠନ ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ଏଠାରେ ଅଧିକରୁ ଅଧିକ ରକ୍ତ ସଂଗୃହୀତ ହେବ ସେନେଇ ସଚେତନ କରାଯାଉଛି। ସଚେତନତା ରାଲିରେ କ୍ରାନ୍ତି କୁମାର, କେ.ଶରତ କୁମାର, ସୁଲଭ ପାଣ୍ଡବ, ମୋହନି ପ୍ରଧାନ, କେ.ନବୀନ, କୌଳାସ ଚନ୍ଦ୍ର ବିଶ୍ୱାଳ, ନିହାର କୁମାର ପଣ୍ଡା, ଅମ୍ବିକା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।












**ରବିବାର ଭିତରକନିକାରେ ଭିଡ଼**

# ୬୭ ବୋଟ୍‌ରେ ବୁଲିଲେ ୯୪୯ ପର୍ଯ୍ୟଟକ

**ରାଜନଗର,୩୦ ।୧୧(ସମିସ):**





ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ନଦୀର ତ୍ରିକୋଣଭୂମି ପାଲଟିଛି ପର୍ଯ୍ୟଟକଙ୍କ ଭୂସ୍ୱର୍ଗ। ଆଜି ମାସଶେଷ ରବିବାର ଥିବାରୁ ଭିତରକନିକାରେ ପର୍ଯ୍ୟଟକଙ୍କ ଖଚାଖଚ ଭିଡ଼ ଦେଖିବାକୁ ମିଳିଛି। ୬୭ଟି ବୋଟରେ ୯୪୯ ପର୍ଯ୍ୟଟକ ନୌବିହାର କରି ଭିତରକନିକାର ଶୋଭା ଉପଭୋଗ କରିଛନ୍ତି। ଜଳପଥରେ ଆସିଥିବା ପର୍ଯ୍ୟଟକମାନେ ଭିତରକନିକାର ପ୍ରାକୃତିକ ପରିବେଶରେ ନଈ ପଠାରେ ଖରା ପୁଉଁଥିବା ବିରାଟକାର କୁମ୍ଭୀର ଦେଖି ବିମୋହିତ ହୋଇଥିଲେ।

ଡାଙ୍ଗମାଳରେ ପହଞ୍ଚି ପୋଖରୀରେ ଆବଦ୍ଧ ଥିବା ଧଳାକୁମ୍ଭୀର ଗୋରୀ, ମଲ୍ଲିକୁ ଦେଖିଥିଲେ। ଡାଙ୍ଗମାଳରେ ଲୁଣାଜଙ୍ଗଲ ନର୍ସରୀ, ମ୍ୟୁଜିୟମ ସହିଦ୍ ସ୍ତମ୍ଭ, ସ୍କାୟ ଓକ ବ୍ରିଜ ସମେତ ବୋଟ ଲାଇବ୍ରେରୀ ଦେଖି ବିମୋହିତ ହୋଇଥିଲେ। ଖୋଲା ଏଣ୍ଟ୍ରି ପଏଣ୍ଟ ଦେଇ ୪୭ଟି ବୋଟରେ ୩୮୭ ପର୍ଯ୍ୟଟକ ଭିତରକନିକାର ଶୋଭା ଉପଭୋଗ କରିଥିବା ବେଳେ ଗୁପ୍ତି ଏଣ୍ଟ୍ରି ପଏଣ୍ଟ ଦେଇ ୮ ବୋଟରେ ୮୪, ଚାନ୍ଦବାଲି ଏଣ୍ଟ୍ରି ପଏଣ୍ଟ ଦେଇ ୧୨ ବୋଟରେ ୧୪୬ ଓ ଡାଙ୍ଗମାଳ ମୁଖ୍ୟ ଗେଟ ଦେଇ ସ୍ଥଳପଥରେ ୩୩୨ ପର୍ଯ୍ୟଟକ ଭିତରକନିକାର ଶୋଭା ଉପଭୋଗ କରିଥିଲେ। ପର୍ଯ୍ୟଟକମାନେ ଜଳପଥରେ ଭିତରକନିକାର ଶୋଭା ଉପଭୋଗ କରିବାକୁ ଅଧିକ ପସନ୍ଦ କରୁଛନ୍ତି। ଜାତୀୟ ଉଦ୍ୟାନରେ ଭିଡ଼ ଜମାଇଥିବା ବିରଳ ଅଷ୍ଟ୍ରେଲିଆ, ଆଫଗାନିସ୍ତାନ, ଆମେରିକା, ପାକିସ୍ତାନ, ଜାପାନ, ଶ୍ରୀଲଙ୍କା, ବାଂଲାଦେଶ ଆଦି ବିଦେଶୀ ପକ୍ଷୀଙ୍କ ସହ ଦେଶୀୟ ପକ୍ଷୀଙ୍କ କାକଳିରେ ବିମୋହିତ ହୋଇପଡୁଛନ୍ତି ପର୍ଯ୍ୟଟକ। ବିରଳ ବଉଳାକୁମ୍ଭୀର, ଶହ ଶହ ସଂଖ୍ୟାରେ ହରିଣ, ବାର୍‌ହା, ସମ୍ବର, ଫିସିଂ କ୍ୟାଟ୍, ହାଏନା, ଝିଙ୍କ ସହ ପାଣିଗୋଧି, ଅଜଗର, ଅହିରାଜ ଆଦି ବିରଳ ସରୀସୃପ ବି ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଏଥିସହିତ ଅଭୟାରଣ୍ୟରେ ଅନ୍ୟତ୍ର ଲୁପ୍ତପ୍ରାୟ ହେନ୍ତାଳବଣ ଓ ୬୩ ପ୍ରକାରର ଲୁଣା ଜଙ୍ଗଲ ରହିଛି। ହେନ୍ତାଳ, ସୁନ୍ଦରୀ, ଶିଶୁମାର, କେରୁଆଁ, ରାଇ, ବଣି, ଗରଣି, ଖରସି, ବନ୍ଦରୀ, ପାଣିଆମ୍ବ, ସିଙ୍ଗଡ଼ା, ପୀତାମ୍ବରା, ପୀତକୋରୁଆ ଭଳି ବିରଳ ଉଦ୍ଭିଦ ସହିତ ମନୋରମ ପକୃତି ଓ ପରିବେଶ କେବଳ ପଶୁପକ୍ଷୀଙ୍କୁ ସୁହାଉନି, ଏହା ପର୍ଯ୍ୟଟକଙ୍କ ମନ ମଧ୍ୟ କିଣି ନେଇଛି।

ମିୟୁଜିୟମ୍‌ରେ ୧୯ ଫୁଟ୍ ଓ ୧୭ ଫୁଟ୍ ଲମ୍ବର ବିରାଟକାୟ ଦୁଇଟି ବଉଳା କୁମ୍ଭୀରଙ୍କ କଙ୍କାଳ ସହ ଭିତରକନିକାରେ ଥିବା ପ୍ରାୟ ସମସ୍ତ ସ୍ତନ୍ୟପାୟୀ ଓ ସରୀସୃପ ପ୍ରାଣୀଙ୍କ କଙ୍କାଳ ରହିଛି। ପ୍ରକୃତି ଓ ପରିବେଶ ମଧ୍ୟରେ ଭିତରକନିକାକୁ ପାଖରେ ଦେଖିବା ପାଇଁ ଏବେ ପ୍ରତିଦିନ ଶହ ଶହ ସଂଖ୍ୟାରେ ପର୍ଯ୍ୟଟକ ଭିଡ଼ ଜମାଉଛନ୍ତି। ଏସିଏଫ ମାନସ କୁମାର ଦାସଙ୍କ କହିବା କଥା, ଭିତରକନିକାକୁ ବୁଲି ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ବନ ବିଭାଗ ପକ୍ଷରୁ ପ୍ଲାଷ୍ଟିକକୁ କଡ଼ାକଡ଼ି ବାରଣ କରାଯାଇଛି। ତେବେ ପର୍ଯ୍ୟଟକଙ୍କ ପାଇଁ ବିଶୁଦ୍ଧ ପାଣି, ପରିସ୍ରାଗାର, ବୟୋଜ୍ୟେଷ୍ଠ ଏବଂ ଭିନ୍ନକ୍ଷମଙ୍କ ପାଇଁ ଭିଓଭି ବ୍ୟବସ୍ଥା କରାଯାଇଛି।

## ଶ୍ରମିକନେତା ରାମଚନ୍ଦ୍ର ଖୁଣ୍ଟିଆଙ୍କୁ ସମ୍ବର୍ଦ୍ଧନା

**କେନ୍ଦ୍ରାପଡ଼ା,୩୦ ।୧୧(ସମିସ):** ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ କେନ୍ଦ୍ରାପଡ଼ା ଆସିଥିବା ରାଜ୍ୟ ଆଇଏନଟିୟୁସି ସଭାପତି, ସର୍ବଭାରତୀୟ ଆଇଏନଟିୟୁସି ଉପସଭାପତି ତଥା ଜେନେଭାସ୍ଥିତ ଅନ୍ତର୍ଜାତୀୟ ପ୍ରବାସୀ ଶ୍ରମିକ ସଂଗଠନ ଅଧ୍ୟକ୍ଷ ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆଙ୍କୁ ଗରାପୁର ଡାକବଙ୍ଗଳା ଛକରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କେନ୍ଦ୍ରାପଡ଼ାର ମିଳିତ ଟ୍ରେଡ ୟୁନିଅନ ପକ୍ଷରୁ ପ୍ରତିନିଧିମାନେ ଖୁଣ୍ଟିଆଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ଟ୍ରେଡୟୁନିଅନ ପ୍ରତିନିଧିମାନେ କେନ୍ଦ୍ରାପଡ଼ାର ନିର୍ମାଣ ଶ୍ରମିକମାନ ବିଭିନ୍ନ ସମସ୍ୟା ଓ ଦୁରବସ୍ଥା ସମ୍ପର୍କରେ ଅବଗତ କରି ଏଥିରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଥିଲେ। ଖୁଣ୍ଟିଆ ଆସନ୍ତା ୩, ୪ ଓ ୫ ତାରିଖ ରାଜ୍ୟସ୍ତରୀୟ ଶ୍ରମକୋଡ୍ ପ୍ରଚଳନ ବିରୋଧୀ ସମାବେଶକୁ କେନ୍ଦ୍ରାପଡ଼ା ଜିଲ୍ଲାରୁ ବହୁ ସଂଖ୍ୟାରେ ପ୍ରତିନିଧି ଯୋଗଦେବାକୁ ଆହ୍ୱାନ ଦେଇଥିଲେ। ସମସ୍ତ ପଞ୍ଚାୟତରେ ପିଅନ ନିଯୁକ୍ତି ପରିପ୍ରେକ୍ଷୀରେ ଯେଉଁଠି ପୂର୍ବରୁ ଥିବା ପିଅନ ଠିକ ଭାବେ କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ପୁନଃନିଯୁକ୍ତି ପ୍ରଦାନ କରିବାକୁ ଖୁଣ୍ଟିଆ ମତବ୍ୟକ୍ତ କରିଥିଲେ। ଯେଉଁ ପଞ୍ଚାୟତରେ ରାଜନୀତିକରଣ କରାଯିବ ତାକୁ ଜିଲ୍ଲା ମିଳିତ ଟ୍ରେଡ ୟୁନିଅନ ପକ୍ଷରୁ ବିରୋଧ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଆଇଏନଟିୟୁସି ଜିଲ୍ଲା ସଭାପତି ମୁକ୍ତାର ଖାଁ, ଫକୀର ଚରଣ ଖଟୁଆ, ବରିଷ୍ଠ ଆଇନଜୀବୀ ବିଧୁଭୂଷଣ ମହାପାତ୍ର, ବସନ୍ତକୁମାର ସେଠୀ, ଜିତେନ୍ଦ୍ର ଚୌଧୁରୀ, ବିରଜା ମହାନ୍ତି, ଏଚଏମଏସର ତ୍ରିଲୋଚନ ଦାସ, ଏଆଇଟିୟୁସିର ଅଜୟ ସାମଲ, ସିଟୁର ଜଗତଜୀବନ ଦାଶ, ଅଜିତ ପରିଡ଼ା, ସନ୍ଧ୍ୟାରାଣୀ ରାଉତ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ସୁଶୀଲ କୁମାର ସାମଲ, ପବିତ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

**ସତୀର୍ଥର ସାରସ୍ୱତ ମହାକୁମ୍ଭ**

# ‘ପୁରସ୍କାରର ଊର୍ଦ୍ଧ୍ୱରେ ରହିଥାଏ ସାହିତ୍ୟ’

**କେନ୍ଦ୍ରାପଡ଼ା,୩୦ ।୧୧(ସମିସ):** ପୁରସ୍କାର ପାଇବା ପାଇଁ ସାହିତ୍ୟର ସୃଷ୍ଟି ହୋଇ ନ ଥାଏ। ସାହିତ୍ୟ ପାଇଁ ପୁରସ୍କାର ସୃଷ୍ଟି ହୋଇଥାଏ। ତେଣୁ ସାହିତ୍ୟିକମାନେ ପୁରସ୍କାର ପାଇବା ଆଶାରେ ସାହିତ୍ୟ ସୃଷ୍ଟି କରିବା ଉଚିତ ନୁହେଁ। ସାହିତ୍ୟକମାନେ ଦାର୍ଶନିକ ଦୃଷ୍ଟିଭଙ୍ଗୀ ରଖି ସାହିତ୍ୟ ସର୍ଜନା କରିବା ଉଚିତ ବୋଲି କେନ୍ଦ୍ରାପଡ଼ା ବ୍ଲକ କୋରୋ ଗ୍ରାମରେ ଗଣକବି ଗୋପାଳ ଦାଶ ମଞ୍ଚ (ସିଦ୍ଧବଟ)ଠାରେ ସାହିତ୍ୟ ଅନୁଷ୍ଠାନ ସତୀର୍ଥ ପକ୍ଷରୁ ଆୟୋଜିତ ସାରସ୍ୱତ ମହାକୁମ୍ଭରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଲିଓ ଟଲଷ୍ଟୟ, ସକ୍ରେଟିସ, ରବୀନ୍ଦ୍ର ନାଥ ଟାଗୋର ସାହିତ୍ୟ ସର୍ଜନା କରି ଦାର୍ଶନିକ ହୋଇଛନ୍ତି। ସେହିପରି ସାହିତ୍ୟିକମାନେ ସମାଜ ବିଜ୍ଞାନୀ ଅଟନ୍ତି। ସେମାନଙ୍କ କଲମ ଚାଳନାରେ ସମାଜରେ ବ୍ୟାପକ ପରିବର୍ତ୍ତନ ଆସିଥାଏ। ଉତ୍ତମ ସମାଜ ଗଠନ ଦିଗରେ ସାହିତ୍ୟିକମାନଙ୍କ ଭୂମିକା ଅବିସ୍ମରଣୀୟ ବୋଲି ଅତିଥିମାନେ କହିଥିଲେ। ସତୀର୍ଥର ସଭାପତି କବି ଅମର ପ୍ରସାଦ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ପ୍ରଫେସର ଡ. ବୈଷ୍ଣବ ଚରଣ ସାମଲ, ମୁଖ୍ୟବକ୍ତା ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଡ. କୁମାରବର ଦାସ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ନିରୁପମା ବରାଳ, କବି ସ୍ୱର୍ଣ୍ଣାଂଶୁ ଦାସ, କବୟିତ୍ରୀ କବିତା ମୁଦୁଲି, ନାଟ୍ୟକାର ସଞ୍ଜିତ ପଟ୍ଟନାୟକ, ପ୍ରଫେସର ନିର୍ମଳ ଚନ୍ଦ୍ର ବିଶ୍ୱାଳ, କୋର ସରପଞ୍ଚ ରଞ୍ଜିତ କୁମାର ଜେନା ଯୋଗଦେଇଥିଲେ। ଏହି ଅବସରରେ ପୂର୍ବତନ ସାଂସଦ ଡ. ରାମଚନ୍ଦ୍ର ଖୁଣ୍ଟିଆଙ୍କୁ ସତୀର୍ଥ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି କଥାକାର ଯଜ୍ଞଦତ୍ତ ଆର୍ଯ୍ୟଙ୍କୁ ସତୀର୍ଥ କଥା ସମ୍ମାନ ଓ କବୟିତ୍ରୀ ସୁନନ୍ଦା ପ୍ରଧାନଙ୍କୁ ବିଦ୍ୟୁତଲତା ଦେବୀ ସମ୍ମାନ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ କବି ମନ୍ମଥନାଥ ବରାଳ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ରାଜକିଶୋର ଜେନା ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। କବି ଫକୀର ଖଟୁଆ, ଯାମିନୀ ଦାସ, ଶଙ୍କର ସାହୁ, ରାଜୁ ସାମଲ, ଅପର୍ତ୍ତି ସେଠୀ, କୃପାସିନ୍ଧୁ ବିଶ୍ୱାଳ ପ୍ରମୁଖ ୬୦ କବି କବିତା ପାଠ କରିଥିଲେ। କବି ନିକୁଞ୍ଜ ପୃଷ୍ଟି, କବି ଅଶୋକ ସାହୁ କବିତା ପାଠୋତ୍ସବକୁ ସଂଯୋଜନା କରିଥିଲେ। ପଣ୍ଡିତ ପ୍ରତାପ ପତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଭାଗୀରଥି ଜେନା ଧନ୍ୟବାଦ ଦେଇଥିଲେ। ଭାଗବତ ଷଡ଼ଙ୍ଗୀ, ମହେଶ୍ୱର ନାୟକ, କୈଳାସ ରାଉତ ପ୍ରମୁଖ ସହଯୋଗ କରିଥିଲେ। ପ୍ରାରମ୍ଭରେ ନୃତ୍ୟଶିଳ୍ପୀ ପ୍ରଜ୍ଞା ପାରମିତା ରାଉତ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ।

## ବିଦ୍ୟାଳୟରେ ବ୍ୟାଗ୍‌ଲେସ୍ ଦିବସ ପାଳିତ

**ପଟ୍ଟାମୁଣ୍ଡାଇ,୩୦ ।୧୧(ସମିସ):** ପଟ୍ଟାମୁଣ୍ଡାଇ ପୌରାଞ୍ଚଳସ୍ଥିତ ପିଏମଶ୍ରୀ ମନ୍ମଥନାଥ ଉଚ୍ଚ ବିଦ୍ୟାଳୟରେ ବ୍ୟାଗଲେସ ଦିବସ ପାଳିତ ହୋଇଛି। ଏହି ଅବସରରେ ଫୁଡ୍ ଫେଷ୍ଟିଭାଲ ଆୟୋଜନ କରାଯାଇଥିଲା। ପ୍ରଧାନଶିକ୍ଷକ ଅଶୋକ କୁମାର ରାଉତରାୟଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ତହସିଲଦାର ଦିଲୀପ କୁମାର ନାୟକ, ମୁଖ୍ୟବକ୍ତା ଭାବେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧିକାରିଣୀ ବନ୍ଦନା ପାତ୍ର, ସମ୍ମାନିତ ଅତିଥି ଭାବେ ସ୍କୁଲ ପରିଚାଳନା କମିଟି ସଭାପତି ତପନ କୁମାର ଦାଶ, ଆଇନଜୀବୀ ଗୋପୀନାଥ ତ୍ରିପାଠୀ, ବିଦ୍ୟାଳୟର ଶିକ୍ଷୟିତ୍ରୀ ସ୍ୱର୍ଣ୍ଣମୟୀ ନାୟକ, ପୂର୍ବତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ ନିଷିଦ୍ଧ ବାରିକ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ଉନ୍ନତି ଓ ଛାତ୍ରଛାତ୍ରୀଙ୍କ ଶିକ୍ଷା ଓ ସୁରକ୍ଷା ଦିଗରେ ଅଭିଭାବକଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଅଶୋକ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ଏନସିସି ଅଫିସର ସରୋଜ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଅନିତା ଧଳ ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥିମାନେ ଫୁଡ୍ ଷ୍ଟଲରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସ୍ୱାଦିଷ୍ଟ ଖାଦ୍ୟ ଦୋକାନ ବୁଲି ଦେଖିଥିଲେ। ଏଥିରେ ୫୮ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ଓ ସବୁଠାରୁ ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଅଭିଭାବକମାନେ ମଧ୍ୟ ଏଥିରେ ସାମିଲ ହୋଇଥିଲେ। ଖେଳ ଶିକ୍ଷକ ଶଶାଙ୍କ ଶେଖର ସାହୁ, ସ୍କାଉଟ ଶିକ୍ଷକ ଅନିଲ କୁମାର ଦାସ, ଇକୋ କ୍ଲବ ଶିକ୍ଷକ ତାପସ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁଜୟ କୁମାର ରାଉତରାୟ, ଗୋମତି ସ୍ୱାଇଁ, ଜ୍ୟୋତିଲକ୍ଷ୍ମୀ ବେହେରା, ରଶ୍ମିତା ତରାଇ, ମାନସୀ ମହାନ୍ତି ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ପରିବେଷଣ କରାଯାଇଥିଲା।

## ସାଇକଲରୁ ପଡ଼ି ବୃଦ୍ଧ ଗୁରୁତର

**ଆଳି,୩୦ ।୧୧(ସମିସ):** କଟକ-ଚାନ୍ଦବାଲି ରାସ୍ତାର କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ବାଲକାଟୀ ଛକ ନିକଟରେ ଜଣେ ସାଇକଲରୁ ପଡ଼ି ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ବାଲକାଟୀ ଗ୍ରାମର ଡମ୍ବରୁଧର ଦାସ (୬୧)। ତାଙ୍କ ମୁଣ୍ଡ, ମୁହଁ ଓ ଅଣ୍ଟାରେ ଗଭୀର ଆଘାତ ଲାଗିଛି। ଡମ୍ବରୁଧର ଆଳିରୁ ବାଲକାଟୀକୁ ଫେରୁଥିବା ବେଳେ ସାଇକଲରୁ ପଡ଼ିଯାଇଥିଲେ। ଚେତାଶୂନ୍ୟ ଅବସ୍ଥାରେ ସ୍ଥାନୀୟଲୋକେ ତାଙ୍କୁ ଉଦ୍ଧାର କରି ଆଳି ମେଡିକାଲ ଆଣିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। କୌଣସି ଗାଡ଼ି ସାଇଡ୍ ମାରିବାରୁ ସେ ସାଇକଲରୁ ଖସିପଡ଼ି ଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି।

## ବରିଷ୍ଠ ନାଗରିକ ମଞ୍ଚ ବୈଠକ

**ରାଜନଗର,୩୦ ।୧୧(ସମିସ):** ରାଜନଗର ବ୍ଲକ ସଦର ମହକୁମାସ୍ଥିତ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟରେ ବ୍ଲକ ବରିଷ୍ଠ ନାଗରିକ ମଞ୍ଚ ବୈଠକ ଅନୁଷ୍ଠିତ ହୋଇଛି। ସଭାପତି ବସନ୍ତ କୁମାର ହାତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରୁ ଅବସର ନେଇଥିବା ମଞ୍ଚର ଉପଦେଷ୍ଟା କୃପାସିନ୍ଧୁ ସାମଲ ବରିଷ୍ଠ ନାଗରିକଙ୍କ ଦିନଚର୍ଯ୍ୟା ଓ ଖାଦ୍ୟ ପ୍ରଣାଳୀ ସମ୍ପର୍କରେ ଆଲୋଚନା କରିଥିଲେ। ମଞ୍ଚ ସମ୍ପାଦକ ପଦବୀ ଖାଲିଥିବା ସମ୍ପର୍କରେ ସଭାପତି ପ୍ରକାଶ କରିଥିଲେ। ବଳରାମ ତ୍ରିପାଠୀଙ୍କୁ ସର୍ବସମ୍ମତି କ୍ରମେ ସମ୍ପାଦକ ଭାବେ ମନୋନୀତ କରାଯାଇଛି।

**● ପାଟକୁରାରେ ମାରାଥନ ଶିଳାନ୍ୟାସ କାର୍ଯ୍ୟକ୍ରମ**

# ବିକାଶ ହେଉଛି ମୋର ପ୍ରଥମ ଓ ପ୍ରମୁଖ ଦାୟିତ୍ୱ: ବିଧାୟକ

**ଗରଦପୁର,୩୦ ।୧୧(ସମିସ):**

ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ଅବିରତ ଉଦ୍ୟମରେ ଗରଦପୁର ବ୍ଲକର ବିକାଶ ଯାତ୍ରାରେ



ଆଜି ଏକ ନୂତନ ମାଇଲଖୁଣ୍ଟ ସୃଷ୍ଟି ହୋଇଛି। ୨୦ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ପ୍ରକଳ୍ପର ମାରାଥନ ଶିଳାନ୍ୟାସ କାର୍ଯ୍ୟକ୍ରମ କରି ଅଞ୍ଚଳବାସୀଙ୍କୁ ସୁଦୃଢ଼ ବିକାଶର ନୂତନ ଆଶ୍ୱାସନା ଭେଟି ଦେଇଛନ୍ତି ବିଧାୟକ ମହାପାତ୍ର।

ପୂର୍ବାହ୍ନ ୯ଟାରେ ବଙ୍ଗାଳପୁର ପଞ୍ଚାୟତର ହୁରାସାହିରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବିଧାୟକ ୬ କୋଟି ୫୭ ଲକ୍ଷ ୬୩ ହଜାର ଟଙ୍କାରେ ନିର୍ମାଣ ହେବାକୁ ଥିବା ହୁରାସାହି-ସାନକୋରୁଆ ରାସ୍ତାର ଶିଳାନ୍ୟାସ କରିଥିଲେ। ସଭାକୁ ସମ୍ବୋଧିତ କରି ସେ କହିଲେ ପାଟକୁରାର ପ୍ରତ୍ୟେକ ନାଗରିକ ମୋର ପରିବାର ସଦସ୍ୟ। ବିକାଶ ହେଉଛି ମୋର ପ୍ରଥମ ଓ ପ୍ରମୁଖ ଦାୟିତ୍ୱ ବୋଲି କହିଥିଲେ। ପରେ ପାଟସୁରା ପାଇକା ନଦୀ ବାମ ପାଶ୍ୱର୍ରେ ୨ କୋଟି ୧୧ ଲକ୍ଷ ଟଙ୍କା ବ୍ୟୟରେ ପଥର ସ୍ପର ପ୍ରକଳ୍ପ, ପୁଣ୍ଡିଲୋରେ ୨ କୋଟି ୧୨ ଲକ୍ଷ ବ୍ୟୟରେ ଆଉ ଗୋଟିଏ ପଥର ସ୍ପରର ପ୍ରକଳ୍ପ, ବସନ୍ତପୁର ପାଇକା ନଦୀରେ ୩ କୋଟି ୫୦ ଲକ୍ଷ ୨୨ ହଜାର ଟଙ୍କା ବ୍ୟୟରେ ପଥର ସ୍ପର ପ୍ରକଳ୍ପ, ଚିତ୍ରୋପ୍ତଳା ନଦୀର ଶାସନଠାରେ ୩ କୋଟି ୯୩ ଲକ୍ଷ ଟଙ୍କା ବ୍ୟୟରେ ପଥର ସ୍ପର ପ୍ରକଳ୍ପ, ତଳକୁସୁମା ଆମ୍ବିଳେଇଠାରେ ୪ କୋଟି ୫୬ ଲକ୍ଷ ଟଙ୍କା ବ୍ୟୟରେ ସ୍ପର ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ୧୮ ପଞ୍ଚାୟତର ବିଜେଡି ନେତା, ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ। ବ୍ଲକ ଅଧ୍ୟକ୍ଷ ଅଭୟ ମହାରାଜ, ବରିଷ୍ଠ ନେତା କ୍ଷିତୀଶ ଦାସ, ସରପଞ୍ଚ ପ୍ରଭାତ ନଳିନୀ ଜେନା, ସମିତି ସଭ୍ୟ ଦିଲୀପ ସାହୁ, ଗଙ୍ଗାଧର ମିଶ୍ର, ଦିଲୀପ ସେଠୀ, ପୂର୍ବତନ ସରପଞ୍ଚ

**■ ୨୦ କୋଟି ଟଙ୍କାର ଶିଳାନ୍ୟାସ**
**■ ପ୍ରତିଶ୍ରୁତି ଦେଇ ରଖିଲେ ଅରବିନ୍ଦ**

ଅଶୋକ ଜେନା, ସରପଞ୍ଚ ସନ୍ତୋଷ ମାହାଳି, ଜିଲ୍ଲା ପରିଷଦ ସଭ୍ୟ ସତ୍ୟାନନ୍ଦ ରାଉତ, ସୁଧୀର ସାମଲ, ଅବନୀ ମହାପାତ୍ର, ସରପଞ୍ଚ ରଞ୍ଜନ ନାୟକ, ଅମିୟ ନାୟକ, ରାଜେନ୍ଦ୍ର ମଲ୍ଲିକ, ସମିତି ସଭ୍ୟ ବାସୁଦେବ ବେହେରା, ବ୍ରଜକିଶୋର ସାହୁ, ଜିଲ୍ଲା ପରିଷଦ ସଭ୍ୟ ଏଲିଜା ସ୍ୱାଇଁ, ରେବତୀ ଶତପଥୀ, ସଂଗ୍ରାମ ମନ୍ତ୍ରୀ, ସୁକାନ୍ତ ନାୟକ, ରବୀନ୍ଦ୍ର ମହାପାତ୍ର, ସ୍ୱରୂପ ମହାନ୍ତି, ରଘୁନାଥ ବସନ୍ତିଆ, ପ୍ରକାଶ ସାହୁ, ଅରୁଣ ପଟ୍ଟନାୟକ, ଅଜୟ ଦାସ, ଜାଭିର ଅଲ୍ଲୀ, ନାଭେଦ ଜାଫର, ମାଧବାନନ୍ଦ ନାୟକ, ସରପଞ୍ଚ ବନିତା ସ୍ୱାଇଁ, ଗୋଲଖ ସ୍ୱାଇଁ, ଆଶିଷ ମହାନ୍ତି, ବାପି ସାହୁ, ବନିତା ବାରିକ ପ୍ରମୁଖ ଉପସ୍ଥିତ ଥିଲେ।


Best wishes to ‘The Sakala’ for 5th Anniversary

Budha Baba Multispecialty Hospital
A Unit of Add Hospital Pvt. Ltd.
LAXMI BAZAR, JOBRA, CUTTACK- 753003, ODISHA
Mob. : 9439103000/ 9439104000, Email : info@bbmh.in, Website: bbmh.in

OUR SERVICE
- Accident & Emergency, Trauma Care
- Advanced Lap & Endo Urology
- Advanced Laproscopic GI Surgery
- Advanced Onco Surgery
- Cardiology & CTVS
- Cathlab & Interventional Radiology
- Dentistry
- Dermatology & Aesthetic
- Diabetic Foot Care
- Diabetology & Endocrinology
- ENT and Head & Neck Surgery
- Gastroenterology & GI Surgery
- General Medicine
- General Surgery
- ICU & HDU
- Laboratory Services
- Maxillofacial Reconstructive Surgery
- Nephrology & Dialysis Unit
- Neurology
- Neurosurgery
- Obstetrics & Gynaecology
- Onco Surgery
- Oncology
- Ophthalmology
- Orthopedic Surgery
- Paediatrics (Medical & Surgeon)
- Psychiatry & Mental Health
- Pulmonology Medicine
- Radiology
- Re Implantation of Limbs
- Vascular & Endovascular Surgery

24/7 Emergency Services




# ଘରୋଇ ସ୍କୁଲରେ ବିଜ୍ଞାନ ମେଳା

ଗୋବିନ୍ଦପୁର,୩୦ ।୧୧(ସମିସ): ସିଂହପୁରସ୍ଥିତ ସେଣ୍ଟ ଜାଭିୟର ଇଣ୍ଟର୍‌ନ୍ୟାସନାଲ ସ୍କୁଲରେ ଶନିବାର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଏଥିରେ ୨୦ ପ୍ରକଳ୍ପ ପ୍ରଦର୍ଶନ କରଯାଇଥିଲା। ସ୍କୁଲ ଅଧ୍ୟକ୍ଷା ସୁନିତା ନାୟକଙ୍କ ତତ୍ତ୍ୱାବଧାନରେ ମେଳା ହୋଇଥଲା। ମୁଖ୍ୟଅତିଥି ଭାବେ ଖରସ୍ରୋତା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ସତ୍ୟବ୍ରତ ପାଢ଼ୀ, ସମ୍ମାନିତ ଅତିଥି ଭାବେ ଶିକ୍ଷୟିତ୍ରୀ ଲୋପାମୁଦ୍ରା ପରିଡ଼ା, ସାମ୍ବାଦିକ ଅନଙ୍ଗ ଉଦୟ ବେଉରିଆ ପ୍ରମୁଖ ଯୋଗଦେଇ ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିଥିଲେ।

# ଅଚ୍ୟୁତାନନ୍ଦ ମହାପୁରୁଷଙ୍କ ଗାଦି ଓ କଳ୍କୀ ଅବତାରଙ୍କ ପ୍ରଥମ ବାର୍ଷିକ ଉତ୍ସବ

**ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି,୩୦ ।୧୧(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଅଳପୁଆ ପଞ୍ଚାୟତ ଧାନେଶ୍ୱରୀ ପୀଠରେ ଅଚ୍ୟୁତାନନ୍ଦ ମହାପୁରୁଷଙ୍କ ଗାଦି ଓ କଳ୍କୀ ଅବତାର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ବାଲୁଙ୍କେଶ୍ୱର ମାହାରୁଦ୍ର ପୀଠର ପୀଠାଧୀଶ ତପନ କୁମାର ଓଝାଙ୍କ ନିର୍ଦ୍ଦେଶରେ ସେବକ ଗଗନ ମହାଳିକ, ରତିକାନ୍ତ ଧଳ, ପ୍ରସନ୍ନ ରାଉତ, କବି ନୃସିଂହ ରାଉତ, ସରୋଜକାନ୍ତ ଧଳ, ସୁକାନ୍ତି ନାଥଶର୍ମାଙ୍କ ତତ୍ତ୍ୱାବଧାନରେ ଦେବାଶିଷ ଧଳ, ଅନିମା ପ୍ରିୟଦର୍ଶିନୀଙ୍କ ପୌରାହିତ୍ୟରେ ନେମାଳ ଅଚ୍ୟୁତ ପୀଠରୁ ଆଜ୍ଞାମାଳ ଆଣି ଗ୍ରାମରେ ପହଞ୍ଚିଥିଲେ। ଶ୍ରଦ୍ଧାଳୁମାନେ ଗ୍ରାମର ପ୍ରତ୍ୟେକ ଦେବଦେବୀ ମନ୍ଦିର



ପରିକ୍ରମା କରି ପାଞ୍ଚ ଶିବ ମନ୍ଦିରରୁ ପୂଜାର୍ଚ୍ଚନା କରି ଆଜ୍ଞାମାଳ ଆଣି ଅଚ୍ୟୁତଙ୍କ ଗାଦି ନିକଟରେ ପହଞ୍ଚିଥିଲେ। ଉତ୍ସବରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ନାରଦ ଚନ୍ଦ୍ର ବିଶ୍ୱାଳ, ଅଳପୁଆ ସରପଞ୍ଚ ପଦ୍ମିନୀ ବେହେରା, ସମିତି ସଭ୍ୟ ରାମଚନ୍ଦ୍ର ସେଠୀ, ନିରଞ୍ଜନ ବାରିକ, ପୂର୍ବତନ ସମିତ ସଭ୍ୟ ଚନ୍ଦନ ସାହୁ, ରବୀନ୍ଦ୍ର ଧଳ, ଆଦିତ୍ୟ ରାଉତ, ସୁକାନ୍ତ ରାଉତ, ଦିଲୀପ ବିଶ୍ୱାଳ, କିଶୋର ରାଉତ, ବ୍ରଜବିହାରୀ ଧଳ, ଆଶିଷ ଧଳ, ଉମାକାନ୍ତ ରାଉତ, ନିରଞ୍ଜନ ଧଳ, ସଞ୍ଜୟ ସାହୁ, ଶିକ୍ଷାବିତ ବିଚିତ୍ରାନନ୍ଦ ବେହେରା, ପଦ୍ମନାଭ ନାୟକ, କ୍ଷୀରୋଦ ରାଉତ, ରଶ୍ମିକାନ୍ତ ବେହେରା, କଳ୍ପତରୁ ନାୟକ, ନକୁଳ ମଳିକ, ଘନଶ୍ୟାମ ମଳିକ ପ୍ରମୁଖ ଯୋଗଦେଇଥିଲେ। ପଣ୍ଡିତ ପ୍ରଫୁଲ୍ଲ ପଣ୍ଡା, ଶ୍ରୀବନ୍ତ ପଣ୍ଡା, ଅଭିରାମ ପଣ୍ଡା, ପ୍ରଶାନ୍ତ ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ନୀତିକାନ୍ତି ସମ୍ପନ୍ନ ହୋଇଥିଲା।




## ରାଷ୍ଟ୍ରବାଦୀ କବିତା ମହୋତ୍ସବ ପ୍ରସ୍ତୁତି ବୈଠକ


**କେନ୍ଦ୍ରାପଡ଼ା,୩୦ ।୧୧(ସମିସ):** ରାଷ୍ଟ୍ରବାଦୀ ସାମାଜିକ ସଂଗଠନ ଜୟ ରାଷ୍ଟ୍ର ଚାରିଟେବଲ୍ ଟ୍ରଷ୍ଟ ପକ୍ଷରୁ ଆସନ୍ତା ଡିସେମ୍ବର ୨୧ ତାରିଖ କେନ୍ଦ୍ରାପଡ଼ାରେ ଚତୁର୍ଥ ରାଷ୍ଟ୍ରବାଦୀ କବିତା ମହୋତ୍ସବ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ରବିବାର ସ୍ଥାନୀୟ ଗୋପ ରାମ ମନ୍ଦିର ପ୍ରାଙ୍ଗଣରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। କବିତା ମହୋତ୍ସବରେ ରାଜ୍ୟର ବିଭିନ୍ନ ସ୍ଥାନରୁ କବିମାନେ ଯୋଗଦେଇ ଦେଶାତ୍ମବୋଧକ କବିତା ପାଠ କରିବେ। ପୂର୍ବବର୍ଷ ପରି ଚଳିତ ବର୍ଷ ମଧ୍ୟ ଓଡ଼ିଶାର ଜଣେ ବିଶିଷ୍ଟ କବିଙ୍କୁ "ଜୟରାଷ୍ଟ୍ର କବିତା ସମ୍ମାନ' ପ୍ରଦାନ କରାଯିବ। ଜୟ ରାଷ୍ଟ୍ର ସଂଗଠନର ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ପଙ୍କଜ ସିହ୍ନା, ବାବା ଗୁରୁକୃଷ୍ଣ ଦାସ, ବିଦ୍ୟୁଲତା ପତି, ରବିନାରାୟଣ ପତି, ରଶ୍ମିରଞ୍ଜନ ସ୍ୱାଇଁ, ନିରଞ୍ଜନ ମହାରଣା, ଜ୍ଞାନରଞ୍ଜନ ଦାସ, ସୁଶାନ୍ତ ନାୟକ, ଜ୍ୟୋତିରଞ୍ଜନ ନାୟକ ପ୍ରମୁଖ ଯୋଗଦେଇ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।


## ସମାଜସେବୀଙ୍କ ପରଲୋକ

**ପଞ୍ଚୁପାଣ୍ଡବ,୩୦ ।୧୧(ସମିସ):** ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ବେଲାରପୁର ଗ୍ରାମର ସମାଜସେବୀ ଶୁକଦେବ କାଣ୍ଡି (୬୮)ଙ୍କ ପରଲୋକ ହୋଇଛି। ସେ କିଛି ଦିନ ହେଲା ଅସୁସ୍ଥ ଥିଲେ। ରବିବାର ପୂର୍ବାହ୍ନ ୧୧ଟାରେ ତାଙ୍କର ଦେହାନ୍ତ ହୋଇଛି। ସ୍ୱର୍ଗତ କାଣ୍ଡି ଜଣେ ବିଜେଡି କର୍ମୀ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ଦେହାନ୍ତରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପୁଅ ଡୋରା କାଣ୍ଡି ମୁଖାଗ୍ନି ଦେଇଥିଲେ।

## କଲେଜ ପ୍ରତିଷ୍ଠାତାଙ୍କ ଶ୍ରାଦ୍ଧୋତ୍ସବ

**ଡେରାବିଶ,୩୦ ।୧୧(ସମିସ):** ଡେରାବିଶ ବ୍ଲକ ଚାନ୍ଦୋଳସ୍ଥିତ ହୃଦୟାନନ୍ଦ ନାଏକ ସ୍ମାରକୀ ମହାବିଦ୍ୟାଳୟର ପ୍ରତିଷ୍ଠାତା ହୃଦୟାନନ୍ଦ ନାୟକଙ୍କ ୩୧ତମ ଶ୍ରାଦ୍ଧଦିବସ ମହାବିଦ୍ୟାଳୟ ପରିସରରେ ପାଳିତ ହୋଇଛି। ଅଧ୍ୟକ୍ଷ ଅକ୍ଷୟ କୁମାର ବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ଅଧ୍ୟକ୍ଷ ଶ୍ରୀନିବାସ ଭୂୟାଁ ମୁଖ୍ୟଅତିଥି, ପ୍ରାଧ୍ୟାପକ ବିନୟ କୁମାର ଷଡ଼ଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ମହାବିଦ୍ୟାଳୟ ପ୍ରତି ହୃଦୟାନନ୍ଦଙ୍କ ସମର୍ପଣ ଭାବ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରାଧ୍ୟାପିକା ଶ୍ରୀମତୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଚଳିତ ବର୍ଷ ମହାବିଦ୍ୟାଳୟରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଷ୍ଟାଫ୍ କାଉନ୍‌ସିଲ୍‌ର ସହସମ୍ପାଦକ ଅଧ୍ୟାପକ ପ୍ରତାପ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଷ୍ଟାଫ କାଉନ୍‌ସିଲ ସମ୍ପାଦକ ସୁକନ୍ୟା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ମିନାକ୍ଷୀ ପ୍ରଧାନ, ଝରାଶ୍ରୀ ପରିଜା, ବରଦା ପ୍ରସନ୍ନ ଜେନା, ଦିବ୍ୟକୁମାର ଦାସ, ରମାକାନ୍ତ ଦାସ, ତେଜସ୍ୱିନୀ ଦାସ ପ୍ରମୁଖ ସହଯୋଗ କରିଥିଲେ।












## ଆଜିର ରାଶିଫଳ

**ମେଷ:** ଦୀର୍ଘ ଦିନର ଆଶା ପୂରଣ ହେବ। କର୍ମକ୍ଷେତ୍ରରେ ପ୍ରଶଂସିତ ହୋଇପାରନ୍ତି। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ବୃଷ:** ବ୍ୟସ୍ତତା ଭିତରେ ଦିନ କଟିପାରେ। ଅତିଥି ସତ୍କାର କରିବେ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିପାରନ୍ତି।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଚାକିରିରେ ନୂଆ ସୁଯୋଗ ଜୁଟିପାରେ। ଅଯଥା ଖର୍ଚ୍ଚାନ୍ତ ହୋଇପାରନ୍ତି।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁନି।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ମହିଳାମାନେ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। କୌଣସି କଥାକୁ ନେଇ ମନ ଉଣା କରିପାରନ୍ତି।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଦାନ ଧର୍ମ କରନ୍ତୁ।

**ମୀନ:** ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ।

## ଆଜିର ଇତିହାସ

- ୧୯୩୩: କଲିକତା ଓ ଢାକା ମଧ୍ୟରେ ବିମାନ ସେବା ଆରମ୍ଭ ହେଲା।
- ୧୯୫୯: ମହାକାଶରୁ ପୃଥିବୀପୃଷ୍ଠର ପ୍ରଥମ ରଙ୍ଗିନ ଫଟୋ ନିଆଗଲା।
- ୧୯୬୩: ନାଗାଲାଣ୍ଡ ଭାରତର ୧୬ତମ ରାଜ୍ୟ ହେଲା।
- ୧୯୬୫: ସୀମା ସୁରକ୍ଷା ବଳର ସ୍ଥାପନା।
- ୧୯୯୧: ଏଡ୍‌ସ ସଚେତନ ଦିବସ ଆରମ୍ଭ।

# ମିଷ୍ଟ୍ରି ମ୍ୟାନ୍‌ଙ୍କ ସହ ମଲାଇକା



ଫିଟ୍‌ନେସ୍ କ୍ୱିନ୍ ମଲାଇକା ଅରୋଡ଼ା ତାଙ୍କ ବୃତ୍ତିଗତ ଜୀବନ ଅପେକ୍ଷା ବ୍ୟକ୍ତିଗତ ଜୀବନକୁ ନେଇ ଅଧିକ ଚର୍ଚ୍ଚାରେ ରୁହନ୍ତି। ଅର୍ଜୁନ୍ କପୁରଙ୍କ ସହ ବ୍ରେକ୍‌ଅପ୍ ପରେ ମଲାଇକାଙ୍କୁ କିଛି ଦିନ ହେଲାଣି ଜଣେ ମିଷ୍ଟ୍ରି ମ୍ୟାନ୍‌ଙ୍କ ସହ ଦେଖିବାକୁ ମିଳୁଛି। ନିକଟରେ ମଲାଇକାଙ୍କ ଏକ ଭିଡିଓ ଭାଇରାଲ ହୋଇଛି। ଏଥିରେ ସେ ମୁମ୍ବାଇର ବିମାନବନ୍ଦରରେ ଜଣେ ମିଷ୍ଟ୍ରି ମ୍ୟାନ୍‌ଙ୍କ ସହ ନଜର ଆସିଛନ୍ତି। ମଲାଇକା କଳା ରଙ୍ଗର ଟିସାର୍ଟ ସହ ଟ୍ରାଉଜର୍ ପିନ୍ଧିଥିବାବେଳେ ଯୁବକ ଜଣକ ତାଙ୍କୁ ମ୍ୟାଚ୍ କଲାଭଳି ଜିନ୍ସ, ସାର୍ଟ ଓ ବ୍ଲେଜର୍ ପିନ୍ଧିଥିଲେ। ମଲାଇକାଙ୍କ ସହ ନଜର ଆସିଥିବା ଯୁବକ ଜଣକ ମୁହଁରେ ମାସ୍କ ପିନ୍ଧି ଚେହେରା ଲୁଚାବାକୁ ଚେଷ୍ଟା କରିଥିଲେ। ଭିଡିଓ ଭାଇରାଲ ହେବା ପରେ ଏବେ ଏହି ମିଷ୍ଟ୍ରି ମ୍ୟାନ୍‌ଙ୍କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ତେବେ ଏହି ଯୁବକ ଜଣକ ହୀରା ବ୍ୟବସାୟୀ ହର୍ଷ ମେହେତା ବୋଲି ଚର୍ଚ୍ଚା ହେଉଛି। ଏହାପୂର୍ବରୁ ମୁମ୍ବାଇର ଏକ କନସର୍ଟ ସମୟରେ ମଧ୍ୟ ହର୍ଷଙ୍କୁ ମଲାଇକାଙ୍କ ସହ ଦେଖାଯାଇଥିଲା। ଏହି ଭିଡିଓ ଭାଇରାଲ ହେବା ପରେ ପୁଣିଥରେ ମଲାଇକା ପ୍ରେମରେ ପଡ଼ିଥିବା ଚର୍ଚ୍ଚା ହେବାକୁ ଲାଗିଲାଣି।

# ବିଶ୍ୱ ଏଡ୍‌ସ ଦିବସ





ପ୍ରତିବର୍ଷ ଡିସେମ୍ବର ୧ ତାରିଖକୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ 'ବିଶ୍ୱ ଏଡସ୍ ଦିବସ' ଭାବେ ପାଳନ କରାଯାଉଛି। ଏଡ୍‌ସ ନିୟନ୍ତ୍ରଣ ଓ ନିରାକରଣ ଉଦ୍ଦେଶ୍ୟରେ ଏହି ଦିବସ ସମର୍ପିତ। ଏହି ଦୂରାରୋଗ୍ୟ ବ୍ୟାଧିରୁ ଦୂରେଇ ରହିବା ପାଇଁ ଲୋକଙ୍କୁ ସଚେତନ କରାଇବା ଏହି ଦିବସର ମୂଳ ଲକ୍ଷ୍ୟ। କେବଳ ସଚେତନତା ହିଁ ଏଡ୍‌ସ କବଳରୁ ବର୍ତ୍ତିବାର ଏକ ମାତ୍ର ଉପାୟ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି। ଏଚ୍‌ଆଇଭି ଏକ ଗମ୍ଭୀର ଓ ମାରାତ୍ମକ ରୋଗ। ଡାକ୍ତରୀ ଭାଷାରେ ଏହାକୁ ହ୍ୟୁମାନ୍ ଇମ୍ୟୁନୋ ଡେଫିସିଏନ୍ସି ଭାଇରସ୍ (HIV) କୁହାଯାଏ। ସାଧାରଣ ଲୋକେ ଏହାକୁ ଏଡ୍‌ସ ଅର୍ଥାତ୍ ଏକ୍ୱାୟର୍ଡ ଇମ୍ୟୁନୋ ଡେଫିସିଏନ୍ସି ସିଣ୍ଡ୍ରୋମ୍ ଭାବରେ ଜାଣନ୍ତି। ଏଥିରେ ଥିବା ମାରାତ୍ମକ ସଂକ୍ରମଣ ବ୍ୟକ୍ତିର ଶରୀରର ପ୍ରତିରୋଧକ କ୍ଷମତା ଉପରେ ଆକ୍ରମଣ କରିଥାଏ, ଯେଉଁ କାରଣରୁ ଶରୀର ସାଧାରଣ ରୋଗ ବିରୁଦ୍ଧରେ ଲଢ଼ିବାକୁ ସକ୍ଷମ ହୁଏ ନାହିଁ। ଏଚ୍‌ଆଇଭି ପଜିଟିଭ୍ ଲୋକଙ୍କ ବିଷୟରେ ସାଧାରଣ ଲୋକଙ୍କର ଅନେକ ଭୁଲ ଧାରଣା ରହିଛି, ଏହି ଦିନ ସେମାନଙ୍କର ଏହି ଭୁଲ୍ ଧାରଣାକୁ ହଟାଇବା ପାଇଁ ପ୍ରୟାସ କରାଯାଏ। ଏହି ଦିବସ ପାଳନ ଅବସରରେ ଏଡ୍‌ସ ପୀଡ଼ିତମାନଙ୍କୁ ବାଛବିଚାର ନ କରି ସେମାନଙ୍କୁ ସହଯୋଗର ହାତ ବଢ଼ାଇବା ପାଇଁ ଜାତିସଂଘର ପକ୍ଷରୁ ଆହ୍ୱାନ ଦିଆଯାଇଛି। ଏଡ୍‌ସ ଦିବସ ଅବସରରେ ଅନେକ ସରକାରୀ ସଂସ୍ଥା ଓ ବେସରକାରୀ ସଂସ୍ଥା ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ କରାଯାଇ ଲୋକଙ୍କୁ ସଚେତନ କରିବାକୁ ପ୍ରୟାସ କରାଯାଏ।

# ସ୍ତ୍ରୀ ମାଗିଲେ ସ୍ୱାମୀଙ୍କୁ ପୋଷା ବିଲେଇର ଖର୍ଚ୍ଚ



ଦାମ୍ପତ୍ୟ ଜୀବନରେ ବେଳେବେଳେ ସମସ୍ୟା ଯୋଗୁ ସ୍ୱାମୀ ସ୍ତ୍ରୀ ଅଲଗା ରହିବାକୁ ବାଧ୍ୟ ହୋଇଥାନ୍ତି। ଆଇନ ବ୍ୟବସ୍ଥାରେ ଏହାକୁ ଛାଡ଼ପତ୍ର କୁହାଯାଇଥାଏ। ତୁର୍କୀରେ ଛାଡ଼ପତ୍ରକୁ ନେଇ ଏକ ବିଚିତ୍ର ମାମଲା ସାମ୍ନାକୁ ଆସିଛି। ଏଠାରେ ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ଛାଡ଼ପତ୍ର ଦେଇଛନ୍ତି। ହେଲେ ଛାଡ଼ପତ୍ର ପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ତାଙ୍କ ସ୍ତ୍ରୀ ବିଲେଇର ଦେଖାଶୁଣା ପାଇଁ ବିଲେଇ ଭତ୍ତା ମାଗିଛନ୍ତି। ଯାହାକି ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ବୁଗ୍ରା ନାମକ ଏହି ବ୍ୟକ୍ତିଙ୍କ ବିବାହ ଏଜ୍‌ଗୀଙ୍କ ସହିତ ହୋଇଥିଲା। ହେଲେ ବିବାହର ଦୁଇ ବର୍ଷ ପରେ ପତିପତ୍ନୀ ଅଲଗା ହୋଇଯିବାକୁ ନିଷ୍ପତ୍ତି ନେଇଥିଲେ। ଛାଡ଼ପତ୍ର ପରେ ସେମାନଙ୍କର ଦୁଇ ପୋଷା ବିଲେଇର ଯତ୍ନ ଏଜ୍‌ଗୀ ନେବେ ବୋଲି ଅଦାଲତରେ ସ୍ଥିର ହୋଇଥିଲା। ହେଲେ ବିଲେଇ ଦୁଇଟିର ଖର୍ଚ୍ଚ ଏଜ୍‌ଗୀ କିପରି ଉଠାଇବେ, ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କଲା। ଏଭଳି ସ୍ଥିତିରେ ଅଦାଲତ କହିଲେ ଯେ, ବୁଗ୍ରା ଆଗାମୀ ୧୦ ବର୍ଷ ପର୍ଯ୍ୟନ୍ତ ପ୍ରତି ତିନି ମାସରେ ବିଲେଇ ଖର୍ଚ୍ଚ ବାବଦକୁ ୨୧ ହଜାର ୫ଶହ ଟଙ୍କା ଏଜ୍‌ଗିଙ୍କୁ ଦେବେ। ଏହି ଅର୍ଥ ବୁଗ୍ରା ବିଲେଇର ଦେଖାଶୁଣା, ଟିକାକରଣ ଏବଂ ଖାଦ୍ୟ ବାବଦକୁ ପ୍ରଦାନ କରିବେ। କେବଳ ସେତିକି ନୁହେଁ, ପ୍ରତିବର୍ଷ ମୁଦ୍ରାସ୍ଫୀତି ଅନୁସାରେ ଏହି ପରିମାଣକୁ ନିୟନ୍ତ୍ରିତ କରାଯିବ ଏବଂ ବିଲେଇ ଦୁହିଁଙ୍କ ମୃତ୍ୟୁ ପରେ ଏହି ଧାରା ବନ୍ଦ ହେବ। ଅନ୍ୟପଟେ ବୁଗ୍ରାଙ୍କୁ ବିଲେଇ ଭତ୍ତା ସମେତ ଏଜ୍‌ଗୀଙ୍କୁ ଅତିରିକ୍ତ ୧୧.୫ ଲକ୍ଷ ଟଙ୍କା ଭରଣପୋଷଣ ବାବଦରେ ଦେବାକୁ ପଡ଼ିବ। ଏନେଇ ଆଇନ ବିଶେଷଜ୍ଞ ଅୟଲିନ୍ ଏସରା ଏରେନଙ୍କ କହିବା କଥା, ତୁର୍କୀରେ ପୋଷା ପ୍ରାଣୀଙ୍କୁ ଏକ ମାଇକ୍ରୋଚିପ୍ ସହିତ ପଞ୍ଜିକୃତ କରାଯାଏ ଏବଂ ଯାହାଙ୍କ ନାମରେ ସେମାନେ ପଞ୍ଜିକୃତ ହୋଇଥାନ୍ତି, ସେମାନେ ପୋଷା ପ୍ରାଣୀର ଆଇନଗତ ମାଲିକ ହୋଇଥାନ୍ତି। ତେବେ ତୁର୍କୀରେ ପ୍ରାଣୀଙ୍କୁ ଛାଡ଼ିଦେବା ଏବଂ ଦେଖାଶୁଣା ନ କରିବାକୁ ଅପରାଧ ବୋଲି ବିବେଚନା କରାଯାଏ। କାରଣ ସେଠାକାର ପ୍ରାଣୀ ସୁରକ୍ଷା ଆଇନ ଅନୁଯାୟୀ, ପୋଷା ପ୍ରାଣୀଙ୍କୁ ସମ୍ପତ୍ତି ଭାବରେ ନୁହେଁ, ବରଂ ଜୀବନ୍ତ ପ୍ରାଣୀ ଭାବରେ ଦେଖାଯାଏ। ଏ ଦୃଷ୍ଟିରୁ କେହି ନିଜ ପୋଷା ପ୍ରାଣୀଙ୍କୁ ରାସ୍ତାରେ ଛାଡ଼ି ଦେଲେ ୧୪୦୦ ଡଲାର ଜରିମାନା ଦେବାକୁ ପଡ଼ିଥାଏ। ଏରେନ୍ କହିଛନ୍ତି ଯେ, 'ଏହି ମାମଲା ତୁର୍କୀର ପାରିବାରିକ ଆଇନ ପାଇଁ ଐତିହାସିକ। କାରଣ ପ୍ରଥମ ଥର ପାଇଁ ଅଦାଲତ ପୋଷା ପ୍ରାଣୀଙ୍କ ଯତ୍ନ ପାଇଁ ଆଇନଗତ ଦାୟିତ୍ୱ ନେବାର ନିଷ୍ପତ୍ତି ନେଇଛନ୍ତି।'



# ଭାରତକୁ ଜିତାଇଲେ କୋହଲି, କୁଲଦୀପ

ରାଞ୍ଚି,୩୦।୧୧(ଏଜେନ୍ସି)




ବିରାଟ କୋହଲି (୧୩୫)ଙ୍କ ଶତକ, କୁଲଦୀପ ଯାଦବ (୪/୬୮) ଓ ହର୍ଷିତ ରାଣା (୩/୬୫)ଙ୍କ ସୁନ୍ଦର ବୋଲିଂ ସହାୟତାରେ ଏଠାରେ ରବିବାର ଖେଳାଯାଇଥିବା ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଭାରତ ୧୭ ରନ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଏହା ଫଳରେ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଭାରତ ୧-୦ରେ ଆଗୁଆ ରହିଥିଲାବେଳେ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ରାୟପୁରରେ ଡିସେମ୍ବର ୩ ତାରିଖରେ ଖେଳାଯିବ। ଏହି ମ୍ୟାଚ୍‌ରେ ଦିନିକିଆ କ୍ରିକେଟରେ ରେକର୍ଡ ୫୨ତମ ଶତକ ହାସଲ କରିଥିବା ଭାରତର କୋହଲିଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଏହି ମ୍ୟାଚ୍‌ରେ ଭାରତ କ୍ରମାଗତ ୧୯ତମ ଥର ଲାଗି ଟସ୍ ହାରିବା ପରେ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୮ ୱିକେଟ ହରାଇ ୩୪୯ ରନ୍ କରିଥିଲା। ଦଳ ପକ୍ଷରୁ କୋହଲି ଶତକ ହାସଲ କରିବା ସହ ଦ୍ୱିତୀୟ ୱିକେଟରେ ରୋହିତ ଶର୍ମାଙ୍କ ସହ ୧୩୬ ରନ୍‌ର ଭାଗୀଦାରି କରିଥିଲେ। ରୋହିତ ୫୭, କାମଚଲା ଅଧିନାୟକ ଲୋକେଶ ରାହୁଲ ୬୦ ଓ ରବୀନ୍ଦ୍ର ଜାଡେଜା ୨୦ ବଲ୍‌ରୁ ୩୨ ରନ୍ କରିଥିଲେ। ଜବାବରେ ୩୫୦ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଓଭରରେ ୨ୱିକେଟ ହରାଇ ବିପଦରେ ପଡ଼ିଥିଲା। ୧୧ ରନ୍‌ରେ ଦଳ ତୃତୀୟ ୱିକେଟ ହରାଇଥିଲା। ୧୩୦ରନ୍‌ରେ ପ୍ରଥମ ୫ଜଣ ଖେଳାଳି ଆଉଟ ହେବା ପରେ ମାଥ୍ୟୁ ବ୍ରିଜ୍‌କେ ୭୨ ଓ ମାର୍କୋ ଜାନ୍‌ସେନ୍ ୭୦ରନ୍ କରିବା ସହ ୬ଷ୍ଠ ୱିକେଟ୍‌ରୁ ୬୯ବଲ୍‌ରୁ ୯୭ରନ୍ ଉଠାଇ ଭାରତୀୟ ଶିବିରରେ ନିରାଶା ଭରିଥିଲେ। ଏହି ସମୟରେ ବା ୩୪ତମ ଓଭର ବୋଲିଂ କରିବାକୁ ଆସି କୁଲଦୀପ ଯାଦବ ପ୍ରଥମ ୩ଟି ବଲ୍‌ରେ ଉଭୟଙ୍କୁ ଆଉଟ କରି ଭାରତକୁ ମ୍ୟାଚ୍‌କୁ ଫେରାଇଆଣିଥିଲେ। ଶେଷ ଭାଗରେ ଅଲରାଉଣ୍ଡର କୋର୍ବିନ ବୋଷ୍ଟ ୫୧ବଲ୍‌ରୁ ୬୭ରନ୍ ଉଠାଇ ଭାରତର ବିଜୟ ବିଳମ୍ବିତ କରିଥିଲେ। ଟୋନି ଡି ଜୋର୍ଜି ୩୯, ଡିୱାଲ୍ଡ ବ୍ରେଭିସ୍ ୩୭ ରନ୍‌ର ଯୋଗଦାନ ଦେଇଥିଲେ। ଭାରତ ପକ୍ଷରୁ କୁଲଦୀପ ଯାଦବ ସର୍ବାଧିକ ୪ଟି, ହର୍ଷିତ ରାଣା ୩ଟି ଏବଂ ଅର୍ଶଦୀପ ସିଂହ ୨ଟି ୱିକେଟ ପାଇଥିଲେ।

### ସଂକ୍ଷିପ୍ତ ସ୍କୋର

**ଭାରତ:** ୩୪୯/୮, ୫୦ ଓଭର (କୋହଲି- ୧୩୫, ରାହୁଲ-୬୦, ରୋହିତ- ୫୭, ବାର୍ଟମ୍ୟାନ୍-୨/୬୦, ବର୍ଗର-୨/୬୫, ବୋଷ୍ଟ-୨/୬୬, ଜାନସେନ୍-୨/୭୬)
**ଦକ୍ଷିଣ ଆଫ୍ରିକା:** ୩୩୨/୧୦, ୪୯.୨ ଓଭର (ବ୍ରିଜ୍‌କେ- ୭୨, ଜାନସେନ-୭୦, ବୋଷ୍ଟ- ୬୭, କୁଲଦୀପ- ୪/୬୮, ହର୍ଷିତ-୩/୬୫, ଅର୍ଶଦୀପ-୨/୬୪)।

## ରୋ-କୋ’ଙ୍କ ବିଶ୍ୱରେକର୍ଡ

**ରାଞ୍ଚି,୩୦।୧୧(ଏଜେନ୍ସି):** ଭାରତୀୟ କ୍ରିକେଟର ଦୁଇ ପ୍ରବାଦ ପୁରୁଷ ରୋହିତ ଶର୍ମା ଓ ବିରାଟ କୋହଲି ଏଠାରେ ରବିବାର ଖେଳାଯାଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଦିନିକିଆରେ ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛନ୍ତି। ଏହି ମ୍ୟାଚ୍‌ରେ ୫୭ ରନ୍ କରିଥିବା ରୋହିତ ଶର୍ମା ୩ଟି ଛକା ମାରିଥିଲେ। ଏହା ଫଳରେ ସେ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ୩୫୨ଟି ଛକା ମାରି ପାକିସ୍ତାନର ସାହିଦ୍ ଆଫ୍ରିଦୀଙ୍କ ନାମରେ ଥିବା ବିଶ୍ୱରେକର୍ଡକୁ ଭାଙ୍ଗିଦେଇଥିଲେ। ଆଫ୍ରିଦୀ ୩୫୧ଟି ଛକା ମାରିଥିଲେ। ସେହିପରି ବିରାଟ କୋହଲି ଏଠାରେ ୫୨ତମ ଦିନିକିଆ ଶତକ ହାସଲ କରିଛନ୍ତି। ଏହା ଫଳରେ ସେ ଅନ୍ତର୍ଜାତୀୟ କ୍ରିକେଟର ଗୋଟିଏ ଫର୍ମାଟରେ ସର୍ବାଧିକ ଶତକରେ ସଚିନ ତେନ୍ଦୁଲକରଙ୍କ ରେକର୍ଡ ଭାଙ୍ଗିଦେଇଛନ୍ତି। ସଚିନ ଟେଷ୍ଟ କ୍ରିକେଟରେ ୫୧ଟି ଶତକ ହାସଲ କରିଛନ୍ତି। ଭାରତର ସମ୍ମାନ ରକ୍ଷା କରିଥିବା ରୋ-କୋ (ରୋହିତ ଶର୍ମା- ବିରାଟ କୋହଲି) ଏଠାରେ ଆଜି ଦୁଇଟି ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିବାରେ ସମର୍ଥ ହୋଇଛନ୍ତି।

## ବାରବାଟୀ ଟି-୨୦ ଆଜି ଦିନ ୨ଟାରୁ ଅନଲାଇନ୍ ଟିକଟ ବୁକିଂ

କଟକ,୩୦।୧୧(ସମିସ): ଡିସେମ୍ବର ୯ରେ ବାରବାଟୀ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଭାରତ-ଦକ୍ଷିଣଆଫ୍ରିକା ବିପକ୍ଷ ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ପାଇଁ ସୋମବାର ପ୍ରଥମ ପର୍ଯ୍ୟାୟ ଟିକଟ୍ ବିକ୍ରି ଆରମ୍ଭ ହେବ। ଦିନ ୨ଟାରୁ ଆରମ୍ଭ ହେବ ଅନଲାଇନ୍ ଟିକଟ ବୁକିଂ। ଡିଷ୍ଟ୍ରିକ୍ଟ ବାଏ ଜୋମାଟୋ ଆପ୍ଲିକେସନ ଏବଂ ୱେବସାଇଟ୍‌ରେ କ୍ରିକେଟପ୍ରେମୀ ଟିକଟ ବୁକ୍ କରିପାରିବେ। ଏଥର ମାତ୍ର ୨ହଜାର ଟିକଟ ଅନଲାଇନ୍‌ରେ ଉପଲବ୍ଧ ହେବ ବୋଲି ଆଜି ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ସୂଚନା ଦିଆଯାଇଛି। ଅନଲାଇନ୍ ଟିକଟ କ୍ରେତାମାନଙ୍କ ପାଇଁ ଡିସେମ୍ବର ୮ ଏବଂ ୯ ତାରିଖରେ କେମ୍ବ୍ରିଜ ସ୍କୁଲରେ ସ୍ୱତନ୍ତ୍ର କାଉଣ୍ଟର ଖୋଲାଯିବ। ସେଠାରୁ ସେମାନେ ଟିକଟ୍‌ର ହାର୍ଡକପି ସଂଗ୍ରହ କରିବେ। ତେବେ ଗ୍ୟାଲେରୀ ନଂ-୨, ୪, ୭ ସହିତ ନ୍ୟୁ ପ୍ୟାଭିଲିୟନ, ସ୍ପେଶିଆଲ ଏନକ୍ଲୋଜର ଏବଂ ଏସି ଗ୍ୟାଲେରୀ ବକ୍ସର ଟିକଟ କେବଳ ଅନଲାଇନ୍‌ରେ ବୁକିଂ ହୋଇପାରିବ। ଜଣେ ବ୍ୟକ୍ତି ୨ଟି ଟିକଟ ହିଁ ଅନଲାଇନ୍‌ରେ କିଣି ପାରିବେ। ଆସନ୍ତା ୭ ତାରିଖରେ ଉଭୟ ଭାରତ ଏବଂ ଦକ୍ଷିଣଆଫ୍ରିକା ଦଳ ଭୁବନେଶ୍ୱରରେ ପହଞ୍ଚିବେ। ୮ ତାରିଖରେ ଉଭୟ ଦଳ ଅଭ୍ୟାସ ପାଇଁ କଟକ ଆସିବେ। ଦିନ ସମୟରେ ଭାରତ ଏବଂ ସନ୍ଧ୍ୟା ସମୟରେ ଦକ୍ଷିଣଆଫ୍ରିକା ଦଳର ଅଭ୍ୟାସ ସୂଚୀ ଧାର୍ଯ୍ୟ କରାଯାଇଛି। ଅଭ୍ୟାସ ଦେଖିବା ନିମନ୍ତେ ଗ୍ୟାଲେରୀ ନଂ-୬ ଏବଂ ୭ ଫାଟକ ଖୋଲା ରଖାଯିବ। ଡିସେମ୍ବର ୩ ଏବଂ ୪ ତାରିଖରେ ଓସିଏ ସହ ଅନୁବନ୍ଧିତ ୟୁନିଟ ଗୁଡିକୁ ଟିକଟ ବିକ୍ରି କରାଯିବ। ମୋଟ୍ ୪୨ହଜାର ଟିକଟ ଭିତରୁ ୧୧ହଜାର ଟିକଟ ଅନୁବନ୍ଧିତ ୟୁନିଟ କିଣିବେ। ୧୦ହଜାର ଟିକଟ କାଉଣ୍ଟରକୁ ପଠାଯିବ ବୋଲି ସାମ୍ବାଦିକ ସମ୍ମିଳନୀ ଜରିଆରେ ସୂଚନା ଦିଆଯାଇଛି। ଡିସେମ୍ବର ୫ ତାରିଖରେ ବାରବାଟୀ ଷ୍ଟାଡିୟମ ନିକଟରେ ଟିକଟ କାଉଣ୍ଟର ଖୋଲିବ। ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ସିଇଓ ସୁବ୍ରତ ବେହେରା ଉପସ୍ଥିତ ଥିଲେ।

## ତ୍ରିସା-ଗାୟତ୍ରୀ ଯୋଡ଼ି ଚାମ୍ପିଅନ; ଶ୍ରୀକାନ୍ତ ରନର୍ସ

**ଲକ୍ଷ୍ନୌ, ୩୦।୧୧ (ଏଜେନ୍ସି):** ଟପ୍ ସିଡ୍ ତ୍ରିସା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ଯୋଡ଼ି ଏଠାରେ ଚାଲିଥିବା ୨.୧୪ କୋଟି ପୁରସ୍କାର ରାଶିବିଶିଷ୍ଟ ସୟଦ ମୋଦି ଇଣ୍ଟରନ୍ୟାସନାଲ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଛନ୍ତି। ରବିବାର ଅନୁଷ୍ଠିତ ମହିଳା ଡବଲ୍ସ ଫାଇନାଲରେ ତ୍ରିସା-ଗାୟତ୍ରୀ ଯୋଡ଼ି ୧୭-୨୧, ୨୧-୧୩, ୨୧-୧୫ ଗେମରେ ଜାପାନର କାହୋ ଓସାୱା ଓ ମାଇ ତାନାବେ ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ଏଥିସହ ଏହି ଭାରତୀୟ ଯୋଡ଼ି କ୍ରମାଗତ ୨ୟ ଦ୍ୱିତୀୟଥର ଲାଗି ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ତେବେ ପୁରୁଷ ସିଙ୍ଗଲ୍ସରେ ଘରୋଇ ତାରକା କିଦାମ୍ବୀ ଶ୍ରୀକାନ୍ତଙ୍କୁ ନିରାଶ ହେବାକୁ ପଡ଼ିଛି। ଫାଇନାଲରେ ଶ୍ରୀକାନ୍ତ ୧୬-୨୧, ୨୧-୮, ୨୦-୨୨ ଗେମରେ ହଂକଂର ଜାସନ ଗୁନାୱାନଙ୍କ ନିକଟରୁ ହାରି ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଛନ୍ତି।

## ଅଭିଷେକଙ୍କ ବିସ୍ଫୋରକ ବ୍ୟାଟିଂ

### ୧୨ ବଲ୍‌ରେ ଅର୍ଦ୍ଧଶତକ, ୩୨ ବଲରେ ଶତକ

**ହାଇଦରାବାଦ, ୩୦।୧୧ (ଏଜେନ୍ସି):** ଭାରତୀୟ ଦଳର ଯୁବ ଓପନର୍ ଅଭିଷେକ ଶର୍ମା ଚଳିତ ସୟଦ ମୁସ୍ତାକ ଅଲି ଟି-୨୦ରେ ବିସ୍ଫୋରକ ଶତକୀୟ ପାଳି ଖେଳିଛନ୍ତି। ପଞ୍ଜାବ ପକ୍ଷରୁ ଖେଳୁଥିବା ଅଭିଷେକ ରବିବାର ଏଠାରେ ବେଙ୍ଗଲ ବିପକ୍ଷରେ ୫୨ ବଲରେ ୧୪୮ ରନର ମାରାଥନ ଶତକ ହାସଲ କରିଛନ୍ତି। ଯେଉଁଥିରେ ୧୬ ଛକା ଓ ୮ ଚୌକା ସାମିଲ ରହିଥିଲା। ଫଳରେ ପଞ୍ଜାବ ୨୦ ଓଭରରେ ୫ ୱିକେଟରେ ୩୧୦ ରନର ବିଶାଳ ସ୍କୋର କରିଥିଲା। ଜବାବରେ ବେଙ୍ଗଲ ଅଭିମନ୍ୟୁ ଈଶ୍ୱରନ (୬୬ ବଲରେ ୧୩୦ ରନ) ଅପରାଜିତ ଶତକ ସତ୍ତ୍ୱେ ୯ ୱିକେଟରେ ୧୯୮ ରନ କରି ପରାସ୍ତ ହୋଇଥିଲା। ୧୨ଟି ବଲରେ ଅର୍ଦ୍ଧଶତକ ଓ ୩୨ ବଲରେ ଶତକ ହାସଲ କରି ଅଭିଷେକ ଏକାଧିକ ରେକର୍ଡ ଏହି ଇନିଂସରେ କରିଛନ୍ତି। ଟି-୨୦ରେ ଦ୍ରୁତତ୍ତମ ଅର୍ଦ୍ଧଶତକ ହାସଲକାରୀ ବ୍ୟାଟର୍ ତାଲିକାରେ ସେ ଆଶୁତୋଷ ଶର୍ମା (୧୧ ବଲ୍)ଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେହିଭଳି ଭାରତୀୟ ଭାବେ ଦ୍ରୁତତ୍ତମ ଟି-୨୦ ଶତକ ହାସଲ କରିବାରେ ସେ ୩ୟ ସ୍ଥାନରେ ରହିଛନ୍ତି। ଓପନିଂ ୱିକେଟ ଯୋଡ଼ିରେ ପ୍ରଭସିମରନ ସିଂହ (୭୦ ରନ)ଙ୍କ ସହ ମିଶି ସେ ୨୦୫ ରନର ଭାଗୀଦାରି ଗଢ଼ିଥିଲେ। ଏହି ଟୁର୍ଣ୍ଣାମେଣ୍ଟ ଇତିହାସରେ ଓପନିଂ ୱିକେଟ ଏହା ରେକର୍ଡ ଭାଗୀଦାରି ହୋଇଛି।

## ଅସ୍ମିତା ଖେଲୋ ଇଣ୍ଡିଆ ସଫ୍ଟ ଟେନିସ ଲିଗ୍ ଉଦ୍‌ଯାପିତ

**ଭୁବନେଶ୍ୱର,୩୦।୧୧(ସମିସ):** ଏଠାରେ ଚାଲିଥିବା ଖେଲୋ ଇଣ୍ଡିଆ ସଫ୍ଟ ଟେନିସ ଲିଗ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାର ୧୫ ବର୍ଷରୁ କମ୍ ବାଳିକା ବିଭାଗରେ ଲୋପା ଲିପସାନୀ ସ୍ୱର୍ଣ୍ଣ, ବର୍ଷା ସେଠୀ ରୌପ୍ୟ, ଆଦ୍ୟାଶା ରାଉତରାୟ ଓ ଅଶ୍ୱିନ ଦିଗଲ କାଂସ୍ୟ ପଦକ ପାଇଛନ୍ତି। ୧୮ ବର୍ଷରୁ କମ୍ ବାଳିକା ବିଭାଗରେ ଲିପ୍‌ସାରାଣୀ ପ୍ରଧାନ ସ୍ୱର୍ଣ୍ଣ, ଆଦିପ୍ତା ସାହୁ ରୌପ୍ୟ, ଅର୍ଚ୍ଚନା ମହାପାତ୍ର ଓ ତନୁସ୍କା ନାୟକ କାଂସ୍ୟ ପଦକ ପାଇଥିଲେ। ୨୧ ବର୍ଷରୁ କମ୍ ବାଳିକା ବିଭାଗରେ ଆରୁନିକା ମେହେଟା ସ୍ୱର୍ଣ୍ଣ, ରଷିକା ନନ୍ଦ ରୌପ୍ୟ, ଦିବ୍ୟାଙ୍କା ମେହେର ଓ ତାନିଆ ଜେନା କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି।

## ଆଇପିଏଲ୍‌ରୁ ଅବସର ନେଲେ ରସେଲ୍

**କୋଲକାତା, ୩୦।୧୧ (ଏଜେନ୍ସି):** ୱେଷ୍ଟଇଣ୍ଡିଜର ବିସ୍ଫୋରକ ଅଲ୍‌ରାଉଣ୍ଡର ଆନ୍ଦ୍ରେ ରସେଲ ଆଇପିଏଲ୍‌ରୁ ଅବସର ଘୋଷଣା କରିଛନ୍ତି। ଆଗାମୀ ୧୯ତମ ସିଜନ ପୂର୍ବରୁ କୋଲକାତା ନାଇଟ୍ ରାଇଡର୍ସ ଫ୍ରାଞ୍ଚାଇଜ ରସେଲଙ୍କୁ ଦଳରୁ ରିଲିଜ କରିଥିଲା। ରସେଲ ଏବେ କେକେଆର୍‌ର ପ୍ରଶିକ୍ଷକ ମଣ୍ଡଳୀରେ ଯୋଗଦେବେ ବୋଲି ଜଣାପଡ଼ିଛି। ଆଇପିଏଲ୍‌ରେ ସେ ମୋଟ୍ ୧୪୦ଟି ମ୍ୟାଚ୍ ଖେଳି ୨୬୫୧ ରନ ସଂଗ୍ରହ କରିଛନ୍ତି। ଯେଉଁଥିରେ ୧୨ଟି ଅର୍ଦ୍ଧଶତକ ସାମିଲ ରହିଛି।

## ସୁଲତାନ ଆଜଲାନ ଶାହ କପ୍ ହକି ଭାରତ ରନର୍ସଅପ୍

**ଇପୋ, ୩୦।୧୧ (ଏଜେନ୍ସି):** ମାଲେସିଆରେ ଅନୁଷ୍ଠିତ ସୁଲତାନ ଆଜଲାନ ଶାହ କପ୍ ହକି ଟୁର୍ଣ୍ଣାମେଣ୍ଟର ୩୧ତମ ସଂସ୍କରଣରେ ଭାରତ ରନର୍ସଅପ୍ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ବେଲ୍‌ଜିୟମ ୧-୦ ଗୋଲ୍‌ରେ ଭାରତକୁ ପରାସ୍ତ କରି ପ୍ରଥମଥର ଲାଗି ଚାମ୍ପିଅନ ହୋଇଛି। ମ୍ୟାଚର ୩ୟ କ୍ୱାର୍ଟର ତଥା ୩୪ତମ ମିନିଟରେ ଥିବାଉ ଷ୍ଟୋକବୋଏକ ବେଲ୍‌ଜିୟମ ପାଇଁ ବିଜୟସୂଚକ ଏକମାତ୍ର ଗୋଲଟି ଦେଇଥିଲେ। ପରାଜୟ ସହ ଭାରତ ୪ର୍ଥ ଥର ଲାଗି ରନର୍ସଅପ୍ ହୋଇଛି। ଏଥିପୂର୍ବରୁ ୨୦୦୮, ୨୦୧୬ ଓ ୨୦୧୯ରେ ଭାରତ ରନର୍ସଅପ୍ ହୋଇଥିଲା। ପୂର୍ବରୁ ଭାରତ ମୋଟ୍ ଉପରେ ୫ଥର ଏହି ଟୁର୍ଣ୍ଣାମେଣ୍ଟରେ ଟାଇଟଲ୍ ହାସଲ କରିଛି।

## ରାଜ୍ୟ ୧୭ ବର୍ଷରୁ କମ୍ ଚେସ୍ ଉଦ୍‌ଯାପିତ

**ଭୁବନେଶ୍ୱର,୩୦।୧୧(ସମିସ):** ଓଡ଼ିଶା ରାଜ୍ୟ ଚେସ୍ ସଂଘ ଆନୁକୂଲ୍ୟରେ ରାଜ୍ୟ ୧୭ ବର୍ଷରୁ କମ୍ ଚେସ୍ ଚାମ୍ପିଅନସିପ୍ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ରବିବାର ଉଦ୍‌ଯାପିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ଏପିଜେ ସ୍କୁଲ୍‌ର ପ୍ରାଂଶୁ ଦାସ ଚାମ୍ପିଅନ ଓ ଭୁବନେଶ୍ୱର କେଭି ନଂ-୧ର ଆୟୁଷ୍ମାନ ବେହେରା ରନର୍ସଅପ୍ ହୋଇଛନ୍ତି। ଉଭୟ ଖେଳାଳି ୬.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ବିଜେଇଏମ୍ ସ୍କୁଲ-୧ର ସାଇ କ୍ରିଷ୍ଣା ସାମଲ ତୃତୀୟ, ବିଜେଇଏମ୍-୨ର କୁମାର ପ୍ରଥମ ଚତୁର୍ଥ, ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଆରିଶ ନନ୍ଦ ଗୋସ୍ୱାମୀ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ରୟାଲ ପବ୍ଲିକ୍ ସ୍କୁଲର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ଏହି ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଖେଳ ଶେଷରେ ଭାଇସ୍ ପ୍ରିନ୍ସିପାଲ ପ୍ରଜ୍ଞାପାରମିତା ସାହୁ ଓ ଦେବାଶିଷ ପାଣିଗ୍ରାହୀ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।






ସକାଳ THE SAKALA
A Unit of Nandighosha Network Pvt. Ltd.
ନନ୍ଦିଘୋଷ
5th Anniversary
Presented by
Hero
5TH MINI MARATHON
#RUN FOR HEALTH
Powered by
FALCON REAL ESTATE
Supported by
vedanta transforming for good
ଓମ୍‌ଫେଡ୍ କ୍ଷୀର ଓଡ଼ିଶାର
JSW BPSL
Hospital Partner
manipalhospitals LIFE'S ON
Hospitality Partner
MAYFAIR Hotels & Resorts
Biking Partner
DOC BHUBANESWAR
Our Supporter
MANTRA MUUGDHA
DIRECTED BY
ANUPAM PATNAIK
PRODUCED BY
BARSHA PATNAIK & ANUPAM PATNAIK





BHUBANESWAR
Sishu Bhawan Chhak to Ekamra Hatt
M.: 63716 94142
90404 30007

BALASORE
From Gandhi Smruti Bhawan via Station Chhaka, Police Line chhaka End at Starting point
M.: 94394 52188

SAMBALPUR
GM University to 4C Ground
M.: 93482 39311
94371 49166
97775 49458

JEYPORE
Municipality Parking Place to Jeypore Raja Nahara chowk end at starting point
M.: 94395 10091
80935 70838

ROURKELA
From Statue of Utkalmani Gopabandhu Das to Sector-2 Biju Pattnaik Chhaka
M.: 94370 82777

## ଉତ୍ତର-ପୂର୍ବ ଅସ୍ମିତା ଭାରୋତ୍ତୋଳନ

# ଓଡ଼ିଶା ଦଳଗତ ଚାମ୍ପିଅନ

**ଭୁବନେଶ୍ୱର,୩୦।୧୧(ସମିସ):** କୋଲକାତାରେ ଚାଲିଥିବା ଉତ୍ତର-ପୂର୍ବ ଅସ୍ମିତା ଭାରୋତ୍ତୋଳନ ଚାମ୍ପିଅନସିପ୍ ରବିବାର ଶେଷ ହୋଇଛି। ଏଥିରେ ଓଡ଼ିଶା ସମସ୍ତ ୩ଟି ବିଭାଗ ଯଥା ଯୁବ, କନିଷ୍ଠ ଓ ବରିଷ୍ଠ ବିଭାଗରେ ଦଳଗତ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଏହି ଟୁର୍ଣ୍ଣାମେଣ୍ଟରେ ପ୍ରତ୍ୟେକ ବିଭାଗରେ ୮ଟି ବର୍ଗରେ ଖେଳ ହୋଇଥାଏ। ଏହା ମଧ୍ୟରୁ ଯୁବ ବର୍ଗରେ ଓଡ଼ିଶାର ବନିତା ନାଏକ, ଅଙ୍କିତା ପ୍ରଧାନ, ପ୍ରୀତିମୟୀ ମହାନ୍ତି, ପ୍ରତିଭାରାଣୀ ପାତ୍ର ଓ ମୌସୁମୀ ଦାସ ୫ଟି ସ୍ୱର୍ଣ୍ଣପଦକ ଜିତିଥିଲେ। ଏହି ବିଭାଗରେ ମିନା ସାନ୍ତା-ବି' ଓ ଶ୍ୱେତଲିନା ମହାନ୍ତି ୨ଟି ରୌପ୍ୟ ପଦକ ପାଇଥିଲେ। କନିଷ୍ଠ ବର୍ଗରେ ବନିତା ନାଏକ, ଶ୍ୱେତଲିନା ମହାନ୍ତି, ରିମ୍‌ଝିମ୍ ନାଏକ ୩ଟି ରୌପ୍ୟ ପଦକ ପାଇଥିଲେ। ଏହି ବିଭାଗରେ ମୀନା ସିଂ, ଅଙ୍କିତା ପ୍ରଧାନ, ଆଲିଶା ବେହେରା ଓ ଟିନା ରାଉତ ୪ଟି କାଂସ୍ୟ ପଦକ ଜିତିବା ଫଳରେ ଦଳଗତ ଟାଇଟଲ କବ୍‌ଜା କରିଥିଲେ। ବରିଷ୍ଠ ବିଭାଗରେ ମୌସୁମି ଦାସ ଗୋଟିଏ ସ୍ୱର୍ଣ୍ଣ, ରୋମାଲି ପ୍ରଧାନ ଓ ରିମ୍‌ଝିମ୍ ନାୟକ ୨ଟି ରୌପ୍ୟ, ବନିତା ନାଏକ, ମୀନା ସିଂ ଓ ଅଙ୍କିତା ପ୍ରଧାନ ୩ଟି କାଂସ୍ୟ ପଦକ ଜିତି ଦଳଗତ ଟାଇଟଲ ଜିତିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ପଶ୍ଚିମବଙ୍ଗ, ବିହାର, ଝାଡଖଣ୍ଡ, ମଣିପୁର, ଆସାମ, ତ୍ରିପୁରା, ମେଘାଳୟ, ମିଜୋରାମ ରାଜ୍ୟରୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ଦଳକୁ ରାଜ୍ୟ ଭାରୋତ୍ତୋଳନ ସଂଘ ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ, ଉପସଭାପତି ହରିପ୍ରସାଦ ପଟ୍ଟନାୟକ ଓ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।



## ଆଇକନିକ ଓପନ୍ ଗେଟବଲ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୩୦।୧୧ (ସମିସ):** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ରବିବାର ଆଇକନିକ ଇଣ୍ଡିଆ ଇଣ୍ଟରନ୍ୟାସନାଲ ଓପନ୍ ଗେଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଆଇକନିକ ସ୍ପୋର୍ଟ୍ସ ଫାଉଣ୍ଡେସନ (ଆଇଏସ୍‌ଏଫ୍) ଓ ଭାରତୀୟ ଗେଟ୍‌ବଲ ୟୁନିୟନ (ଆଇଜିୟୁ)ର ମିଳିତ ସହଯୋଗରେ ଆୟୋଜିତ ଏହି ପ୍ରତିଯୋଗିତାକୁ ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦଘାଟନ କରିଥିଲେ। ମନ୍ତ୍ରୀ ରବି ନାରାୟଣ ନାୟକ, ସାଂସଦ ରବୀନ୍ଦ୍ର ନାରାୟଣ ବେହେରା, ସୁଜିତ ଦାସ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହିଥିଲେ। ଏହି ଦୁଇଦିବସୀୟ ପ୍ରତିଯୋଗିତାରେ ଇଣ୍ଡୋନେସିଆ ଓ ତାଇୱାନ ସମେତ ଭାରତର ୧୮ ରାଜ୍ୟର ୨୦୦ରୁ ଉର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଛନ୍ତି। କ୍ଲାସିକ ଓ ଡବଲ୍ସ ବର୍ଗରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଆଇଏସ୍‌ଏଫ୍‌ର ଡିରେକ୍ଟର ସଞ୍ଜୟ ଚୌଧୁରୀ, ଚିଦାତମିକା ଖଟୁଆ, ଶେଖ ଅବଦୁଲ ସମିସ, ପ୍ରମୁଖ ଉଦଘାଟନୀ ଉତ୍ସବରେ ଉପସ୍ଥିତ ରହିଥିଲେ।

## ସୟଦ ମୁସ୍ତାକ ଅଲି ଟି-୨୦

# ପରାଜୟରେ ଓଡ଼ିଶାର ହ୍ୟାଟ୍ରିକ୍

**ଭୁବନେଶ୍ୱର, ୩୦।୧୧ (ସମିସ):** ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ସୟଦ ମୁସ୍ତାକ ଅଲି ଟି-୨୦ ଟ୍ରଫିରେ ଓଡ଼ିଶା ହ୍ୟାଟ୍ରିକ ପରାଜୟବରଣ କରିଛି। ଏଲିଟ୍ ଗ୍ରୁପ୍-ଏ'ରେ ସ୍ଥାନ ପାଇଥିବା ଓଡ଼ିଶା ରବିବାର ୩ୟ ମ୍ୟାଚରେ ୮ ୱିକେଟ୍‌ରେ ବିଦର୍ଭ ନିକଟରୁ ପରାସ୍ତ ହୋଇଛି। ଲକ୍ଷ୍ନୌରେ ଏକନା ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ଜିତି ଓଡ଼ିଶା ଅଧିନାୟକ ବିପ୍ଳବ ସାମନ୍ତରାୟ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ମଧ୍ୟକ୍ରମରେ ସମ୍ବିତ ବରାଳ (୩୮ ବଲରେ ୪୬ ରନ) ଓ ନିମ୍ନଭାଗରେ ପ୍ରୟାସ କୁମାର ସିଂ (୨୬ ବଲରେ ଅପରାଜିତ ୪୦ ରନ)ଙ୍କ ଉପଯୋଗୀ ଇନିଂସ ବଳରେ ଓଡ଼ିଶା ୬ ୱିକେଟରେ ୧୬୦ ରନ ସଂଗ୍ରହ କରିଥିଲା। ବିଦର୍ଭର ଦର୍ଶନ ନାଲକନ୍ଦେଙ୍କୁ ୨ଟି ୱିକେଟ୍ ମିଳିଥିଲା। ଜବାବରେ ଓପନର୍ ଅମନ ମୋଖାଡେ ଓ ଧ୍ରୁବ ସୋରୀଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ବିଦର୍ଭ ୧୪.୫ ଓଭରରେ ମାତ୍ର ୨ ୱିକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଅମନ ୪୦ ବଲରେ ସର୍ବାଧିକ ୭୩ ରନ କରିଥିଲେ। ଏହି ପାଳିରେ ସେ ୫ଟି ଲେଖାଏ ଚୌକା ଓ ଛକା ମାରିଥିଲେ। ସେହିଭଳି ଧ୍ରୁବ ସୋରେ ୬ଟି ଚୌକା ଓ ୩ ଛକା ବଳରେ ୩୯ ବଲରୁ ୬୯ ରନ କରି ଅପରାଜିତ ରହିଥିଲେ। ଅସମାପ୍ତ ୩ୟ ୱିକେଟ ଯୋଡ଼ିରେ ଅମନ ଓ ଧ୍ରୁବ ୧୩୯ ରନର ଭାଗୀଦାରି ଗଢ଼ି ବିଦର୍ଭକୁ ସହଜ ବିଜୟ ଦେଇଥିଲେ। ଓଡ଼ିଶାର ରାଜେଶ ମହାନ୍ତିଙ୍କୁ ୨ଟି ଯାକ ୱିକେଟ୍ ମିଳିଥିଲା। ପୂର୍ବରୁ ଓଡ଼ିଶା ପ୍ରଥମ ମ୍ୟାଚରେ ୧୦ ୱିକେଟରେ କେରଳ ନିକଟରୁ ଏବଂ ଦ୍ୱିତୀୟ ମ୍ୟାଚରେ ୬୬ ରନରେ ଆନ୍ଧ୍ର ପ୍ରଦେଶ ନିକଟରୁ ପରାସ୍ତ ହୋଇଥିଲା।

Personal Loan




Needs: Many
Tenure: Any

Flexible **Personal Loans** from **IDBI Bank.**

Minimum processing time | Maximum tenure | Competitive interest rates

*T&C apply

Toll Free Numbers: 1800-209-4324/1800-22-1070
Non - Toll Free Number : 022-67719100
Visit us : www.idbi.bank.in

IDBI BANK
Bank Aisa Dost Jaisa

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS